NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
28 APRIL 2026
ମଙ୍ଗଳବାର
୨୮ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 340 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୪୦ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

### ଟଙ୍କା ଦେଲାନି ବ୍ୟାଙ୍କ୍

# ଭଉଣୀର ଶବକୁ ଖୋଳି ଆଣିଲା ଭାଇ

**କେନ୍ଦୁଝର,୨୭।୪/ଏନ୍ଏନ୍ଏସ୍:**

ମୃତ ଭଉଣୀଙ୍କ ଜମା ଟଙ୍କା ଆଣିବାକୁ ବ୍ୟାଙ୍କ ଯାଇଥିଲେ ଭାଇ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଦେବା ପାଇଁ ମନା କରିଦେଇଥିଲେ। ଭଉଣୀକୁ ନେଇକି ଆସ, ତା' ପରେ ଟଙ୍କା ଦେବି ବୋଲି ବ୍ୟାଙ୍କ ପରିଚାଳକ କହିଥିଲେ। ବାରମ୍ବାର ତାଙ୍କ ଭଉଣୀ ମରିଯାଇଥିବା କହିବା ପରେ ମଧ୍ୟ ବ୍ୟାଙ୍କରେ କେହି ଶୁଣିନଥିଲେ। ଓଲଟା ଯାହାର ଆକାଉଣ୍ଟ ଅଛି ତାକୁ ଆସିବାକୁ ପଡ଼ିବ ବୋଲି କହିଥିଲେ। ବ୍ୟାଙ୍କ କର୍ମଚାରୀ ଟଙ୍କା ନଦେବାରୁ ଆଜି ଭାଇ ୩ ମାସ ତଳୁ ମାଟି ତଳେ ପୋତା ଯାଇଥିବା ଭଉଣୀର ମୃତଦେହକୁ ଖୋଳି ଆଣି ବ୍ୟାଙ୍କ ଆଗରେ ରଖିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଏଭଳି ଦୃଶ୍ୟ ସମସ୍ତଙ୍କୁ ଆଚାର୍ଯ୍ୟ କରିଛି।

ପ୍ରକାଶ ଯେ ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ଅନର୍ଗତ ଡିଆନାଳୀ ଗ୍ରାମର ଜିତୁ ମୁଣ୍ଡା(୫୦)ଙ୍କ ବଡ ଭଉଣୀ କାଲରା ମୁଣ୍ଡା (୫୬)ଙ୍କ ଗତ ଜାନୁଆରୀ ୨୬ ତାରିଖରେ ପେଟ ରୋଗ କାରଣରୁ ମୃତ୍ୟୁ ଘଟିଥିଲା। ତାଙ୍କ ନାମରେ ପାଖାପାଖି ୨୦ ହଜାର ଟଙ୍କା ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଜମା ଥିଲା। ଏହି ଟଙ୍କା ଉଠାଇବା ପାଇଁ ଜିତୁ ମୁଣ୍ଡା ବାରମ୍ବାର ▶▶ ୬



**ଭଉଣୀର ମୃତ୍ୟୁ ହୋଇଯାଇଥିବା କହିବା ପରେ ବି ବ୍ୟାଙ୍କ୍ ଶୁଣିନଥିଲା**

**ଯାହାର ଆକାଉଣ୍ଟ ଅଛି ତାଙ୍କୁ ଆସିବାକୁ ପଡ଼ିବ ବୋଲି କହିଥିଲେ**

**ପୁଲିସ୍‌ର ହସ୍ତକ୍ଷେପ ପରେ ପୁଣି ପୋତାଗଲା ମୃତଦେହ**

### ବିଶ୍ୱ ବାଣିଜ୍ୟରେ ଏକ ନୂତନ ସୂର୍ଯ୍ୟୋଦୟ

# ଭାରତ-ନ୍ୟୁଜିଲାଣ୍ଡ୍ ଏଫ୍‌ଟିଏ ସ୍ୱାକ୍ଷରିତ

**ନୂଆଦିଲ୍ଲୀ, ୨୭।୪/ଏଜେନ୍ସି:**

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସୋମବାର (୨୭ ଏପ୍ରିଲ, ୨୦୨୬) ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ବିନିଯୋଗ ଏବଂ ରୋଜଗାର କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ବୋଲି ଆଶା କରାଯାଉଛି। ତେବେ ଦୁଇ ଦେଶ ମଧ୍ୟରେ ହୋଇଥିବା ଏହି ଚୁକ୍ତିର ମୁଖ୍ୟ ଆକର୍ଷକ ବିଷୟବସ୍ତୁ ମଧ୍ୟରେ ଶୂନ୍ୟ ଶୁଳ୍କ ବ୍ୟବସ୍ଥା, ବ୍ୟାପକ ପୁଞ୍ଜି ନିବେଶର ପ୍ରତିଶ୍ରୁତି ଭଳି ପ୍ରସଙ୍ଗ ରହିଛି।

ଶୂନ୍ୟ ଶୁଳ୍କ ବ୍ୟବସ୍ଥା ଅନ୍ତର୍ଗତ ନ୍ୟୁଜିଲାଣ୍ଡ, ଏବେ ଭାରତରୁ ରପ୍ତାନି ହେଉଥିବା ୧୦୦% ସାମଗ୍ରୀ (ପ୍ରାୟ ୮୨୮୪ ପ୍ରକାର ସାମଗ୍ରୀ) ଉପରୁ ଆମଦାନୀ ଶୁଳ୍କ ଉଠାଇଦେଇଛି। ଏହାଦ୍ୱାରା ଭାରତୀୟ ରପ୍ତାନିକାରୀମାନେ ବିନା କୌଣସି ଟିକସରେ ନୁଜିଲାଣ୍ଡ୍ ବଜାରରେ ନିଜ ସାମଗ୍ରୀ ବିକ୍ରି କରିପାରିବେ। ଏହାଦ୍ୱାରା କପଡ଼ା, ଚମଡ଼ା, ଜୋତା, ଏବଂ ଇଞ୍ଜିନିୟରିଂ ସାମଗ୍ରୀ ଭଳି ଶ୍ରମ-ଭିତ୍ତିକ ଶିଳ୍ପଗୁଡ଼ିକ ଅଧିକ ଲାଭବାନ ହେବେ। ଅଟୋମୋବାଇଲ ଶିଳ୍ପ କ୍ଷେତ୍ରକୁ ଏହା ଏକ ବଡ଼ ଆଶ୍ୱସ୍ତି ବୋଲି କୁହାଯାଇପାରିବ। ତେବେ ନ୍ୟୁଜିଲାଣ୍ଡର ଏହି ସହଯୋଗ ବଦଳରେ ଭାରତ ମଧ୍ୟ ନ୍ୟୁଜିଲାଣ୍ଡର ପ୍ରାୟ ୯୫% ସାମଗ୍ରୀ ଉପରୁ ଶୁଳ୍କ ହ୍ରାସ କରିଛି କିମ୍ବା ସମ୍ପୂର୍ଣ୍ଣ ଉଠାଇ ଦେଇଛି।



ଏତଦ୍‌ବ୍ୟତୀତ ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତର ଭିତ୍ତିଭୂମି ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ୨୦ ବିଲିଅନ ଆମେରିକୀୟ ଡଲାର ବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ଭାରତୀୟ କାରଖାନାଗୁଡ଼ିକୁ ଶସ୍ତାରେ କଞ୍ଚାମାଲ ଯଥା କୋକିଂ କୋଇଲା, କାଠ ଗଣ୍ଡି ଏବଂ ସ୍କ୍ରାପ୍ ମେଟାଲ୍ ଯୋଗାଇବା ପାଇଁ ଏଥିରେ ବ୍ୟବସ୍ଥା ଅଛି।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ୱାକ୍ଷରିତ ଏହି ଏହି ମୁକ୍ତ ବାଣିଜ୍ୟ ଚୁକ୍ତି ଅନ୍ତର୍ଗତ ନ୍ୟୁଜିଲ୍ୟାଣ୍ଡ ପ୍ରଥମ ଥର ପାଇଁ ଆୟୁର୍ବେଦ, ଯୋଗ ଏବଂ ଭାରତୀୟ ପାରମ୍ପରିକ ଜ୍ଞାନ କୌଶଳକୁ ମାନ୍ୟତା ଦେବା ସହ ଏଥିରେ ସହଯୋଗ ପାଇଁ ସ୍ୱାକ୍ଷର କରିଛି। ଅନ୍ୟପକ୍ଷେ ଚୁକ୍ତି ଅନୁଯାୟୀ, ପ୍ରତିବର୍ଷ ପ୍ରାୟ ୫,୦୦୦ ଦକ୍ଷ ଭାରତୀୟ ବୃତ୍ତିଧାରୀ (ଯଥା: ଆଇଟି ବିଶେଷଜ୍ଞ, ଇଞ୍ଜିନିୟର, ସ୍ୱାସ୍ଥ୍ୟକର୍ମୀ, ଯୋଗ ପ୍ରଶିକ୍ଷକ ଏବଂ ରୋଷେୟା) ନ୍ୟୁଜିଲ୍ୟାଣ୍ଡରେ କାମ କରିବା ପାଇଁ ସ୍ୱତନ୍ତ୍ର ଭିସା ସୁବିଧା ପାଇବେ। ସେହିପରି ଭାରତୀୟ ଷ୍ଟେମ୍ (ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ) ଗ୍ରାଜୁଏଟ୍‌ମାନଙ୍କୁ ନ୍ୟୁଜିଲାଣ୍ଡରେ ତିନି ବର୍ଷ ପର୍ଯ୍ୟନ୍ତ 'ପୋଷ୍ଟ-ଷ୍ଟଡି ୱାର୍କ ରାଇଟ୍ସ' ମିଳିବ। ଅର୍ଥାତ୍ ଭାରତୀୟ ଛାତ୍ରୀଛାତ୍ରମାନେ ନ୍ୟୁଜିଲାଣ୍ଡରେ ▶▶ ୬

**ଏହା ଏକ 'ଐତିହାସିକ ମାଇଲଖୁଣ୍ଟ': ପ୍ରଧାନମନ୍ତ୍ରୀ**

**ଭାରତର ଶିଳ୍ପ ଓ ରପ୍ତାନି କ୍ଷେତ୍ରକୁ ବ୍ୟାପକ ଲାଭ ମିଳିବ**

**ପ୍ରତିବର୍ଷ ପ୍ରାୟ ୫,୦୦୦ ଦକ୍ଷ ଭାରତୀୟ ବୃତ୍ତିଧାରୀଙ୍କୁ କାମ କରିବା ପାଇଁ ସ୍ୱତନ୍ତ୍ର ଭିସା**

**ଭାରତୀୟ ଷ୍ଟେମ୍ ଗ୍ରାଜୁଏଟ୍‌ଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ 'ପୋଷ୍ଟ୍-ଷ୍ଟଡି ୱାର୍କ ରାଇଟ୍ସ'**

### ଅଶୁଭ ସୋମବାର

# ଦୁର୍ଘଟଣାରେ ଗଲା ୬ ଜୀବନ

**ଭବାନୀପାଟଣା,କରଞ୍ଜିଆ,୨୭।୪/ଏନ୍ଏନ୍ଏସ୍:**

ସୋମବାର ରାଜ୍ୟର ୩ଟି ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ମୋଟ୍ ୬ ଜଣଙ୍କ ମୃତ୍ୟୁ ହୋଇଛି। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବୁଢ଼ୀପଦାର ଛକ ନିକଟରେ ଦୁର୍ଘଟଣା ଘଟି ମାମୁ ଓ ଭଣଜାଙ୍କ ମୃତ୍ୟୁ ହୋଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲା ୨୨୦ ନମ୍ବର ଜାତୀୟ ରାଜପଥ କରଞ୍ଜିଆ ବାଉନାଶାଳ ନିକଟସ୍ଥ ଗ୍ରୀଡ ସମ୍ମୁଖରେ ସ୍କର୍ପିଓ ଏବଂ ବାଇକ ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ହୋଇଥିବାବେଳେ କରଞ୍ଜିଆ ବ୍ଲକ ଠାକୁରମୁଣ୍ଡା- କରଞ୍ଜିଆ ରାଜ୍ୟ ରାଜପଥ -୫୩ କାଦଡିହା ଭାଟିସାହି ଛକ ଠାରେ ବସ୍ ଓ କାର ମଧ୍ୟରେ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି।

ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବୁଢ଼ୀପଦାର ଛକ ନିକଟରେ ସୋମବାର ସକାଳେ ଏକ ବାଇକକୁ ପିକ ଅପ୍ ଧକ୍କା ଦେବାରୁ ମାମୁଁ ଭଣଜାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଜୁନାଗଡ଼ ବ୍ଲକ ଚିକଲି ଗାଁର ମୁକେଶ ନାଗ (୧୮) ଓ ମାଟି ଗାଁର ମହେନ୍ଦ୍ର ନାଏକ (୧୩)। କୌଣସି କାମ ପାଇଁ ଉଭୟ ଏକ ବାଇକ ଯୋଗେ ଜୁନାଗଡ଼ ଆସୁଥିଲେ। ସେହି ସମୟରେ ଜୁନାଗଡ଼ ବୁଢ଼ୀପଦର ଛକ ନିକଟରେ ବିପରୀତ ଦିଗରୁ ସାହୁ ମେଲୋଡି ପିକଅପ ଭ୍ୟାନ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ମାମୁଁ ମୁକେଶ ଓ ଭଣଜା ମହେନ୍ଦ୍ରଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।ତେବେ ପିକଅପ ଭ୍ୟାନ ଦୁର୍ଘଟଣା ଘଟେଇ ଘଟଣା ସ୍ଥଳରୁ ଫେରାର ମାରିଥିଲେ ମଧ୍ୟ ଜୁନାଗଡ଼ ପୁଲିସ ଠାବ କରିବା ସହ ଜବତ କରିଛି। ତେବେ ଭ୍ୟାନ ଚାଳକ ଫେରାର ଥିବା ତଦନ୍ତ କରୁଥିବା ଏସଆଇ ତପନ କାଲୋ ସୂଚନା ଦେଇଛନ୍ତି।

ସେହିପରି ୨୨୦ ନମ୍ବର ଜାତୀୟ ରାଜପଥ କରଞ୍ଜିଆ ବାଉନାଶାଳ ନିକଟସ୍ଥ ଗ୍ରୀଡ ସମ୍ମୁଖରେ ସୋମବାର ପୂର୍ବାହ୍ଣ ପ୍ରାୟ ୧୧ ଟା ସମୟରେ ଏକ ସ୍କର୍ପିଓ ଦ୍ରୁତ ଗତିରେ ଘଟଗାଁ ତାରିଣୀ ଦର୍ଶନ ପାଇଁ ଝାଡ଼ଖଣ୍ଡର ଜାମସେଦପୁରରୁ ଆସୁଥିବା ବେଳେ ଏକ ମଟରସାଇକେଲ କରଞ୍ଜିଆ ପଟରୁ ଯାଉଥିବା ବେଳେ ଧକ୍କା ହୋଇଥିଲା। ମୋଟରସାଇକେଲଟି ରାସ୍ତାରୁ ଛିଟିକି ପଡ଼ିଥିଲା ଏବଂ ସ୍କର୍ପିଓର ମଧ୍ୟ ସମ୍ମୁଖ ପଟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି।ମୋଟରସାଇକେଲ ଯୋଗେ କରଞ୍ଜିଆ ପଟରୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ନିଜ ଘର ଯଶିପୁର ବ୍ଲକ ପାଣ୍ଡକୁ ଯାଉଥିବା ସ୍ୱାମୀ ଓ ସ୍ତ୍ରୀ କବିତା ନାଏକ ଓ ଶଙ୍କର ନାଏକ ଏହି ଦୁର୍ଘଟଣାରେ ଗୁରୁତର ହୋଇ ରାସ୍ତା ଉପରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ କରଞ୍ଜିଆ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ କବିତା ଓ ଶଙ୍କରଙ୍କୁ କରଞ୍ଜିଆ ଉପଖଣ୍ଡ ▶▶ ୬

**ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ମାମୁ, ଭଣଜା ମୃତ**

**ବାଇକ୍‌କୁ ପିଟିଲା ସ୍କର୍ପିଓ, ଦମ୍ପତି ମୃତ**

**କାର୍-ବସ୍ ଧକ୍କା, ୨ମୃତ**

### ଲୁଟେରା ଗ୍ୟାଙ୍ଗ୍‌ର ୩ ଗିରଫ

# କୋଟିଏ ଟଙ୍କାର ଅଳଙ୍କାର ଜବତ



**୧୮୮ ଗ୍ରାମ ସୁନା, ୨୭.୫୦୦ କିଲୋ ରୁପା ଜବତ**

**ନଗଦ ୪ ଲକ୍ଷ ୮୦ ହଜାର ଟଙ୍କା ମଧ୍ୟ ଠାବ**

**ବାଲେଶ୍ୱର,୨୭।୪/ଏନ୍ଏନ୍ଏସ୍:**

ବାଲେଶ୍ୱର ସଦର ଥାନା ଅଧୀନ ଫକୀର ମୋହନ ନଗରର ସଚୀନ୍ଦ୍ର ଦାସଙ୍କ ଘରେ ବଡ଼ ଧରଣର ଚୋରି ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏକ ଦୁର୍ଦ୍ଦାନ୍ତ ଲୁଟେରା ଗ୍ୟାଙ୍ଗ୍‌ର ୩ ଜଣଙ୍କୁ ଗିରଫ କରାଯାଇଛି। ଘରର ଝରକା ଗ୍ରୀଲ୍ ତାଡ଼ି ଲୁଟ୍ କରିଥିବା ୩ ଜଣ ଦୁର୍ଦ୍ଦାନ୍ତ ଚୋରଙ୍କ ସମେତ ଚୋରି ସାମଗ୍ରୀ କିଣୁଥିବା ଜଣେ ବ୍ୟବସାୟୀଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଅନୁମାନିକ କୋଟିଏ ଟଙ୍କାରୁ ଅଧିକ ମୂଲ୍ୟର ଅଳଙ୍କାର ଜବତ୍ କରାଯାଇଛି। ଏଥିରେ ୧୮୮ ଗ୍ରାମ ସୁନା, ୨୭ କିଲୋ ୫୦୦ ଗ୍ରାମ ରୁପା ଏବଂ ନଗଦ ୪ ଲକ୍ଷ ୮୦ ହଜାର ୪୦୦ ଟଙ୍କା ଜବତ ହୋଇଛି। କେବଳ ସେତିକି ନୁହେଁ ଚୋରି ଟଙ୍କାରେ କିଣାଯାଇଥିବା ଏକ ବୁଲେଟ୍, ଏଲ୍‌ଇଡି ଟିଭି, ଇନଭର୍ଟର ଏବଂ ଫ୍ରିଜ୍ ମଧ୍ୟ ଜବତ କରାଯାଇଛି। ଗିରଫ ୩ ଜଣ ମୁଖ୍ୟ ଅଭିଯୁକ୍ତ ହେଲେ ଦୀପକ ବେହେରା ଓରଫ ▶▶ ୬

# ରେଙ୍ଗାଲି ବାମ ବନ୍ଧ କେନାଲ୍ ଡିଭିଜନ୍ ଅଫିସ୍ ସିଲ୍

**କାମାକ୍ଷାନଗର,୨୭।୪/ଏନ୍ଏନ୍ଏସ୍:**

ଢେଙ୍କାନାଳ ଜିଲ୍ଲା କୋମାକ୍ଷାନଗର ସହର ଜିରିଡାମାଳି ଠାରେ ଥିବା ରେଙ୍ଗାଳି ବାମ ବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟକୁ କଟକ କମର୍ସିଆଲ କୋର୍ଟଙ୍କ ପକ୍ଷରୁ ସିଲ୍ କରାଯାଇଛି। ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ ନାମକ ଠିକାସଂସ୍ଥା କେନାଲ କାମକୁ ନେଇ ବକେୟା ଟଙ୍କା ପାଇବାକୁ ଥିବାବେଳେ ଆଜି ପର୍ଯ୍ୟନ୍ତ ଟଙ୍କା ନମିଳିବାରୁ କୋର୍ଟଙ୍କ ନିର୍ଦ୍ଦେଶରେ କାର୍ଯ୍ୟାଳୟକୁ ସିଲ୍ କରାଯାଇଛି। ପ୍ରକାଶ ରେଙ୍ଗାଳି ବାମବନ୍ଧ କେନାଲ ଡିଭିଜନ ଅଧୀନରେ ୨୦୦୩-୦୪ ମସିହାରେ ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ ନାମକ ଠିକା ସଂସ୍ଥା ଭଏରପୁର ନିକଟରେ ପ୍ରାୟ ୧ କୋଟି ଟଙ୍କାର କେନାଲ କାର୍ଯ୍ୟ କରିଥିଲେ। କାମ ସାରିବା ପରେ ଅନେକ ବର୍ଷ ଯାଏଁ ବିଭାଗ ତରଫରୁ ଉକ୍ତ ଠିକାସଂସ୍ଥାକୁ ବିଲ ବାବଦ ଅର୍ଥ ପ୍ରଦାନ କରାଯାଇ ନଥିଲା। ଯାହା ଫଳରେ ଠିକାସଂସ୍ଥା ▶▶ ୬

### ମଧ୍ୟପ୍ରାଚ୍ୟ ଯୁଦ୍ଧରେ ନୂଆ ମୋଡ଼

# ଇରାନ୍‌କୁ ମିଳିଲା ରୁଷ୍‌ର ସମର୍ଥନ

**ତେହରାନ୍, ୱାଶିଂଟନ, ମସ୍କୋ, ୨୭।୪/ଏଜେନ୍ସି:**

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଏବେ ଏକ ନୂଆ ମୋଡ଼ ଆସିଛି। ରିପୋର୍ଟ ଅନୁସାରେ ରୁଷ୍ ଏବେ ସିଧାସଳଖ ଇରାନ୍‌କୁ ସମର୍ଥନ ବ୍ୟକ୍ତ କରିଛି। ସୋମବାର ଇରାନ୍ ବିଦେଶ ମନ୍ତ୍ରୀ ଅବ୍ବାସ ଅରାଘାଚୀ ରୁଷ୍ ଗସ୍ତ କରି ସେଣ୍ଟ ପିଟର୍ସବର୍ଗଠାରେ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍‌ଙ୍କୁ ଭେଟିଛନ୍ତି। ପୁତିନ୍ ମଧ୍ୟ ଇରାନ୍‌କୁ ସମର୍ଥନ ଦେଇ କହିଛନ୍ତି ଯେ ଇରାନବାସୀ ନିଜର ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ରକ୍ଷା ପାଇଁ ବୀରତ୍ୱର ସହ ଲଢୁଛନ୍ତି। ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ରୁଷ୍, ଇରାନ୍‌କୁ ସମସ୍ତ ସମ୍ଭାବ୍ୟ ସାହାଯ୍ୟ କରିବା ନେଇ ପ୍ରତିଶ୍ରୁତିବଦ୍ଧ। ପୁତିନ୍ ନିକଟରେ ଇରାନର ନୂତନ ସର୍ବୋଚ୍ଚ ନେତା ମୁଜତବା ଖାମେନେଇଙ୍କଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଗ୍ରହଣ କରିଛନ୍ତି ଏବଂ ଦୁଇ ଦେଶ ମଧ୍ୟରେ ରଣନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ, ଫେବ୍ରୁଆରୀ ୨୮, ୨୦୨୬ ରେ ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣରେ ପୂର୍ବତନ ସର୍ବୋଚ୍ଚ ନେତା ଆୟତୋଲା ଅଲି ଖାମେନେଇଙ୍କ ମୃତ୍ୟୁ ହେବା ପରେ ତାଙ୍କ ପୁଅ ମୋଜତବା ଖାମେନେଇ ଇରାନର ଶାସନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ଇରାନ ନିଜର ସୁରକ୍ଷା ପାଇଁ ରୁଷ୍ ସହ ସମ୍ପର୍କକୁ ଅଧିକ ଗୁରୁତ୍ୱ ଦେଉଛି।



**ତେହରାନ୍‌କୁ ସବୁପ୍ରକାର ସହାୟତା କରିବାକୁ ଆମେ ପ୍ରସ୍ତୁତ: ପୁତିନ୍**

**ଇରାନ୍ ପାଖରେ ଆଉ ମାତ୍ର ଅଳ୍ପ ସମୟ ବଞ୍ଚିଛି: ଟ୍ରମ୍ପ୍**

ଅନ୍ୟପକ୍ଷେ, ଆମେରିକା ଏବଂ ଇରାନ ମଧ୍ୟରେ ପାକିସ୍ତାନରେ ହେବାକୁ ଥିବା ଶାନ୍ତି ଆଲୋଚନା ବିଫଳ ହେବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଜି ଜାତୀୟ ସୁରକ୍ଷା ଟିମ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ▶▶ ୬

### ଚାକିରି ଓ ଶିକ୍ଷା କ୍ଷେତ୍ରରେ ଦିବ୍ୟାଙ୍ଗଙ୍କୁ ଆଶ୍ୱସ୍ତି

# ହେବନି ବାରମ୍ବାର ମେଡିକାଲ୍ ଯାଞ୍ଚ

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:**

ଦିବ୍ୟାଙ୍ଗଙ୍କ ମାନବିକ ଅଧିକାର ଉଲ୍ଲଙ୍ଘନକୁ ନେଇ ଜାତୀୟ ମାନବାଧିକାର ଆୟୋଗ(ଏନ୍ଏଚ୍ଆର୍‌ସି)ଙ୍କ ଉଦ୍‌ବେଗ ପରେ ରାଜ୍ୟ ସରକାର ନିଜର ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି। ଚାକିରି ଓ ଶିକ୍ଷା କ୍ଷେତ୍ରରେ ଦିବ୍ୟାଙ୍ଗଙ୍କୁ ଆଉ ବାରମ୍ବାର ଭିନ୍ନକ୍ଷମ ପ୍ରମାଣପତ୍ରର ଯାଞ୍ଚ ବା ସାମୂହିକ ଯାଞ୍ଚ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ସୋନିଆ ବେହେରା ଆଜି ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ଏହି ସୂଚନା ଦେଇଛନ୍ତି ।

ସରକାରୀ ଚାକିରି ଓ ଶିକ୍ଷାନୁଷ୍ଠାନରେ ନାମଲେଖାବେଳେ ପ୍ରଶାସନିକ ଅଧିକାରୀମାନେ ପ୍ରକୃତ ଦିବ୍ୟାଙ୍ଗ ବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପୁନର୍ବାର ମେଡିକାଲ ପରୀକ୍ଷା ପାଇଁ ବାଧ କରୁଥିଲେ, ଯାହା ସେମାନଙ୍କ ପାଇଁ ଅପମାନଜନକ ଓ ମାନସିକ ଯନ୍ତ୍ରଣାଦାୟୀ ଥିଲା। ଦେଶର ବିଭିନ୍ନ ସ୍ଥାନରେ ଭିନ୍ନକ୍ଷମମାନଙ୍କ ସାର୍ଟିଫିକେଟ୍ ଯାଂଚ ନାଁରେ କରାଯାଉଥିବା ହଇରାଣ ହରକତକୁ ନେଇ ଏନ୍ଏଚ୍ଆର୍‌ସି ଉଦବେଗ ବ୍ୟକ୍ତ କରିବା ପରେ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି।

ବିଭାଗୀୟ ଅତିରିକ୍ତ ସଚିବ ଶ୍ରୀମତୀ ବେହେରା ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, ସରକାରୀ ଚାକିରି ଓ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମଲେଖା ସମୟରେ ଭିନ୍ନକ୍ଷମମାନଙ୍କ ପାଇଁ ୨୦୨୫ ଅକ୍ଟୋବର ୧୫ ତାରିଖରେ ଜାରି ହୋଇଥିବା ଏସଓପି ବା ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ କରାଯିବ। ଏନ୍ଏଚ୍ଆର୍‌ସି ମହାସଚିବ ଭରତ ଲାଲ ଗତମାସରେ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଚିଠି ଲେଖି ଦର୍ଶାଇଥିଲେ ଯେ, ଏହି ଏସଓପିର ▶▶ ୬

**ଦ୍ୱିତୀୟ ପର୍ଯ୍ୟାୟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ**

# ସରିଲା ପ୍ରଚାର, ୨୯ରେ ଭୋଟ୍

### ମୋଦୀଙ୍କ ଦୃଢ଼ୋକ୍ତି: ବିହାର, ଓଡ଼ିଶା ପରେ ଏବେ ପଶ୍ଚିମବଙ୍ଗର ପାଳି

**କୋଲକାତା, ୨୭।୪/ଏଜେନ୍ସି:**

୨୭ ଏପ୍ରିଲ ୨୦୨୬ ଅର୍ଥାତ୍ ସୋମବାର, ସନ୍ଧ୍ୟା ୬ଟାରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ଅଭିଯାନ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୬ ଜିଲ୍ଲାର ୧୫୨ଟି ବିଧାନସଭା ଆସନ ପାଇଁ ଭୋଟ୍‌ଗ୍ରହଣ ଗତ ୨୩ ତାରିଖରେ ଶେଷ ହୋଇଥିବା ବେଳେ ଆସନ୍ତା ୨୯ ତାରିଖ ଅର୍ଥାତ୍ ବୁଧବାର ବାକି ୧୪୨ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ତେବେ ୨ୟ ପର୍ଯ୍ୟାୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୋଲକାତା ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ପ୍ରଚାର କରିଛନ୍ତି। ପଶ୍ଚିମବଙ୍ଗର ମୋଟ୍ ବିଧାନସଭା ଆସନ ସଂଖ୍ୟା ୨୯୪ ରହିଛି।

କୋଲକାତା ସଂଲଗ୍ନ ବାରାକପୁର୍ ଠାରେ ପ୍ରଧାନମନ୍ତ୍ରୀ ମୋଦୀ, ନିଜ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ଏକ ବିଶାଳ ଜନସଭା ତଥା ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଥିଲେ। ମୋଦୀ ନିଜ ଭାଷଣରେ କହିଛନ୍ତି, ବଙ୍ଗଳାର ମନୋଭାବରୁ ସ୍ପଷ୍ଟ ଜଣାପଡୁଛି ଯେ ଏଠାରେ ବିଜେପି ସରକାର ଗଠନ କରିବାକୁ ଯାଉଛି। ସେ ଏବେ ଏତେ ଆତ୍ମବିଶ୍ୱାସୀ ଯେ, ଆସନ୍ତା ମେ' ୪ ତାରିଖ (ଫଳାଫଳ ଘୋଷଣା) ପରେ ସେ ବିଜେପି ସରକାରର ଶପଥ ଗ୍ରହଣ ଉତ୍ସବରେ ଯୋଗଦେବାକୁ ପୁଣି ବଙ୍ଗଳା ଆସିବେ ବୋଲି ମଧ୍ୟ ଦମ୍ଭୋକ୍ତି ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଛନ୍ତି। ବାରାକପୁରର ଏହି ମାଟି ହିଁ ୧୯୫୭ ମସିହାରେ ପ୍ରଥମ ସ୍ୱାଧୀନତା ଯୁଦ୍ଧକୁ ଶକ୍ତି ପ୍ରଦାନ କରିଥିଲା। ଏହି ମାଟି ଆଜି ବଙ୍ଗଳାରେ ପରିବର୍ତ୍ତନ ପାଇଁ ▶▶ ୬



**ବିଜେପିର ଶପଥ ସମାରୋହରେ ପୁଣି ଦେଖାହେବ**

### ୫୧୦ କୋଟିର ସମ୍ପତ୍ତି ଜବତ: ଇସିଆଇ

**କୋଲକାତା, ନୂଆଦିଲ୍ଲୀ, ୨୭।୪/ଏଜେନ୍ସି:**

ପଶ୍ଚିମବଙ୍ଗରେ ଚାଲିଥିବା ବିଧାନସଭା ନିର୍ବାଚନ ମଧ୍ୟରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଏକ ବଡ଼ ଧରଣର ଜବତ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଛନ୍ତି। କମିଶନଙ୍କ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ଏପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ୫୧୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ଜବତ କରାଯାଇଛି। ଜବତ ସମ୍ପତ୍ତି ମଧ୍ୟରେ ଭୋଟରମାନଙ୍କୁ ପ୍ରଲୋଭିତ କରିବା ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ ସାମଗ୍ରୀ ମଧ୍ୟରେ ମୁଖ୍ୟତଃ ବିପୁଳ ପରିମାଣର ନଗଦ ଟଙ୍କା, ମାଦକ ଏବଂ ନିଶାଦ୍ରବ୍ୟ, ମୂଲ୍ୟବାନ ଧାତୁ (ସୁନା, ରୁପା, ହୀରା) ଇତ୍ୟାଦି ସାମିଲ ରହିଛି। ତେବେ ପୂର୍ବ ନିର୍ବାଚନ ତୁଳନାରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ, ଯାହା ନିର୍ବାଚନୀ ▶▶ ୬

## ବେଆଇନ କରତକଳ ଉପରେ ଚଢ଼ଉ

**ବୟାଳିଶମୌଜା,୨୭।୪/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜା ଥାନା ଅଧିନସ୍ଥ କଦମ୍ବପଡା ଅଞ୍ଚଳରେ ଦୀର୍ଘ ଦିନ ହେଲା ଚାଲିଥିବା ବେଆଇନ କରତକଳ ଉପରେ ଆଜି ସୋମବାର ଦିନ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ ହୋଇଥିବା ଜଣାପଡିଛି । ଚଢ଼ାଉରେ ଭିଜିଲାନ୍ସ ଟିମ୍ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ କାଠ ସବୁ ଡିକ ଜବତକରି ନିଜ ହେପାଜତକୁ ନେଇଯାଇଥିଲେ ଜଣାଯାଇଛି । ସୂଚନାଯୋଗ୍ୟ ଯେ ଉକ୍ତ ବେଆଇନ କରତକଳ ଉପରେ ଅନେକ ଥର ବନ ବିଭାଗ ପକ୍ଷରୁ ଚଡାଉ କରାଯାଇଥିବା ବେଳେ ତାହା କେବଳ ଲୋକଦେଖାଣିଆ ବୋଲି ଅଭିଯୋଗ ହେଉଛି ।

ନିତିଦିନ NITIDIN

# ତିନି ରଥର ୪୨ ତୁମ୍ବ ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ

**ପୁରୀ,୨୭।୪/ଏନ୍ଏନ୍ଏସ୍:** ଆଜି ରଥ ନିର୍ମାଣର ସପ୍ତମ ଦିନରେ ରଥ ନିର୍ମାଣକାରୀ ବୃନ୍ଦ ସକାଳ ୮ଘଟିକା ପୂର୍ବରୁ ରଥଖଳା ଠାରେ ଉପସ୍ଥିତ ହୋଇ ଦୈନଦିନ ପ୍ରକାରେ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ନିର୍ଦ୍ଦେଶ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଆଜି ରଥ ନିର୍ମାଣ ରେ ତିନିରଥ ମହାରଣା ସେବକ ୬୩ଜଣ, ଭୋଇ ସେବକ ୩୪ ଜଣ, କରତୀ ସେବକ ୪ଜଣ, ତିନି ରଥ କମାର ସେବକ ୯ ଜଣ, ରଥ ଖଳା ସହାୟକ(ପାଣି ବାଲା) ଜଣେ ରଥଖଳା ରଥ ନିର୍ମାଣ କାର୍ଯ୍ୟରେ ମୋଟ ୧୧୧ ଜଣ ଯୋଗ ଦେଇଥିଲେ । ଗତକାଲି ତିନିରଥ ର ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବ ବିନ୍ଧ ଅନୁକୂଳ ପୂଜା ପରେ ତୁମ୍ବ ଗୁଡିକରେ ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇ ତିନି ରଥର ୫୦ ଭାଗ ତୁମ୍ବ ଗୁଡ଼ିକରେ ବିନ୍ଧ କାର୍ଯ୍ୟ ଶେଷ ହୋଇଥିଲା । ଆଜି ସପ୍ତମ ଦିନରେ ତିନିରଥ ଚାଳି ମହାରଣା ସେବକମାନେ ତୁମ୍ବ ଗୁଡ଼ିକରେ ବିନ୍ଧ କାର୍ଯ୍ୟ ଜାରୀ ରଖିଛନ୍ତି, ଆଜିର ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ତିନିରଥ ମୋଟ ୪୨ଗୋଟି ତୁମ୍ବର ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତାକାଲି ତୁମ୍ବ ବିନ୍ଧ ଗୁଡ଼ିକର ସଂଶୋଧନ କାର୍ଯ୍ୟ ସହ ତୁମ୍ବ ବିନ୍ଧରେ ଅର କଣ୍ଟା ବସିବା ପାଇଁ ଅଗର ବିନ୍ଧ କରାଯିବ ବୋଲି ତିନିରଥ ମୁଖ୍ୟ ମହାରଣାମାନେ ସୂଚନା ଦେଇଛନ୍ତି । ଏଥିସହ ଆଜି କରତୀ ମହାରଣା ସେବକମାନେ ଆଉ ୪ଗୋଟି ତୁମ୍ବ ର ଘେରକଟା କାର୍ଯ୍ୟ ଶେଷ କରିଛନ୍ତି । ଅନ୍ୟପଟେ ଆଜି ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାର ଶାଳରେ ତିନିରଥ ଓଝା କମାର ସେବକମାନେ ତିନି ରଥର ଅର କଣ୍ଟା ପ୍ରସ୍ତୁତି ସହ ତୁମ୍ବ ଅଖ ବିନ୍ଧରେ ବସିବା ପାଇଁ 'ପନ୍ଦାରି ବଳା' ନିର୍ମାଣ ଜାରୀ ରଖିଛନ୍ତି । ଆଜିର କାର୍ଯ୍ୟ ଶେଷବେଳକୁ ତିନିରଥ ଓଝା କମାର ସେବକ ମାନେ ତିନି ତିନୋଟି ଚକ ପାଇଁ ଆବଶ୍ୟକ ପନ୍ଦାରି ବଳା ନିର୍ମାଣ ସହ ଦୁଇ ଦୁଇଟି ଚକର ଅର କଣ୍ଟା ପ୍ରସ୍ତୁତ ସହ ବାକି ଚକ ଗୁଡ଼ିକର ଅର କଣ୍ଟା ନିର୍ମାଣ ପାଇଁ ଆବଶ୍ୟକ ପ୍ରକାରେ ଜି.ଆଇ ଲୁହା ରଡ଼ ମାପ ପ୍ରକାରେ କାଟି ସାଇତିଛନ୍ତି ।



## ମା' ମଙ୍ଗଳା ମହୋତ୍ସବ ଉଦ୍‌ଯାପିତ



**ଅସ୍ତରଙ୍ଗ,୨୭।୪/ଏନ୍ଏନ୍ଏସ୍:** କାକଟପୁର ଠାରେ ତିନିଦିନ ଧରି ଆୟୋଜିତ ହେଉଥିବା ମା' ମଙ୍ଗଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଆଦ୍ୟ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ନବଦୁର୍ଗା, ମହାରାଷ୍ଟ୍ର ର ଲୋକନୃତ୍ୟ, ଆସାମର ବିହୁ ନୃତ୍ୟ ଓ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କ ନିଦର୍ଶନରେ ପ୍ରତ୍ୟୁଷ ପ୍ରିୟା, କୁମାରୀ ଟୁବୁଲାଙ୍କ ଓଡିଶୀ ନୃତ୍ୟ ବେଶ ଚିତାକର୍ଷକ ଓ ଆଦୃତ ହୋଇଥିଲା । ପରେ ମହୋତ୍ସବ ସଭାପତି ବିଧାୟକ ତୁଷାରକାନ୍ତି ବେହେରା, କମିଟି ସମ୍ପାଦକ ସ୍ୱାଧୀନ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସ୍ୱପ୍ନେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇଥିଲେ । ମହୋତ୍ସବକୁ ସରକାରୀ ସ୍ତରରେ ପାଳନ କଲେ ଏହା ଅତ୍ୟନ୍ତ ଉଚ୍ଚ କୋଟିର ଓ ଲୋକାଦୃତ ହୋଇପାରିବ ବୋଲି ମତ ଦେଇଥିଲେ । ମହୋତ୍ସବର ସର୍ବୋଚ୍ଚ ସମ୍ମାନ ମଙ୍ଗଳା ସମ୍ମାନକୁ ଅବସରପ୍ରାପ୍ତ ପ୍ରଶାସକ ଦେବରାଜ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିବା ବେଳେ, ଗତିକୃଷ୍ଣ ସ୍ୱାଇଁ ସ୍ମାରକୀ ସମ୍ମାନରେ ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବକ ଜ୍ଞାନରଞ୍ଜନ ସାହୁଙ୍କୁ, ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନରେ ଓଡିଶୀ ଗୁରୁ ଲିଙ୍ଗରାଜ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଯାପିତ ସନ୍ଧ୍ୟାର ଅନ୍ତିମ ପର୍ଯ୍ୟାୟରେ ସତ୍ୟଜିତ ପ୍ରଧାନଙ୍କ ସଂଗୀତ ପରିବେଷଣକୁ ଦର୍ଶକ ବେଶ ଉପଭୋଗ କରିଥିଲେ । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ମନୋରଞ୍ଜନ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଉପସ୍ଥାପିକା ଅଭିଲିପ୍ସା ପଣ୍ଡା ଓ ପ୍ରତାପ ରାଉତଙ୍କ ମଞ୍ଚ ପରିଚାଳନାରେ କାର୍ଯ୍ୟକ୍ରମ ଟି ସରସ ସୁନ୍ଦର ହୋଇପାରିଥିଲା । ଚଳିତ ବର୍ଷ ମହୋତ୍ସବଟି ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇପାରି ଥିବାରୁ ପରିଚାଳନାର ସମସ୍ତ ଆଠ ଗୋଟି ବିଭାଗ ମୁଖ୍ୟଙ୍କୁ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରଜନୀଗନ୍ଧାର ସାରସ୍ୱତ ସମାରୋହ



**ନୟାଗଡ଼,୨୭।୪/ଏନ୍ଏନ୍ଏସ୍:** ମୁକୁଳିତ ରଜନୀଗନ୍ଧା ସାହିତ୍ୟ ପତ୍ରିକାର ବାର୍ଷିକ ସାରସ୍ୱତ ସମାରୋହ-୨୦୨୬ ରବିବାର ନୟାଗଡ଼ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରଜନୀଗନ୍ଧା ସାହିତ୍ୟ ପତ୍ରିକା ପକ୍ଷରୁ ଆୟୋଜିତ ଉତ୍ସବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୂର୍ଯ୍ୟ ମିଶ୍ର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ରକ୍ଷକ ନାୟକ, ସାହିତ୍ୟିକ କାଳିପଦ ପଣ୍ଡା, ବିଶିଷ୍ଟ ଗାଳ୍ପିକ ସୁନୀଲ୍ ମିଶ୍ର, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପିକା ପ୍ରିୟମ୍ବଦା ଦାଶ ଯୋଗଦେଇଥିଲେ । ପ୍ରଥମ ଅଧିବେଶନରେ ସାହିତ୍ୟିକ ନିର୍ମଳ ଚନ୍ଦ୍ର ଶୂରଦେଓ ସଭାପତିତ୍ୱ କରିଥିଲେ । ଏହି ଅବସରରେ ସାମଗ୍ରିକ ସାହିତ୍ୟ କୃତି ପାଇଁ ଡ. ବିଜୟ କୁମାର ଚୌଧୁରୀଙ୍କୁ ରଜନୀଗନ୍ଧା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ରଜନୀଗନ୍ଧାର ବାର୍ଷିକ ସଂଖ୍ୟାକୁ ଉନ୍ମୋଚନ କରିଥିଲେ । ସେହିପରି ସାରସ୍ୱତ ସାଧନା କ୍ଷେତ୍ରରେ ବିଜୟ କୁମାର ମହାନ୍ତିଙ୍କୁ ରଜନୀଗନ୍ଧା ପ୍ରବନ୍ଧ ସମ୍ମାନ, ତପନ ମହାପାତ୍ରଙ୍କୁ ରଜନୀଗନ୍ଧା ଗଳ୍ପ ସମ୍ମାନ, ଭିକାରୀ ଧଳଙ୍କୁ ରଜନୀଗନ୍ଧା କବିତା ସମ୍ମାନ, କନକ ମଞ୍ଜରୀ ପଟ୍ଟନାୟକଙ୍କୁ ରଜନୀଗନ୍ଧା ଅନୁବାଦ ସମ୍ମାନ, ବିଶ୍ୱନାଥ ମହାପାତ୍ରଙ୍କୁ ରଜନୀଗନ୍ଧା ଉପନ୍ୟାସ ସମ୍ମାନ, ନାଟ୍ୟକାର ଗଦାଧର ନନ୍ଦଙ୍କୁ ରଜନୀଗନ୍ଧା ନାଟକ ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ଦ୍ୱିତୀୟ ଅଧିବେଶନରେ ଶତାଧିକ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ । ନୟାଗଡ଼ ଜିଲ୍ଲା ଲେଖକ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ନୀଳିମା ନନ୍ଦ, କବି ପ୍ରଭାତ ମିଶ୍ର, କବି ଶେଖ୍ ଅବଦୁଲ୍ ଖାଲିକ୍ ଓ ନିର୍ମଳ ଚନ୍ଦ୍ର ଶୂରଦେଓ ଅତିଥିଭାବେ ଯୋଦେଇଥିଲେ । ଗୋପୀନାଥ ସେଠୀ, କ୍ଷଣପ୍ରଭା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବେଗୁନିଆ,୨୭।୪/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର,ସିକୋ ରେ ୩୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଥମେ କରୁଣାମୟୀ ମା' ଓ ପରମ ପ୍ରଭୁ ଶ୍ରୀ ଅରବିନ୍ଦଙ୍କ ଶ୍ରୀ ଚରଣ ତଳେ ଧୂପ ଦୀପ ଓ ପୁଷ୍ପ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ବାର୍ଷିକ ଉତ୍ସବ ଅନୁଷ୍ଠାନରେ ସଭାପତି ସୁରେନ୍ଦ୍ର ବେହେରା ମହୋଦୟ ସଭାର ସଭାପତି କାର୍ଯ୍ୟ ତୁଲାଇଥିଲେ । ସଂପାଦକ ଯୋଗେଶ୍ୱର ଛୋଟରାୟ ବାର୍ଷିକ ବିବରଣୀ ପାଠ କରିଥିଲେ । ସଭାର ମୁଖ୍ୟ ଅତିଥି ଚକ୍ଷୁ ବିଶେଷଜ୍ଞ ଓ ସମାଜସେବୀ ଅରବିନ୍ଦ ରାୟ,ମୁଖ୍ୟ ବକ୍ତା ମାତୃ ସାଧକ ଉତ୍ତମ ପାଇକରାୟ, ସମ୍ମାନିତ ଅତିଥିମାନେ ସିକୋ ସରପଞ୍ଚ ସନ୍ତୋଷୀ ରାୟ, ସମିତି ସଭ୍ୟା ଅଞ୍ଜଳି ସାହୁ, ଚନ୍ଦ୍ରଶେଖର ଦେବ ଉଚ୍ଚ ବିଦ୍ୟାଳୟ ସିକୋର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମହାପାତ୍ର, ଚନ୍ଦ୍ରଶେଖର ଦେବ ସରକାରୀ ଉ.ପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଲିଙ୍ଗରାଜ ପରମଗୁରୁ, ସି.ଆର.ସି.ସି ସୁକାନ୍ତ ପାଇକରାୟ ଓ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଶାନ୍ତ ପାଟ୍ଟଶାଣୀ, ପୂର୍ଣ୍ଣାଙ୍ଗ ଶିକ୍ଷାର ବିଶେଷତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା



**ଓଡ଼ଗାଁ,୨୭।୪/ଏନ୍ଏନ୍ଏସ୍:** ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,ଜୟଦେବ ସଂସ୍କୃତି ବିକାଶ ପରିଷଦ ଓ ବିଶ୍ୱଦେବ ସମାଜର ମିଳିତ ଆନୁକୂଲ୍ୟରେ ୨୬ତମ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଓ ପ୍ରତିଭା ପୂଜାଉତ୍ସବ ଉତ୍କଳର ସର୍ବପୁରାତନ ସହର ତଥା ସଂସ୍କୃତିର ପ୍ରାଣକେନ୍ଦ୍ର କଟକସ୍ଥିତ କଳାବିକାଶ କେନ୍ଦ୍ରଠାରେ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ପ୍ରତି ଜିଲ୍ଲାରୁ ୧୦ଜଣ କରି ୩୦୦ କଣ ସୁନାମଧନ୍ୟ କଳାକାର, ସାହିତ୍ୟିକ, ସମାଜ ସେବକ, କୃଷକ, ଶିକ୍ଷକ, କ୍ରୀଡ଼ାବିତ୍, ଆଦର୍ଶ ଗୃହିଣୀ ଏବଂ ସାମ୍ବାଦିକ ମାନଙ୍କୁ ମାନପତ୍ର, ପଦକ, ସମ୍ମାନ ମୁକୁଟ, ଟ୍ରଫି, ସମ୍ମାନ ଗାଇନ୍, ସାଇ ସହିତ ୧ଲକ୍ଷ ଟଙ୍କାର ନାଗରିକ ସୁରକ୍ଷା ପଲିସି ଇତ୍ୟାଦି ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ରଙ୍ଗଣୀପାଟଣା ପଞ୍ଚାୟତ ବାହାଡ଼ାପିଠା ଗ୍ରାମର ମନ୍ଦିର ନିର୍ମାଣ ଶିଳ୍ପୀ ରବି ବାରିକଙ୍କୁ ଓଡ଼ିଶା କଳାଶ୍ରୀ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଛି । କଳାଭୂଷଣ ଡ.ପ୍ରଶାନ୍ତ କରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବକୁ ମୂଖ୍ୟ ଅତିଥିଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ସାଂସଦ ରବିନାରାୟଣ ବେହେରା, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତିର୍ତ୍ତୋଳ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ନଟବର ଶତପଥି ପ୍ରମୁଖ ଯୋଗଦେଇ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ନରେନ୍ଦ୍ରନାଥ ଓଝା ପରିଚାଳନା କରିଥିବାବେଳେ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ । ଶ୍ରୀ ବାରିକ ସମ୍ବର୍ଦ୍ଧିତ ହେବାପରେ ଓଡ଼ଗାଁ ଅଞ୍ଚଳର ମନ୍ଦିର ନିର୍ମାଣ ଶିଳ୍ପୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସରପଞ୍ଚ ସସ୍ମିତା ପାତ୍ର ରବିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସିନର୍ଜି କଲେଜରେ ଇନୋଭିଜନ୍-୨୦୨୬



**ଫୁଲନଖରା,୨୭।୪/ଏନ୍ଏନ୍ଏସ୍:** ଫୁଲନଖରାସ୍ଥିତ ସିନର୍ଜି କଲେଜରେ ଇନୋଭିଜନ-୨୦୨୬ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମେକାନିକାଲ ଇଂଜିନିୟରିଙ୍ଗ ବିଭାଗ, ସିନର୍ଜି ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି ଓ ଏସକେଡ଼ି ପ୍ୟାଟେଣ୍ଟ କୋଲକତା ମିଳିତ ଭାବରେ ଆୟୋଜନ କରିଥିଲେ । ଏଥିରେ ସିନର୍ଜି ମ୍ୟାନେଜିଙ୍ଗ ଟ୍ରଷ୍ଟି ବିନୋଦ ଦାଶ, ନିର୍ଦ୍ଦେଶକ ପ୍ରଫେସର ଚିତ୍ରସେନ ଜଗତଦେଓ, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ସନ୍ଦୀପ ପଟ୍ଟନାୟକ, ଡ.ଅଶ୍ୱିନୀକୁମାର ମହାନ୍ତି, ସିନର୍ଜି ଡିନ ଡ.ଯୋଗେଶ୍ୱରୀ ରାଉତ, ସୁମନକୁମାର ଦାସ ଓ ଡ.ରମେଶଚନ୍ଦ୍ର ନାୟକ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର ୬୫ଟି ସୃଜନଶୀଳ ପ୍ରକଳ୍ପ ଉପସ୍ଥାପିତ ହୋଇଥିଲା ଓ ସେଥିମଧ୍ୟରୁ ୩୫ଟି ପ୍ରକଳ୍ପ ମନୋନୀତ ହୋଇଥିଲା । ଡ.ବିଶ୍ୱମୋହନ ବେହେରା, ନରେଶ ପାତ୍ର ଓ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ପରିଚାଳନା କରିଥିଲେ ।

## ଶେଖ ଓଲିମୁଦ୍ଦିନ୍ ନୂତନ ସଭାପତି

**ଖୋର୍ଦ୍ଧା,୨୭।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମ ପଞ୍ଚାୟତର ଅବସର ପ୍ରାପ୍ତ ମିଲିଟାରି ଓ ପୋଲିସ ସଂଘର ନୂତନ ସଭାପତି ଓ କର୍ମକର୍ତ୍ତାଙ୍କ ନିର୍ବାଚନ ହୋଇଛି । ଏହି କାର୍ଯ୍ୟକ୍ରମ ସେକ୍ରେଟାରି ସଲିମୁଦ୍ଦିନ୍ ଖାଁଙ୍କ ଅଧ୍ୟକ୍ଷତାରେ ଆରମ୍ଭ କରାଯାଇଥିଲା । ସର୍ବପ୍ରଥମେ ପୂର୍ବସଭାପତି ଏହେସାନୁଲ୍ ହକ୍ ଖାଁ ଯାହାଙ୍କର କାର୍ଯ୍ୟକାଳ ସମୟ ତା- ୨୭ ଅପ୍ରେଲ ୨୦୦୮ ରୁ ତା-୨୮ ମାର୍ଚ୍ଚ ୨୦୨୬ ଥିଲା । ତାଙ୍କର ଗତ ତା୨୯ ମାର୍ଚ୍ଚ ୨୦୨୬ ରିଖ ଦିନ ନିଧନ ହୋଇ ଯାଇଥିବାରୁ ସଂଘର ସମସ୍ତ କର୍ମକର୍ତ୍ତା ଶୋକ ପ୍ରକାଶ କରି ତାଙ୍କର ଓ ପୂର୍ବରୁ ମୃତ୍ୟୁବରଣ କରିଥିବା ସମସ୍ତ ସଦସ୍ୟମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରିବା ପାଇଁ ନିର୍ବାଚନ ଅଫିସର ଭାବେ ସଲିମୁଦ୍ଦିନ୍ ଖାଁଙ୍କୁ ମନୋନୀତ କରାଯାଇଥିଲା । ନିର୍ବାଚନରେ ସଭାପତି ଭାବେ ଶେଖ୍ ଓଲିମୁଦ୍ଦିନ୍, ଉପ-ସଭାପତି ଭାବେ ତାରିଫ୍ ଉଦ୍ଦିନ ଖାଁ, ସାଧାରଣ-ସମ୍ପାଦକ ଭାବେ ସଲିମୁଦ୍ଦିନ୍ ଖାଁ, ସହ- ସମ୍ପାଦକ ଭାବେ ସଫିକ୍ ତୁଲ୍ଲା ଖାଁ, କୋଷାଧ୍ୟକ୍ଷ ଭାବେ ମୋଜିବୁର୍ ରହମାନ୍, ଲେଖା ନିରୀକ୍ଷକ ଭାବେ ଶେଖ୍ ଅବଦୁଲ ଜସିମ୍, ଉପଦେଷ୍ଟା ଭାବେ ଶେଖ୍ ଅଦୁଲ୍ କରିମ୍, ଜନ୍ମେଶ୍ୱର ବଡଜେନା, ଜଲାଲ ମହମ୍ମଦ, ଶେଖ ଇଦୁ, ସଦାକତ ଅଲ୍ଲି, ଅବଦୁର ରହିମ, ସାହାଜାହାନ ଖାଁ, ହଇଦର ଖାଁ, ମିଆଁଜାନ ଖାଁ ଓ ସୁକଦେବ ନାଏକଙ୍କୁ ନିର୍ବାଚିତ କରାଯାଇଛି ।

## ମୋବାଇଲ୍ ଟାୱାର୍‌ରୁ ତାର ଚୋରି, ଜଣେ ଗିରଫ

**ଦଶପଲ୍ଲା,୨୭।୪/ଏନ୍ଏନ୍ଏସ୍:** ଦଶପଲ୍ଲା ଥାନା ଦୁଗୁଡି ଠାରେ ଥିବା ବିଏସଏନଏଲ ଟାୱାରରୁ ତାର ଚୋରି ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଥିବା ବେଳେ ଚୋରମାନେ ଧରି ଆସିଥିବା ଓଡ଼ି୦୫ବିଏଲ-୫୫୨୩ କାର୍‌କୁ ଜବତ କରିଛି । ଗିରଫ ବ୍ୟକ୍ତିଙ୍କ ନାମ ଅଶ୍ୱିନୀ ସ୍ୱାଇଁ ଓ ତାଙ୍ଗଘର ମଧ୍ୟଖଣ୍ଡ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି । ଏହି ଘଟଣାରେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି । ଫେରାର୍‌ମାନେ ହେଉଛନ୍ତି ଦଶପଲ୍ଲା ଥାନା ବାଘୁଆପସି ଗ୍ରାମର ରଞ୍ଜନ ଓ ଢ଼ିପସାହି ଗ୍ରାମର ଅରୁ ବୋଲି ଅଭିଯୋଗରେ ଦର୍ଶାଯାଇଛି । ସୂଚନାଯୋଗ୍ୟ ଯେ, ୨୬ ତାରିଖ ବିଳମ୍ବିତ ରାତିରେ ରଞ୍ଜନ, ଅରୁ, ଅଶ୍ୱିନୀ ଏକ କାର୍‌ରେ ଦୁଗୁଡିରେ ଥିବା ବିଏସ୍ଏନ୍ଏଲ୍ ଟାୱାର୍‌ରେ ସଂଯୋଗ ହୋଇଥିବା ବ୍ୟାଟେରୀ ଓ ତାର ଚୋରି କରିବା ପାଇଁ ସେଠାରେ ପହଞ୍ଚିଥିଲେ । ସେମାନେ ଚୋରି କରିବା ସମୟରେ ଗାଁ ଲୋକ ଉଠିଯିବାରୁ ରଞ୍ଜନ ଓ ଅରୁ ସେଠାରୁ ଖସି ଯିବାରେ ସଫଳ ଗୋଇଥିବା ବେଳେ ଅଶ୍ୱିନୀ କୁ ଗାଁଉ ଲୋକ କାବୁ କରିନେଇଥିଲେ । ଏହାପରେ ଗ୍ରାମବାସୀ ପୋଲିସ କୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଅଶ୍ୱିନୀ କୁ ଗିରଫ କରିବା ସହ ତାଠାରୁ ଚୋରି କରିଥିବା ତାର ଓ ବ୍ୟବହୃତ କାର କୁ ପୋଲିସ ଜବତ କରି ନିଜ ହେପାଯତ କୁ ଆଣିଥିଲା । ଏହି ଘଟଣାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଚାଲିଥିବା ବେଳେ ସୋମବାର ଦିନ ଅଶ୍ୱିନୀକୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାକୁ ଦଶପଲ୍ଲା ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି ।

## ମା' ସିଦ୍ଧ ତାରିଣୀଙ୍କ ବାର୍ଷିକ ଉତ୍ସବ

**ମାହାଙ୍ଗା,୨୭।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଉତ୍ତରସାହି-୧(ଧନେଇଗଣ୍ଡ ) ମା'ସିଦ୍ଧ ତାରିଣୀଙ୍କ ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ, ଯଜ୍ଞ, ଚଣ୍ଡୀପାଠ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛ । ଏଥିରେ କର୍ତ୍ତା ଭାବେ ଦାମୋଦାର ଦାସ ଓ କର୍ତ୍ତୀ ଭାବେ ସରସ୍ୱତୀ ଦାସ ପୂଜାକାର୍ଯ୍ୟରେ ବସିଥିବାବେଳେ ପଣ୍ଡିତ ବ୍ରଜକିଶୋର ଶତପଥି, କୌଶିକ କୁମାର ପଣ୍ଡା,ସୁଶାନ୍ତ ପଣ୍ଡା,ନରେନ୍ଦ୍ର ଦାସ ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ଏହି ଅବସରରେ ଭଜନ ଓ ଘୋଡାନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରଭାକର ଦାସ, ବିଜନ ଦାସ, କାର୍ତ୍ତିକ ଦାସ, ନବୀନ ଦାସ, ରତ୍ନାକର ଦାସ, ତ୍ରିଲୋଚନ ଦାସ, ଜିତେନ୍ଦ୍ର ଦାସ, ବିଜନ ଦାସଙ୍କ ସମେତ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀମାନେ ସହଯୋଗ କରିଥିଲେ ।

## ଟେଟ୍ରାହେଡ୍ରନ ପକ୍ଷରୁ ରକ୍ତଦାନ ଶିବିର




**ଟାଙ୍ଗୀ,୨୭।୪/ଏନ୍ଏନ୍ଏସ୍:** ଗ୍ରୀଷ୍ମ ଋତୁରେ ରକ୍ତର ଅଭାବ ହେତୁ ବହୁତ ରୋଗୀ ରକ୍ତ ଅଭାବର ସମ୍ମୁଖୀନ ହେଉଛନ୍ତି । ଉକ୍ତ ସମସ୍ୟାକୁ ଅନୁଭବ କରି ଟେଟ୍ରାହେଡ୍ରନ ଏଡୁକେସନାଲ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ ଚୌଦ୍ୱାର ବ୍ଲକର ବିଭିନ୍ନ ଗ୍ରାମରେ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ହରିଅନ୍ତା ପଞ୍ଚାୟତ ତନ୍ତିରା ପ୍ରାଥମିକ ବିଦ୍ୟାଳୟ ଓ ନଖରା ପଞ୍ଚାୟତ ଅଙ୍ଗଦରାଡିହ କନକେଶ୍ୱର ମନ୍ଦିର ପରିସରରେ ରବିବାର ଦୁଇଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ତନ୍ତିରା ଶିବିରରୁ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲାବେଳେ ନଖରା ପଞ୍ଚାୟତ ତରଫରୁ ଅଙ୍ଗଦରାଡିହ ଶିବିରରୁ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡିଛି । ଉଭୟ ଶିବିରରେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଅଧକ୍ଷ ତ୍ରିଦେବ ବେହେରା ଓ ଜିଲ୍ଲା ଯୁବ ରେଡକ୍ରସର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଦୁଇ ଶିବିରରେ କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକର ଚିକିତ୍ସକଙ୍କ ସମେତ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । କାର୍ଯ୍ୟକ୍ରମରେ ତନ୍ତିରା ଗ୍ରାମର ମା' ବିମଳା କ୍ରିକେଟ କ୍ଲବର ପ୍ରଶାନ୍ତ ଦାସ, ମୁନା ବିଶ୍ୱାଳ, ଶିବୁନା ବାରିକ, ସୌମ୍ୟରଞ୍ଜନ ବେହେରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିବାବେଳେ ନଖରା ପଞ୍ଚାୟତ ତରଫରୁ ଲିଙ୍ଗରାଜ ଦାସ, କୃଷ୍ଣମୋହନ ଷଡଙ୍ଗୀ, ହୃଷିକେଶ ସାମଲ, ଚିତ୍ତରଞ୍ଜନ ସ୍ୱାଇଁ, ଜଗନ୍ନାଥ ମହାନ୍ତି, ଆନନ୍ଦ ନାୟକ, ଭଗବାନ ବେହେରା, ବେଣୁଧର ରାଉତ, ଆଲୋକ ଦାସ, ଡମ୍ବୁରୁଧର ବେହେରା, ବିଶ୍ୱଜିତ୍ ସିଂହ ପ୍ରମୁଖ ସହଯୋଗ କରିଥିଲେ ।

## ଗଛରେ ପିଟି ହୋଇ ସ୍କୁଟି ଚାଳକଙ୍କ ମୃତ୍ୟୁ

**ମାହାଙ୍ଗା,୨୭।୪/ଏନ୍ଏନ୍ଏସ୍:** ମାହାଙ୍ଗା ଥାନା ଅଧୀନ ମାହାଙ୍ଗା-କଟିକଟା ପୂର୍ତ୍ତ ରାସ୍ତାର ଜରିଆ ଝିଲ୍ଲୀ ନିକଟ ଶନି ମନ୍ଦିର ଠାରେ ଥିବା ଏକ ଗଛରେ ସ୍କୁଟି ଚାଳକ ପିଟି ହୋଇ ମୃତ୍ୟୁବରଣ କରିଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଗୌଡ଼ପଡ଼ା ଗ୍ରାମର ରଙ୍ଗାଧର ଜେନାଙ୍କ ପୁତ୍ର ରଞ୍ଜନ ଜେନା ସ୍କୁଟି ଯୋଗେ ମାହାଙ୍ଗା ପଟୁ ଏରକଣା ଅଭିମୁଖେ ଯାଉଥିବା ସମୟରେ ଜରିଆ ଝିଲ୍ଲୀ ନିକଟରେ ଥିବା ଶନିମନ୍ଦିରଠାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଆମ୍ବୁଲାନ୍ସ ଯୋଗେ ତାଙ୍କୁ ମାହାଙ୍ଗା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଅଣ୍ଡିଆ ମୌଜାର ଜମିପଟ୍ଟା ବଣ୍ଟନ



**ନିମାପଡ଼ା,୨୭।୪/ଏନ୍ଏନ୍ଏସ୍:** ଦୀର୍ଘ ୯୦ ବର୍ଷର ସମସ୍ୟାର ସମାଧାନ ଘଟିଛି । ନିମାପଡ଼ା ଏନ୍ଏସି ଅଧୀନ ଅଣ୍ଡିଆ ମୌଜାର ବାସିନ୍ଦା ମାନଙ୍କୁ ସ୍ଥାୟୀ ଜମି ପଟ୍ଟା ବଣ୍ଟନ ଆରମ୍ଭ ହୋଇଛି । ଦୀର୍ଘ ବର୍ଷର ସ୍ଥାୟୀ ପଟାରୁ ବଞ୍ଚିତ ରହିଥିବା ଏହି ମୌଜାବାସୀ ସରକାରୀ ଭାବରେ ସ୍ୱୀକୃତି ପାଇବାରୁ ବଞ୍ଚିତ ରହିବା ସହିତ ନାନାଦି ଅସୁବିଧା ଭୋଗୁଥିଲେ । ସୋମବାର ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ରାଜସ୍ୱ, ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ରହି ଏହି ପଟା ବଣ୍ଟନ ଆରମ୍ଭ କରିଥିଲେ । ପ୍ରଥମେ ୨୩୦୪ ଜଣଙ୍କୁ ପଟ୍ଟା ମିଳିବ ବୋଲି ସୂଚନା ମିଳିଛି । ଯାହା ଜଣାପଡ଼େ ୭୫୦୦ ପଟ୍ଟା ବଣ୍ଟନ କରାଯିବ । ପ୍ରଥମ ଦିନ ୬୦ଜଣଙ୍କୁ ୨୪୦ଟି ପଟା ବଣ୍ଟନ କରାଯାଇଛି । ମାଲିକମାନେ କ୍ୟାମ୍ପରେ ପ୍ରମାଣ ପତ୍ର ଦେଖାଇ ପଟା ନେଇ ପାରିବେ । ଚଳିତ ବର୍ଷ ନଭେମ୍ବର ମାସରେ ପାଟପୁର ମୌଜାର ଜମିଜମା କାର୍ଯ୍ୟ ଆରମ୍ଭ ହେବ । ୨୦୨୭ ମସିହାରେ ପାଟପୁର ମୌଜାର ସମସ୍ୟା ସମାଧାନ ହେବ ବୋଲି ସୂଚନା ମିଳିଛି ।

ନୂଆଦିଲ୍ଲୀରେ ଓଡ଼ିଶା ସମେତ ୪ ରାଜ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

# ଶିଳ୍ପୀ ଓ ବୁଣାକାର ସମୃଦ୍ଧ ଭାରତୀୟ ସଂସ୍କୃତିର ପ୍ରତୀକ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ଭାରତର ପ୍ରତିଟି ସୂତା ଏବଂ ରଙ୍ଗ ମଧ୍ୟରେ ଆମ ଶିଳ୍ପୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ବହୁ ପୁରାତନ ପରମ୍ପରା ଲୁଚି ରହିଛି। ସେମାନେ କେବଳ କାରିଗର ନୁହନ୍ତି, ବରଂ ଭାରତର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ପ୍ରକୃତ ବାହକ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ନୂଆଦିଲ୍ଲୀ ସ୍ଥିତ ନ୍ୟାସନାଲ୍ କ୍ରାଫ୍ଟସ ମ୍ୟୁଜିୟମ ଠାରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆସାମର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଉଦଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି।

ଆର୍‌ଏସ୍‌ବି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀର ମୁଖ୍ୟ ବିଷୟବସ୍ତୁ ଥିଲା 'କୃଷ୍ଣ'। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଭାରତର 'ବିଭିନ୍ନତା ମଧ୍ୟରେ ଏକତା'ର ପ୍ରତିଫଳନ। ନ୍ୟାସ୍‌ନାଲ୍ କ୍ରାଫ୍ଟସ ମ୍ୟୁଜିୟମ୍‌ରେ ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଆମ ବୁଣାକାର ଓ ଶିଳ୍ପୀମାନଙ୍କର ସେହି ଅସାଧାରଣ କଳାକୃତିକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ବିଶ୍ୱ ବଜାରରେ ଏକ ନୂତନ ପରିଚୟ ଦେବାର ଏକ ସଶକ୍ତ ମାଧ୍ୟମ। ଏହି ଅବସରରେ ଓଡ଼ିଶାର ସମ୍ବଲପୁରୀ ଓ ଇକତ ବୁଣାକାରଙ୍କ ଧୈର୍ଯ୍ୟ ଓ କଳାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନର କଳ୍ପନା କରିଛନ୍ତି, ଯାହା ଏକ ଯୁଗାନ୍ତକାରୀ ପଦକ୍ଷେପ। ପୂର୍ବ ଭାରତର ବିକାଶ ହେଲେ ହିଁ ସମଗ୍ର ଭାରତର ବିକଶ ହେବ। ସେହିପରି ବର୍ତ୍ତମାନ ସମୟରେ ଏହି କାରିଗରୀକୁ ଇ-କମର୍ସ ପ୍ଲାଟଫର୍ମରେ ଅଧିକ ଯୋଡିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ହେବ ଯେଉଁଠାରେ ଆମର ବୁଣାକାରମାନେ ଇ-କମର୍ସ ଏବଂ ଓଏନଡିସି ପ୍ଲାଟଫର୍ମ ମାଧ୍ୟମରେ ବିଶ୍ୱ ବଜାର ସହ ସିଧାସଳଖ ଯୋଡ଼ି ହୋଇପାରିବେ। ସେ ଜନସାଧାରଣଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ଅପିଲ କରିଥିଲେ।

ଆଇନମନ୍ତ୍ରୀଙ୍କୁ ଲିଙ୍ଗରାଜ ମନ୍ଦିର ସତ୍ତ୍ୱଲିପି କମିଟିର ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ

# ଶୃଙ୍ଖଳିତ ନୀତିକାନ୍ତି ସହ ରହିଛି ୧୬ ପ୍ରସ୍ତାବ

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ମହାପ୍ରଭୁ ଲିଙ୍ଗରାଜଙ୍କ ସତ୍ତ୍ୱଲିପି କମିଟି ପକ୍ଷରୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି। ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ

**ନିଯୁକ୍ତି ହେବେ ସ୍ୱତନ୍ତ୍ର ଅଧିକାରୀ**

**ମନ୍ଦିର ଓ ରୋଷଘର ମରାମତି ସହ ହେବ ଆଲୋକୀକରଣ**

ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ସହ ରିପୋର୍ଟ ପ୍ରଦାନ କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ରିପୋର୍ଟ ଗ୍ରହଣ କରିବା ସହ ଏହାକୁ ସଂପୂର୍ଣ୍ଣ ଅନୁଶୀଳନ କରି ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗ

# ମହିଳାଙ୍କ ଅଧିକାର ପାଇଁ ବିଜେପି ଲଢ଼େଇ ଜାରି ରଖିବ

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧୀ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ନାରୀଶକ୍ତି ବନ୍ଦନ ଅଧିନିୟମ' ଆଣିଥିଲେ। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢ଼ୀଭୂତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଣ୍ଟ ଏହାକୁ ସଂସଦରେ ପାରିତ କରେଇ ଦେଇନଥିଲା। ବିଜେଡି ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀଦଳ ଗୁଡ଼ିକର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି ମହିଳା ବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଆକ୍ରୋଶ ପ୍ରତିଫଳିତ ହେଉଛି। ତେବେ ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ ବିଜେପି ଲଢ଼େଇ ଜାରି ରଖିବ ବୋଲି ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ କହିଛନ୍ତି। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହା କହିଛନ୍ତି।



ଏହାଛଡ଼ା ସେ କହିଛନ୍ତି ବିରୋଧୀ ଏଭଳି କାର୍ଯ୍ୟ ବିରୋଧରେ ଚାରିଆଡ଼େ ଏବେ ପ୍ରତିବାଦ ଓ ଆନ୍ଦୋଳନ କରାଯାଉଛି। ଏହି ମହିଳା ଆକ୍ରୋଶକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତ ୨୨ ତାରିଖରେ ରାଜଧାନୀ ଭୁବନେଶ୍ୱଠାରେ ବିଶାଳ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜନ କରାଯାଇଥିଲା। ସେହିପରି ଗତ ୨୪ ଓ ୨୫ ତାରିଖରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ "ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ମହିଳାମାନେ ଏଥିରେ ସାମିଲ ହୋଇଛନ୍ତି। ଜିଲ୍ଲାସ୍ତରରେ ଏହି ମହିଳା ଆକ୍ରୋଶ ଯାତ୍ରାକୁ ବ୍ୟାପକ ସମର୍ଥନ ମିଳିବା ପରେ ଏବେ ରାଜ୍ୟର ସମସ୍ତ ମଣ୍ଡଳସ୍ତରରେ ମହିଳାମାନେ ବ୍ୟାପକ ପ୍ରତିବାଦ କରିବେ। ଏନେଇ ୨୭ରୁ ୨୯ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟର ସମସ୍ତ ମଣ୍ଡଳରେ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଅନୁଷ୍ଠିତ ହେବ। ଆସନ୍ତାକାଲି ଅର୍ଥାତ ମଙ୍ଗଳବାର ଭୁବନେଶ୍ୱରରେ ଏକ ବିରାଟ ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ସମାଜର ପ୍ରତ୍ୟେକ ବର୍ଗର ମହିଳା ବହୁ ସଂଖ୍ୟାରେ ଏହି ମଶାଲ ଯାତ୍ରାରେ ସାମିଲ ହେବା ସହ ମଣ୍ଡଳସ୍ତରରେ ହେବାକୁ ଥିବା ସମ୍ମିଳନୀକୁ ବ୍ୟାପକ ସମର୍ଥନ କରିବାକୁ ଶ୍ରୀମତୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ ବିଜେପି ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ ଉପସ୍ଥିତ ଥିଲେ।

**୨୯ ଯାଏଁ ରାଜ୍ୟର ସମସ୍ତ ମଣ୍ଡଳରେ 'ଜନ ଆକ୍ରୋଶ ମହିଳା ପଦଯାତ୍ରା'**


**RITES LIMITED**
(A Govt. of India Enterprise)
Shikhar, Plot No.1, Sector-29, Gurgaon - 122001

**ADDENDUM**
**Extension of Last date of Application for VC Nos. CP/07-R1/26, CL/08-R2/25, RG/08-10/26, RG/07/26, RG/08-R1/25, 193-R3-24, RG/05/26 and RG/06/26**

The last date for submission of online application for the posts of DGM (Mech.) - Bulk Material Handling Expert(CP/07-R1/26), Resident Engineer(CL/08-R2/25), Assistant Manager (IT/Network & security) (RG/08/26), Assistant Manager (IT/Programming) (RG/09/26), Assistant Manager (IT/Data Centre) (RG/10/26), Assistant (HR) (RG/07/26), Assistant Manager (Finance) (RG/08-R1/25), GGM (HR) (193-R3-24), DGM (Legal) (RG/05/26) & Assistant Manager (Legal) (RG/06/26) has been extended to **30.04.2026 / 12:00 Noon**.

For detailed notice and to apply online, kindly see concerned advertisement under Career Section of RITES website **www.rites.com**.


# ଡାଲମା ଆମର ଆତିଥେୟତାର ପ୍ରତୀକ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ଡାଲମା କେବଳ ଆମ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି ଓଡ଼ିଶାର 'ଡାଲମା' ଖାଇବା ଓ ଏହାକୁ ନେଇ ସେ ତାଙ୍କ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରକାଶ କରିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହାଛଡ଼ା ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।



ପ୍ରକାଶ ଯେ ଗତ ୨୪ ତାରିଖ ଦିନ ସମ୍ବଲପୁରର ରେଙ୍ଗାଲି ଠାରେ ଜେଏସ୍‌ଡବ୍ଲ୍ୟୁ ଓ ଜାପାନର ଜେଏଫ୍‌ଇ ଷ୍ଟିଲ ମଧ୍ୟରେ ଏକ ଜଏଣ୍ଟ ଭେନ୍‌ଚର୍ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି ମଧ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜାପାନର ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା। ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ହୋଇଥିଲେ। ବିଶେଷକରି, 'ଡାଲମା'ର ସ୍ୱାଦ ତାଙ୍କୁ ଖୁବ୍ ଭଲ ଲାଗିଥିଲା। କାର୍ଯ୍ୟକ୍ରମ ପରେ ସେ ତାଙ୍କର ସୋସିଆଲ ମେଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ ଲେଖିଛନ୍ତି ଯେ, 'ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲି। ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ।''

ରାଷ୍ଟ୍ରଦୂତ ମିଷ୍ଟର ଓନୋ'ଙ୍କର ଏହି ମନ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି। ରାଷ୍ଟ୍ରଦୂତ ଓନୋ'ଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲ'ରେ ଲେଖିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଅନେକ ଧନ୍ୟବାଦ ଆମ୍ବାସାଡର 'ଓନୋ ସାନ୍' (ମିଷ୍ଟର ଓନୋ)।

# ପରିବହନ ବିଭାଗର ଭଡ଼ା ନିୟମ ମାନୁନାହାନ୍ତି ବସ୍‌ମାଲିକ

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ପରିବହନ ବିଭାଗ ଦ୍ୱାରା ଜାରି ହୋଇଥିବା ଭଡ଼ା ନିୟମକୁ ପ୍ରାୟତଃ କୌଣସି ବସ୍‌ମାଲିକ ମାନୁ ନାହାନ୍ତି। ନିୟମ ଅନୁଯାୟୀ ଏମାନେ ବସ୍ ଭିତରେ ଭଡ଼ା ସଂକ୍ରାନ୍ତରେ ସ୍ପଷ୍ଟଭାବେ ଉଲ୍ଲେଖ କରୁନାହାନ୍ତି କି ପରିବହନ ବିଭାଗ ମଧ ବିଭିନ୍ନ ବସ୍ ରହଣୀ ସ୍ଥାନରେ ଯାତ୍ରୀଙ୍କ ଅବଗତି ନିମନ୍ତେ ଏହା ପ୍ରଦର୍ଶନ କରାଯାଉନାହିଁ। ପରିବହନ ବିଭାଗର ନିୟମ ରହିଛି ଯେ ଯାତ୍ରୀବାହୀ ଯାନ ବିଶେଷକରି ବସ୍‌ଗୁଡିକ କିଲୋମିଟର ପିଛା ଧାର୍ଯ୍ୟ ହୋଇଥିବା ଦର ଏବଂ କେଉଁ ବର୍ଗ ପାଇଁ କେତେ ରିହାତି ବ୍ୟବସ୍ଥା ରହିଛି ତାହାକୁ ବସ୍ ଭିତରେ ଲୋକେ ଦେଖିପାରିଲା ଭଳି ସ୍ଥାନରେ ଲଗାଇବେ ଏବଂ ସେହି ଅନୁଯାୟୀ ଭଡ଼ା ଆଦାୟ କରିବେ। ଯେଉଁ ବସ୍ ମାଲିକ ଏହାକୁ ଅମାନ୍ୟ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ସେମାନଙ୍କର ପରମିଟ୍‌କୁ ମଧ କର୍ତ୍ତୃପକ୍ଷ ବାତିଲ୍ କରିଦେଇ ପାରିବେ। ଏହାଛଡ଼ା କଣ୍ଡକ୍ଟର ଟିକଟ ପ୍ରଦାନ ନକଲେ, ଅବୈଧ ଟିକଟ ଜାରି କଲେ, କମ୍ ମୂଲ୍ୟର ଟିକଟ ଦେଲେ, ଭଡ଼ା ସଠିକ୍ ଭାବେ ଗ୍ରହଣ କରିବାକୁ ଅସ୍ୱୀକାର କଲେ ମୋଟର ଯାନ ଅଧିନିୟମ ୧୯୮୮ର ଧାରା ୧୭୮(୨) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ନିୟମିତ ଭାବେ ଏନ୍‌ଫୋର୍ସମେଣ୍ଟ ଚଢ଼ଉ ହେଉନଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରାୟତଃ ଦେଖିବାକୁ ମିଳୁନାହିଁ। ଯେହେତୁ ଯାତ୍ରୀମାନେ ସେମାନଙ୍କ ଯାତ୍ରା ପାଇଁ କେତେ ଭଡ଼ା ଦେବାକୁ ପଡ଼ିବ ତାହା ଜାଣିପାରୁ ନାହାନ୍ତି ତେଣୁ କଣ୍ଡକ୍ଟର ଯାହା ମାଗିଲେ ତାହା ଦେବାକୁ ପଡୁଛି। କୌଣସି ବସ୍ ଭିତରେ ଏଭଳି ମୂଲ୍ୟ ତାଲିକା ଦେଖିବାକୁ ମିଳୁନାହିଁ। ବସ୍‌ଷ୍ଟାଣ୍ଡ, ବସ୍ ରହଣୀ ସ୍ଥାନ ଆଦିରେ ବି ଏହା ପ୍ରଦର୍ଶନ ହେଉନାହିଁ। ପରିବହନ ବିଭାଗ ନିଜର ୱେବସାଇଟ୍‌ରେ ଭଡା ତାଲିକା ଦେଇ ଏକ ପ୍ରକାର କାମ ସାରିଦେଇଛନ୍ତି। ଯାହାକୁ ଦେଖିବା ଗାଁ ଗହଳିର ଯାତ୍ରୀମାନଙ୍କ ପାଇଁ ଆଦୌ ସମ୍ଭବ ନୁହେଁ। ସେହିଭଳି ଅଧିକାଂଶ ବସ୍‌ରେ ଟିକଟ ଦେବାର ବ୍ୟବସ୍ଥା ଉଠିଗଲାଣି। କଣ୍ଡକ୍ଟର କେବଳ ଯାତ୍ରୀମାନଙ୍କ ଠାରୁ ଅର୍ଥ ଆଦାୟ କରୁଛନ୍ତି। ବସ୍ ଯାତ୍ରୀମାନେ କିଭଳି କଣ୍ଡକ୍ଟରଙ୍କ ମନମାନିରେ ଭଡ଼ା ଗଣୁଛନ୍ତି ତାହା ଅନ୍ୟ କୌଣସି ସ୍ଥାନରେ ନୁହେଁ, ଖୋଦ୍ କଟକ-ଭୁବନେଶ୍ୱର ରାସ୍ତାରେ ଯାତ୍ରା କଲେ ଯେ କେହି ଜାଣିପାରିବେ। ୨୫ କିଲୋମିଟରର ରାସ୍ତାପାଇଁ ଏଠାରେ ଯାତ୍ରୀଙ୍କ ଠାରୁ ୪୦ ରୁ ୫୦ ଟଙ୍କା ଆଦାୟ କରାଯାଏ। ପ୍ରତିବାଦ କଲେ ବସ୍ କର୍ତ୍ତୃପକ୍ଷ ଯାତ୍ରୀଙ୍କୁ ଅପମାନିତ କରିବା ସହିତ ବସ୍‌ରୁ ଓହ୍ଲାଇ ଯିବାକୁ ବାଧ କରିଥାନ୍ତି। କେବଳ ଏହି ଗୋଟିଏ ରାସ୍ତା ନୁହେଁ, କଟକର ନେତାଜୀ ବସ୍‌ଷ୍ଟାଣ୍ଡ ଓ ଭୁବନେଶ୍ୱରର ବାବା ସାହେବ ଆମ୍ବେଦକର ବସ୍‌ଷ୍ଟାଣ୍ଡରୁ ଦୈନିକ ଚଳାଚଳ କରୁଥିବା ବସ୍ ଗୁଡିକରେ ଯାତ୍ରୀ କରୁଥିବା ବହୁ ଯାତ୍ରୀ ଅଧିକ ଭଡ଼ା ଗଣିଥାନ୍ତି। ପରିବହନ ବିଭାଗ ଏନଫୋର୍ସମେଣ୍ଟ କଥା କହୁଥିବାବେଳେ କାଁ ଭାଁ ଚଢ଼ଉ ହୋଇଥାଏ। ଚଢ଼ଉରେ କେବଳ ଗାଡ଼ିର ଫିଟ୍‌ନେସ୍, ପରମିଟ୍ ସହିତ ଡ୍ରାଇଭର, କଣ୍ଡକ୍ଟରଙ୍କ ପୋଷାକ ଯାଞ୍ଚ ହୋଇଥାଏ। ଯାତ୍ରୀମାନେ ଭଡ଼ା ବାବଦରେ କେତେ ଅର୍ଥ ଦେଉଛନ୍ତି ଓ ସେମାନଙ୍କର କେତେ ଟଙ୍କାର ଟିକଟ ମିଳିଛି ତାହାର ଯାଞ୍ଚ ପ୍ରାୟତଃ ହୁଏ ନାହିଁ। ତେଣୁ ଏହାର ସୁଯୋଗ ନେଇ ବସ୍ କର୍ତ୍ତୃପକ୍ଷ ମନଇଚ୍ଛା ଭଡ଼ା ଆଦାୟ କରୁଥିବାବେଳେ ପରିବହନ ବିଭାଗ କର୍ତ୍ତୃପକ୍ଷ ସବୁ ଜାଣି ନଜାଣିଲା ଭଳି ବହୁ ସ୍ଥାନରେ ରହିଯାଉଥିବା ଦେଖିବାକୁ ମିଳୁଛି।



**ବସ୍ ଭିତରେ ରହୁନି ମୂଲ୍ୟ ତାଲିକା**

**ବସ୍‌ଷ୍ଟାଣ୍ଡ, ବସ୍ ରହଣୀ ସ୍ଥାନରେ ବି ପ୍ରଦର୍ଶିତ ହେଉନି**

# ଜମିପଟ୍ଟାର ସମୟୋପଯୋଗୀ ସଂଶୋଧନ ନିମନ୍ତେ ନିର୍ଦ୍ଦେଶ ଜାରି

**ମେ' ୩୦ସୁଦ୍ଧା ସମସ୍ତ ବକେୟା ମାମଲା ସଂଶୋଧନ ସାରିବାକୁ ଗୁରୁତ୍ୱ**

**ଭୁବନେଶ୍ୱର,୨୭।୪ /ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅଧିଗ୍ରହୀତ ଜମି ମାମଲାରେ ଭୂମି ରାଜସ୍ୱ ମାଫ୍ (ଏବେଟ୍ ମେଣ୍ଟ) ଏବଂ ଜମିପଟ୍ଟା ବା ରେକର୍ଡ ଅଫ ରାଇଟସ୍ ସଂଶୋଧନକୁ ତ୍ୱରିତ ଓ ସମୟୋପଯୋଗୀ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଚିଠି ଲେଖି ଉଚିତ୍ ସମୟରେ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ସମ୍ବନ୍ଧରେ ଉଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ଅନୁଯାୟୀ ଅଧିଗ୍ରହଣ ସମ୍ବନ୍ଧୀୟ ସଂଶୋଧନ ସୁନିଶ୍ଚିତ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି। ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ଅନେକ ମାମଲାରେ ଭୂମି ରାଜସ୍ୱ ମାଫ୍ ଓ ଜମିପଟ୍ଟା ସଂଶୋଧନ କାର୍ଯ୍ୟ ବକେୟା ରହିଛି। ଯାହା ଫଳରେ ଜମି ସମ୍ବନ୍ଧୀୟ ରେକର୍ଡ ନିୟମିତ ଭାବେ ସଂଶୋଧନ ହେବାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ବକେୟା ମାମଲାଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମାଭିତରେ ସମାଧାନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାପାଳମାନେ ମାସିକ ଭିତ୍ତିରେ ଲକ୍ଷ୍ୟ ଧାର୍ଯ୍ୟ କରି ତହସିଲଦାରମାନଙ୍କ ମାଧ୍ୟମରେ ଆବଶ୍ୟକୀୟ ସଂଶୋଧନ କାର୍ଯ୍ୟ ସମ୍ପାଦନ କରିବେ। ଉପ-ଜିଲ୍ଲାପାଳମାନଙ୍କୁ ଏହି କାର୍ଯ୍ୟର ନିରୀକ୍ଷଣ ଦାୟିତ୍ୱ ଦିଆଯିବା ସହ ରେଭେନ୍ୟୁ ଡିଭିଜନାଲ୍ କମିଶନରମାନେ (ଆରଡିସି) ପ୍ରତି ଦୁଇ ମାସରେ ଏହାର ସମୀକ୍ଷା କରିବେ ଏବଂ ରାଜସ୍ୱ ପର୍ଷଦ (ବୋର୍ଡ୍ ଅଫ ରେଭେନ୍ୟୁ) ପ୍ରତି ତିନି ମାସରେ ସମୀକ୍ଷା କରି ବିଭାଗକୁ ସଂକଳିତ ରିପୋର୍ଟ ପ୍ରଦାନ କରିବେ। ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ବକେୟା ରାଜସ୍ୱ ମାଫ୍ ଓ ଜମିପଟ୍ଟା ସଂଶୋଧନ କାର୍ଯ୍ୟକୁ ୩୦ ମଇ ୨୦୨୬ ମଧ୍ୟରେ ସମ୍ପନ୍ନ କରିବାକୁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି।

ବାଚସ୍ପତିଙ୍କୁ ଭେଟିଲା ବିଜେଡି

# ୮ ନିଲମ୍ବିତ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଦାବି

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ସୋମବାର ନିଜର ୮ଜଣ ନିଲମ୍ବିତ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଲିଖିତ ଦାବି କରି ବିଜୁ ଜନତା ଦଳ। ଶଙ୍ଖ ଭବନରେ ବୈଠକ ପରେ ବିଜେଡି ବିଧାୟକ ଟିମ୍ ବିଧାନସଭା ଯାଇ ବାଚସ୍ପତିଙ୍କୁ ଭେଟି ଏଲଭି ଦାବି କରିଛନ୍ତି। ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ଏବଂ ଦଳ ବିରୋଧୀ କାମ କରି ଏହି ୮ ବିଧାୟକଙ୍କୁ ବିଜେଡି ନିଲମ୍ବିତ କରିଥିଲା। ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ଚନ୍ଦ୍ରମଣି କହଁର, ସୁବାଷିନୀ ଜେନା, ନବ କିଶୋର ମଲ୍ଲିକ ଏବଂ ରମାକାନ୍ତ ଭୋଇ ନିଲମ୍ବିତ ହୋଇଥିଲେ। ପୂର୍ବରୁ ଦଳ ବିରୋଧୀ କାମ କରି ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ର ନିଲମ୍ବିତ ହୋଇଥିଲେ।



ରାଜ୍ୟସଭା ନିର୍ବାଚନରେ କ୍ରସ୍‌ଭୋଟିଂ ପାଇଁ ନୁହେଁ ବରଂ 'ସ୍ୱେଚ୍ଛାକୃତ ଭାବେ ସଦସ୍ୟତା ତ୍ୟାଗ' ଓ 'ଦଳ ବିରୁଦ୍ଧରେ ଯାଇ କାର୍ଯ୍ୟ କରିଥିବା' ଭଳି ଅଭିଯୋଗମାନ ଆଣି ଦଶମ ଅନୁସୂଚୀର ପ୍ରାବଧାନ ଆଧାରରେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇଛି ବିଜେଡି। ତେବେ ପ୍ରାୟ ୪୩ଦିନ ବିଳମ୍ବରେ ବାଚସ୍ପତିଙ୍କୁ ଲିଖିତ ଭାବେ ଅବଗତ କରିଥିବା ବିଜେଡି କିନ୍ତୁ ଶୀଘ୍ର ଏହି ଆବେଦନ ଉପରେ ନିଷ୍ପତ୍ତି ନେବାକୁ ଆଜି ଦାବି ଜଣାଇଛି।

ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦଳର ବରିଷ୍ଠ ନେତା ଡକ୍ଟର ଅରୁଣ ସାହୁ କହିଛନ୍ତି ଯେ, ଏହି ୮ଜଣ ବିଧାୟକ ଦଳ ସହ ବିଶ୍ୱାସଘାତକତା କରିଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ଦଳର ମୁଖ୍ୟ ସଚେତକ ମାର୍ଚ୍ଚ ୧୩ରୁ ୧୬ ତାରିଖ ମଧ୍ୟରେ ଜାରି କରିଥିବା ନିର୍ଦ୍ଦେଶକୁ ଏହି ବିଧାୟକମାନେ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଏହି ବିଧାୟକମାନେ କେବଳ କ୍ରସଭୋଟିଂ କରିନାହାନ୍ତି, ବରଂ ସାର୍ବଜନୀନ ଭାବେ ଦଳର ନେତୃତ୍ୱଙ୍କୁ ଅପମାନିତ କରିଛନ୍ତି। ନିର୍ବାଚନ ପୂର୍ବରୁ ଯେଉଁସବୁ ନିର୍ଦ୍ଦେଶ ଦଳ ପକ୍ଷରୁ ଦିଆଯାଇଥିଲା ତାକୁ ମଧ ଉଲ୍ଲଂଘନ କରିଛନ୍ତି। ସେମାନେ ଖୋଲାଖୋଲି ଭାବେ ଦଳର ନେତୃତ୍ୱ ଓ ନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଯାହାକି ସମ୍ବିଧାନର ଦଶମ ଅନୁସୂଚୀ ଅନୁସାରେ, 'ସ୍ୱେଚ୍ଛାକୃତ ଭାବେ ସଦସ୍ୟତା ତ୍ୟାଗ' ସହ ସମାନ। ଏହି ୮ ଜଣଙ୍କୁ ବିଜେଡି କେବଳ ନିଲମ୍ବନ କରି ନାହିଁ, ବରଂ ସେମାନଙ୍କ ସଦସ୍ୟତା ସମ୍ପୂର୍ଣ୍ଣ ରଦ୍ଦ କରିବା ପାଇଁ ସବୁ ପ୍ରକାରର ଆଇନଗତ ପ୍ରମାଣ ଆଜି ବାଚସ୍ପତିଙ୍କ ପାଖରେ ଦାଖଲ କରିଛି। ଶରଦ ଯାଦବଙ୍କ ସଭ୍ୟ ପଦ ଓ ହିମାଚଳ ପ୍ରଦେଶର ବିଧାୟକମାନଙ୍କ ସଭ୍ୟ ପଦ ଯେଉଁଭଳି ରଦ୍ଦ ହୋଇଛି ସେହି ଆଧାରରେ ବିଜେଡି ଏହି ବିଧାୟକମାନଙ୍କ ସଭ୍ୟ ପଦକୁ ତୁରନ୍ତ ରଦ୍ଦ କରିବା ପାଇଁ ବାଚସ୍ପତିଙ୍କ ନିକଟରେ ଦାବି ଜଣାଇଛି ବୋଲି ଡକ୍ଟର ସାହୁ କହିଛନ୍ତି।

ସେହିପରି ବିଜେଡି ମୁଖ୍ୟ ସଚେତକ ନେତ୍ରୀ ପ୍ରମିଳା ମଲ୍ଲିକ ଯେଉଁମାନେ ଦଳ ବିରୋଧୀ କାମ କରିଛନ୍ତି ସେମାନେ ଦଳରେ ରହିବା ଆବଶ୍ୟକ ନାହିଁ। ତେଣୁ ସେମାନଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ତୁରନ୍ତ ସଭ୍ୟ ପଦରୁ ବିଦା ହୁଅନ୍ତୁ, ନଚେତ୍ ନିଜ ଆଡୁ ପଦ ଛାଡ଼ନ୍ତୁ। ଯଦି ସେମାନେ ନିଜକୁ ଲୋକପ୍ରିୟ ବୋଲି ଭାବୁଛନ୍ତି ତାହେଲେ ଉପନିର୍ବାଚନକୁ ଆସନ୍ତୁ। ହିମାଚଳ ପ୍ରଦେଶରେ ବି ସଭ୍ୟ ପଦ ରଦ୍ଦ ହୋଇଥିଲା, ଏଠି ବି ସମାନ କଥା ହେଉ।

## 'ରାଜ୍ୟସଭା ନିର୍ବାଚନରେ ହୁଇପ୍ ନଥାଏ'



**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ବାଙ୍କୀ ବିଧାୟକ ଦେବି ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ, ଆମେ ଆମର ସାମ୍ବିଧାନିକ ଅଧିକାରୀ ଅନୁଯାଇ ଭୋଟ ଦେଇଥିଲୁ। ରାଜ୍ୟସଭା ନିର୍ବାଚନରେ ହୁଇପ ନଥାଏ। ମୋ ବିରୋଧରେ ନିର୍ଦ୍ଦିଷ୍ଟ କ'ଣ ଅଭିଯୋଗ ଅଛି ସେ ଖବର ମୋ ପାଖରେ ନାହିଁ। ମତେ ସୋ କଜ୍ ମଗା ଯାଇଥିଲା ମୁଁ ଉତ୍ତର ନବୀନ ବାବୁଙ୍କୁ ଦେଇଥିଲି। ବାଚସ୍ପତିଙ୍କ କୋର୍ଟରେ ବଲ୍ ରହିଲା। ସମସ୍ତେ ପକ୍ଷ ରଖିଛନ୍ତି। କ'ଣ ଅଭିଯୋଗ ଜାଣିଲା ପରେ ମୁଁ ମୋର ପକ୍ଷ ରଖିବି। ଆମେ ଯାହା ଜାଣିଚୁ ଏଭଳି କୌଣସି ପ୍ରସ୍ତାବ ନାହିଁ। ସେ ଯେଉଁ ଉଦାହରଣ ଦେଉଛନ୍ତି ସେ ଭିନ୍ନ। ଓଡ଼ିଶା ରାଜ୍ୟସଭା ନିର୍ବାଚନ ଅଲଗା ଥିଲା। କିଏ ସଭ୍ୟ ପଦ ଛାଡ଼ିଛି ଜାଣିନି ମୁଁ ବର୍ତ୍ତମାନ ସୁଦ୍ଧା ସଭ୍ୟ ପଦ ଛାଡ଼ିନି। ବିଜେଡି ସହ ଯେଉଁ ବିଧାୟକ ଅଛନ୍ତି ସେମାନଙ୍କୁ ଡରେଇକି ରଖାଯାଇଛି। ଦଳରେ ନ ଥିବା ଜଣେ ବ୍ୟକ୍ତିଙ୍କ ନେତୃତ୍ୱକୁ କିପରି ସମସ୍ତେ ମାନିବେ ସେଥିପାଇଁ ଜୋର ଜବରଦସ୍ତ ଭୟ ବାତାବରଣ କରାଯାଉଛି। ବିଜେଡିରେ ଇମୋସନ ଆଉ ରିଲେସନ କାମ କରୁନି। ଚାବୁକରେ ଡରେଇକି ରଖିଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

## ୩୦ରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ରରେ କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ଭୁବନେଶ୍ୱର ଏବଂ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ଟ୍ରେନଗୁରୁ ଏଜୁକେୟାର ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ଆସନ୍ତା ୩୦ ତାରିଖ ଦିନ ଭୁବନେଶ୍ୱରର ଇଗ୍ନୋ ଆଞ୍ଚଳିକ କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ୍ ଆୟୋଜନ କରୁଛି । ପ୍ରାର୍ଥୀଙ୍କ ରିପୋର୍ଟିଂ ସମୟ ସକାଳ ୯ଟା ୩୦ ରଖାଯାଇଛି । ଏହି ପ୍ଲେସମେଣ୍ଟ ଡ୍ରାଇଭ୍ ସମସ୍ତ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲା ରହିବ, ଯେଉଁଥିରେ ଡିପ୍ଲୋମା, ଆଇଟିଆଇ, ବୈଷୟିକ ଏବଂ ଅଣ-ବୈଷୟିକ ପୃଷ୍ଠଭୂମିର ପ୍ରାର୍ଥୀ ମଧ୍ୟ ସାମିଲ ଅଛନ୍ତି, ଯାହା ଫ୍ରେସର୍ସଙ୍କୁ କର୍ପୋରେଟ୍ ଜଗତରେ ପାଦ ଦେବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିବ । ଏହି ଡ୍ରାଇଭ୍ ପାଇଁ ନିଯୁକ୍ତି ସଂଗଠନ ହେଉଛି ମୋଡିନ୍ ଥର୍ମାଲ୍ ପ୍ରାଇଭେଟ୍ ଲିମିଟେଡ୍, ଯାହା ଥର୍ମାଲ୍ ପରିଚାଳନା ସମାଧାନରେ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ ଅଗ୍ରଣୀ ସଂସ୍ଥା । ଭୁବନେଶ୍ୱରର ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଏମ୍ କେ ଦାଶ ସୂଚନା ଦେଇଛନ୍ତି ଯେ ଏହି କ୍ୟାମ୍ପସ୍ ଡ୍ରାଇଭର ପ୍ରାଥମିକ ଲକ୍ଷ୍ୟ ହେଉଛି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ବୃତ୍ତିଗତ ଯାତ୍ରାର ଆରମ୍ଭରେ ଶିଳ୍ପ ସମ୍ପର୍କ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରି ସମର୍ଥନ କରିବା । ଏହା ଶିକ୍ଷାଗତ ଶିକ୍ଷା ଏବଂ କର୍ପୋରେଟ୍ ଆଶା ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରେ, ଯାହା ଛାତ୍ରଛାତ୍ରୀମାନଙ୍କୁ କର୍ମଶକ୍ତିରେ ସୁଗମ ଭାବରେ ପରିବର୍ତ୍ତନ କରିବାରେ ସାହାଯ୍ୟ କରେ । ଆୟୋଜକମାନେ ସମସ୍ତ ଯୋଗ୍ୟ ଏବଂ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ସେମାନଙ୍କର କ୍ୟାରିଅର ଆରମ୍ଭ କରିବା ପାଇଁ ଏହି ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ଉତ୍ସାହିତ କରୁଛନ୍ତି ।

### ମନମୋହିଲା 'ମନ୍ତେଇ ମହୋତ୍ସବ'

# 'ମଣିଷକୁ ସଭ୍ୟ ଓ ଶିକ୍ଷିତ କରିଛି ନଦୀ'

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ନଈର ନାଁ ମନ୍ତେଇ, ସ୍ୟାହିର ନାଁ ମନ୍ତେଇ... ସାହିତ୍ୟର ନାଁ ମନ୍ତେଇ, ମହୋତ୍ସବର ନାଁ ବି ମନ୍ତେଇ । ଚଳିତବର୍ଷ ଭଦ୍ରକ ନୁହେଁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଆୟୋଜିତ ହୋଇଯାଇଛି 'ମନ୍ତେଇ ମହୋତ୍ସବ' । ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିବା ବେଳେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ଦେବେନ୍ଦ୍ର ମାଝୀ, ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଯୋଗଦେଇଥିଲେ । ସଂସ୍କୃତି ସଂସଦ ସାଧନା ପକ୍ଷରୁ ଆୟୋଜିତ ମନ୍ତେଇ ମହୋତ୍ସବ ସଭାପତି ବିଜୟ ଦାସଙ୍କ ପୌରୋହିତ୍ୟ ଓ ବିଜୟ ମଲ୍ଲଙ୍କ ସଂଯୋଜନାରେ ଆରମ୍ଭ ହୋଇଥିଲା । ସମ୍ପାଦକ ଶ୍ରୀଗୋବିନ୍ଦ ମନ୍ତେଇ



ଉତ୍ସବର ଆଭିମୁଖ୍ୟ ବାବଦରେ ମତ ରଖିଥିଲେ ।

ଏହି ଅବସରରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ 'ମନ୍ତେଇ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିବା ବେଳେ 'ଜୀବନବ୍ୟାପୀ ସାଧନା ସମ୍ମାନ' ଡ. ଅଚ୍ୟୁତ ସାମନ୍ତ, 'ଅତଏବ ଅ ସମ୍ମାନ' ଅଭୟ ଦ୍ୱିବେଦୀ, 'ବିଷ୍ଣୁ ସେଠୀ ସ୍ମୃତି ସମ୍ମାନ' ଭଦ୍ରକର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ 'ପଦ୍ମଲୋଚନ ନାୟକ ସ୍ମୃତି ସମ୍ମାନ' ପବିତ୍ର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଥିଲା । ମଣିଷକୁ ସଭ୍ୟ ଓ ଶିକ୍ଷିତ କରିବା ପଛରେ ନଦୀ ସଂସ୍କୃତିର ଅବଦାନ ଅନେକ ରହିଛି । ନଦୀ ନଥିଲେ ମଣିଷ ସଂସ୍କୃତିର ଅଭ୍ୟୁଥାନ ସମ୍ଭବ ହୋଇପାରିନଥାନ୍ତା ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । ମନ୍ତେଇ କେବଳ ନଦୀ ନୁହେଁ, ଏହା ଏକ ଆତ୍ମୀୟତାର ଅବଲୋକନ । ମାଆ ପରି ଲାଳନପାଳନ କରିବାରେ ମନ୍ତେଇ ଅନେକ ଭୂମିକା ନେଇଛି ବୋଲି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପ୍ରଫେସର ଶଶାଙ୍କ ଚୂଡ଼ାମଣି ଏବଂ ବରିଷ୍ଠ ଗୀତିକାର ପଞ୍ଚାନନ ନାୟକ ଯୋଗ ଦେଇଥିଲେ । ରଶ୍ମିରଞ୍ଜନ ରାଉତ, ଶ୍ରୀରାମ ଜେନା, ଲକ୍ଷ୍ମୀକାନ୍ତ ମହାନ୍ତି, ଲକ୍ଷ୍ମୀପ୍ରିୟା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଭାରତୀୟ ସେନା-କିଟ୍ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ଶିକ୍ଷାଗତ ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ସେନା ମଧ୍ୟରେ




ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଭାରତୀୟ ସେନା ପକ୍ଷରୁ ଏହାର ପ୍ରତିନିଧିତ୍ୱ କରୁଥିବା ସେନା ମୁଖ୍ୟାଳୟର ବ୍ରିଗେଡିୟର କଲ୍ୟାଣ ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା ଏଥିରେ ସ୍ୱାକ୍ଷର କରିଥିଲେ ।

ଏହା ବୁଝାମଣାପତ୍ର ଅନୁସାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମ (ଡାକ୍ତରୀ ପାଠ୍ୟକ୍ରମ ବ୍ୟତୀତ) ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ସୁଯୋଗ ଯୋଗାଇ ଦେବ । ଏଥିପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଶିକ୍ଷା ଫିସରେ ୫୦% ରିହାତି ଓ ଡାକ୍ତରୀ ପାଠ୍ୟକ୍ରମ ପାଇଁ ୧୦% ରିହାତି ପ୍ରଦାନ କରାଯିବ । ଏହା ସହିତ ବୀରଗତି ହାସଲ କରିଥିବା/ଯୁଦ୍ଧ ସମୟରେ ମୃତ୍ୟୁବରଣ କରିଥିବା ଭାରତୀୟ ସେନା କର୍ମଚାରୀଙ୍କ ପିଲାଙ୍କୁ ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ସମସ୍ତ ପାଠ୍ୟକ୍ରମର ଶିକ୍ଷା ଫିସ୍‌ରେ ୧୦୦% ବୃତ୍ତି ଦିଆଯିବ । ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସେନା କର୍ମଚାରୀଙ୍କ ପିଲାଙ୍କୁ 'ନିଟ୍' ମାନଦଣ୍ଡ ପୂରଣ କରିବାକୁ ପଡ଼ିବ । ଅନ୍ୟ ସମସ୍ତ ପାଠ୍ୟକ୍ରମରେ ପ୍ରବେଶ ପାଇଁ, ଅଧିକାରୀ/ପିଲାମାନଙ୍କୁ କିଟ୍ ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷା (କିଟି) ମାନଦଣ୍ଡ ପୂରଣ କରିବାକୁ ପଡ଼ିବ । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସୂଚନା ଦେଇ କହିଲେ ଯେ ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଆର୍ଥିକ ସହାୟତା ସୁନିଶ୍ଚିତ କରିବା । ବ୍ରିଗେଡିୟର୍ ଠାକୁର ମୟଙ୍କ ସିହ୍ନା କିଟ୍ ଓ କିସ୍ ଦ୍ୱାରା ପ୍ରଦାନ କରାଯାଉଥିବା ଭିତ୍ତିଭୂମି ଓ ସୁବିଧାଗୁଡ଼ିକୁ ପ୍ରଶଂସା କରିଥିଲେ । ରାଷ୍ଟ୍ର ନିର୍ମାଣରେ ଭାରତୀୟ ସେନାର କର୍ମଚାରୀଙ୍କ ଭୂମିକାକୁ ସ୍ୱୀକୃତି ଦେବା ଓ ସେନା କର୍ମଚାରୀ ଓ ସେମାନଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ କିଟ୍‌ରେ ସୁଯୋଗ ସୃଷ୍ଟି କରିଥିବାରୁ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ପରେ ବ୍ରିଗେଡିୟର୍ ସିଂହ ଓ ଶ୍ରୀ ସାମନ୍ତଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା ହୋଇଥିଲା ।

# ଏମ୍‌ସିଏଲ୍‌ର ପୂର୍ବତନ ସିଭିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭୁବନେଶ୍ୱର,ସମ୍ବଲପୁର,୨୭।୪/ଏନ୍‌ଏନ୍‌ଏସ୍:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ର ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ପ୍ରଣବ କୁମାର ପଟେଲଙ୍କୁ ଏମ୍‌ସିଏଲ୍‌ରେ ତାଙ୍କର ସଫଳ କାର୍ଯ୍ୟକାଳ ସମ୍ପନ୍ନ ହେବା ଅବସରରେ ଆଜି ଏକ ସମ୍ମାନଜନକ ତଥା ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ତାଙ୍କର ଉଲ୍ଲେଖନୀୟ ସେବା ଏବଂ ସଂସ୍ଥା ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ କମ୍ପାନୀ ପକ୍ଷରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି ।




ଶ୍ରୀ ପଟେଲଙ୍କୁ କୃତଜ୍ଞତା ଜଣାଇବା ପାଇଁ କମ୍ପାନୀ ମୁଖ୍ୟାଳୟରେ ଏକ 'ସମ୍ମାନ ସମାରୋହ' ଆୟୋଜିତ ହୋଇଥିଲା । ଏହି ଅବସରରେ ଅଧ୍ୟକ୍ଷ ସହ ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଉଦୟ ଅନନ୍ତ କାଓଲେ, କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ), ଏ. କେ. ବେହୁରା, ନିର୍ଦ୍ଦେଶକ (ଅର୍ଥ), ଏସ୍. କେ. ଝା, ନିର୍ଦ୍ଦେଶକ (ବୈଷୟିକ) ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏଥିସହ ବହୁ ସଂଖ୍ୟାରେ ବରିଷ୍ଠ ଅଧିକାରୀ ଏବଂ ଏମ୍‌ସିଏଲ୍‌ର କର୍ମଚାରୀମାନେ ଉପସ୍ଥିତ ରହି ତାଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ସିଏମ୍‌ଡି ଶ୍ରୀ କାଓଲେ କମ୍ପାନୀରେ ଭିଜିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଶ୍ରୀ ପଟେଲଙ୍କ ବୃତ୍ତିଗତ ମନୋଭାବ, ସଚ୍ଚୋଟତା ଏବଂ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସକ୍ରିୟ ପଦକ୍ଷେପ, ସ୍ୱଚ୍ଛତା ଏବଂ ନୈତିକ ଶାସନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ । ଶ୍ରୀ ପଟେଲଙ୍କୁ କୃତଜ୍ଞତା ଓ ସମ୍ମାନ ଜଣାଇ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ ନିଜେ ରଚନା କରିଥିବା ଏକ ହୃଦୟସ୍ପର୍ଶୀ କବିତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ପଦକ୍ଷେପ କାର୍ଯ୍ୟକ୍ରମକୁ ଅଧିକ ଆତ୍ମୀୟ କରିବା ସହ ଏମସିଏଲରେ ଶ୍ରୀ ପଟେଲଙ୍କ କାର୍ଯ୍ୟକାଳ ସହ ଜଡିତ ସୁମଧୁର ସ୍ମୃତିକୁ ଉଜ୍ଜୀବିତ କରିଥିଲା । ଭାରତୀୟ ରେଳବାଇ ଷ୍ଟୋର୍ସ ସେବା (ଆଇଆର୍‌ଏସ୍‌ଏସ୍, ୧୯୯୮ ବ୍ୟାଚ୍)ର ଅଧିକାରୀ ଶ୍ରୀ ପଟେଲ ଗତ ୨୮ ଏପ୍ରିଲ ୨୦୨୧ ରେ କମ୍ପାନୀର ନବମ ସିଭିଓ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଏନ୍‌ଆଇଟି ରାଉରକେଲାରୁ ଇଞ୍ଜିନିୟରିଂ ସ୍ନାତକ ଏବଂ ଆଇଆଇଟି ଖଡ଼ଗପୁରରୁ ସ୍ନାତକୋତ୍ତର (ଏମ୍.ଟେକ୍) କରିଥିବା ଶ୍ରୀ ପଟେଲ ନିଜ କାର୍ଯ୍ୟକାଳ ମଧ୍ୟରେ ସଂସ୍ଥାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଭିଜିଲାନ୍ସ ସଚେତନତାକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନିଜର ବିଦାୟୀ ଭାଷଣରେ ଶ୍ରୀ ପଟେଲ ତାଙ୍କ କାର୍ଯ୍ୟକାଳ ସମୟରେ ମିଳିଥିବା ସହଯୋଗ ପାଇଁ ଏମ୍‌ସିଏଲ୍ ପରିଚାଳନା କମିଟି ଏବଂ ସମସ୍ତ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ । ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ସାଧୁତା ଏବଂ ଉତ୍କର୍ଷତା ପ୍ରତି ନିଜର ପ୍ରତିବଦ୍ଧତା ସହିତ ସଂସ୍ଥା ଆଗାମୀ ଦିନରେ ନିଶ୍ଚିତ ଭାବରେ ସଫଳତାର ନୂତନ ଶିଖରକୁ ପହଞ୍ଚିବ ।

# ଜଙ୍ଗଲ ନିଆଁ ରୋକିବେ 'ମୋଟରସାଇକେଲ୍ ମାଉଣ୍ଟେଡ୍' ଟିମ୍

**ଭୁବନେଶ୍ୱର,୨୭।୪ /ଏନ୍‌ଏନ୍‌ଏସ୍:** ଆଗକୁ ଜଙ୍ଗଲ ନିଆଁ ଲିଭାଇବାରେ ସହାୟକ ହେବ ଆଧୁନିକ ଜ୍ଞାନକୌଶଳ । ଖୁବ ଶୀଘ୍ର ମିଳିବ ମୋଟରସାଇକେଲ ସୁବିଧା । ସୂଚନା ମିଳିବା ମାତ୍ରେ ଦୁର୍ଗମ ଇଲାକାରେ ପହଞ୍ଚିବ 'ମୋଟର ସାଇକେଲ ମାଉଣ୍ଟେଡ୍' ଟିମ୍ । ଏଆଇ ଠାବ କରିବ ଜଙ୍ଗଲ ନିଆଁ । ଗତ ବର୍ଷ ତୁଳନାରେ ଏ ବର୍ଷ କମିଛି ଜଙ୍ଗଲ ନିଆଁ । ତେବେ ବାଲିଗୁଡ଼ା ଓ କଳାହାଣ୍ଡି ଉପରେ ସ୍ୱତନ୍ତ୍ର ନଜର ରହିଛି । ଜଙ୍ଗଲ ନିଆଁ ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ମଧ୍ୟ ବନ ବିଭାଗ ବଡ଼ ପଦକ୍ଷେପ ଗ୍ରହଣ କରିଛି । ପ୍ରଚଣ୍ଡ ଖରାରେ ଶୋଷ ମେଣ୍ଟାଇବାକୁ ଜଙ୍ଗଲରେ କୃତ୍ରିମ ପୋଖରୀର ବ୍ୟବସ୍ଥା କରାଯାଇଥିବା କହିଛନ୍ତି ପିସିସିଏଫ୍ କେ. ମୁରଗେସନ । ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ 'ମୋଟର ସାଇକେଲ ମାଉଣ୍ଟେଡ୍' ସିଷ୍ଟମ । ଜଙ୍ଗଲ ନିଆଁକୁ ତୁରନ୍ତ ଆୟତ୍ତ କରିବା ପାଇଁ ବନ ବିଭାଗ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ସହାୟତା ନେଉଛି । ଏଆଇ ସହାୟତାରେ ୪-୫ କିଲୋମିଟର ପରିଧି ମଧ୍ୟରେ କେଉଁ ଇଲାକାରେ ନିଆଁ ଲାଗିଛି, ସେଠି କେହି ଲୋକ ଅଛନ୍ତି କି ନାହିଁ ତାହା ସହଜରେ ଠାବ କରାଯାଇପାରୁଛି । ହେଲେ ଦୁର୍ଗମ ଇଲାକାରେ ଲାଗୁଥିବା ନିଆଁ ବନ ବିଭାଗ ପାଇଁ ଏକ ଚାଲେଞ୍ଜ ଥିଲା । ଏହି ସମସ୍ୟାର ସମାଧାନ କରିବା ପାଇଁ ବନ ବିଭାଗ ପକ୍ଷରୁ ଖୁବ ଶୀଘ୍ର 'ମୋଟର ସାଇକେଲ ମାଉଣ୍ଟେଡ୍' ସିଷ୍ଟମ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହି ବ୍ୟବସ୍ଥାରେ ଜଣେ ବନ କର୍ମଚାରୀ ମୋଟର ସାଇକେଲରେ ସମସ୍ତ ନିଆଁ ଲିଭା ସରଞ୍ଜାମ ଧରି ସୁରକ୍ଷିତ ଭାବରେ ଏବଂ ଖୁବ୍ ଶୀଘ୍ର ପାହାଡ଼ ଉପରକୁ ଯାଇ ନିଆଁକୁ ଲିଭାଇ ପାରିବେ । ପୂର୍ବରୁ ଦୁର୍ଗମ ଅଞ୍ଚଳରେ ନିଆଁ ଲାଗିଲେ ବନ କର୍ମଚାରୀମାନେ ଚାଲି ଚାଲି ଯାଉଥିଲେ । ଏହା ସମୟ ସାପେକ୍ଷ ଥିବାରୁ ବନ କର୍ମଚାରୀମାନେ ପହଞ୍ଚିବାବେଳକୁ ନିଆଁ ବ୍ୟାପି ଯାଉଥିଲା । ଏବେ ଏହି ଆଧୁନିକ ସରଞ୍ଜାମ ଥିବା ବାଇକ୍ ସାହାଯ୍ୟରେ ପାହାଡ଼ିଆ ଅଞ୍ଚଳରେ ଖୁବ୍ ଶୀଘ୍ର ନିଆଁ ଲିଭା ଯାଇ ପାରିବ । ସେଠାରେ ସେମାନେ ଏକ ଫାୟାର ଲାଇନ ତିଆରି କରିବେ । ଯଦ୍ୱାରା ନିଆଁ ବ୍ୟାପିବ ନାହିଁ । ପ୍ରଥମେ ନିଆଁକୁ ନିୟନ୍ତ୍ରଣ କରିବା ପରେ ଏହାକୁ ଲିଭାଇବାକୁ ଚେଷ୍ଟା କରିବେ । ଏହି ବ୍ୟବସ୍ଥା ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକରେ କାର୍ଯ୍ୟକାରୀ କରାଯାଉଛି ଓ ସଫଳତା ମଧ୍ୟ ମିଳିଛି । ତେଣୁ ଓଡ଼ିଶାରେ ଏହି ବ୍ୟବସ୍ଥା ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ । ପାରଳାଖେମୁଣ୍ଡି ଓ ରାୟଗଡ଼ା ଭଳି ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳରେ ଏହି ବ୍ୟବସ୍ଥା ବେଶ୍ ଫଳପ୍ରଦ ହେବ ବୋଲି ସୂଚନା ମିଳିଛି । ଅପରପକ୍ଷେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟରେ ଜଙ୍ଗଲ ନିଆଁର ପ୍ରକୋପ ସାମାନ୍ୟ କମିଛି । ଗତ ବର୍ଷ ପ୍ରାୟ ୩୦ ହଜାର 'ଫାୟାର ପଏଣ୍ଟ' ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୯ ହଜାରକୁ ଖସି ଆସିଛି । ମଝିରେ ମଝିରେ ହେଉଥିବା ବର୍ଷା ଓ ବନ ବିଭାଗର କଡ଼ା ନଜର ଯୋଗୁଁ ଏହା ସମ୍ଭବ ହୋଇପାରିଛି । ବିଶେଷକରି ବାଲିଗୁଡ଼ା ଓ କଳାହାଣ୍ଡି ଡିଭିଜନରେ କେନ୍ଦୁପତ୍ର ସଂଗ୍ରହ ଓ ପୋଡୁଚାଷ ପାଇଁ ନିଆଁ ଲଗାଯାଉଥିବାରୁ ଏହି ଦୁଇଟି ଅଞ୍ଚଳ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି । ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଉପରେ ମଧ୍ୟ ବିଭାଗ ତୀକ୍ଷ୍ଣ ନଜର ରଖିଛି । ସୂଚନା ମୁତାବକ, ୨୦୨୫ରେ ୨୯,୭୦୯ ପଏଣ୍ଟରେ ନିଆଁ ଲାଗଥିଲା । ଏଥିରେ ୪୬୦୯.୩୫ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଥିଲା । ୨୦୨୪ରେ ୨୨,୮୬୮ ପଏଣ୍ଟରେ ନିଆଁ ଲାଗଥିଲା ଓ ଏଥିରେ ୪୦୬୭.୩୫ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଥିଲା । ସେହିପରି ୨୦୨୩ରେ ୩୬,୭୧୩ ପଏଣ୍ଟରେ ନିଆଁ ଲାଗିଥିବା ବେଳେ ୯୫୫୦.୮୬ ହେକ୍ଟର ଅଞ୍ଚଳ ପ୍ରଭାବିତ ହୋଇଥିଲା । ତେବେ ୨୦୨୬ ମାର୍ଚ୍ଚ ସୁଦ୍ଧା ୩ ହଜାର ପଏଣ୍ଟର୍‌ରେ ନିଆଁ ଲାଗିଥିଲା । ତେବେ ଚଳିତ ବର୍ଷ ଜଙ୍ଗଲ ନିଆଁ କମ୍ ରହିଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଜଙ୍ଗଲ ବିଭାଗ ସଜାଗ ରହିଛି ।

# ନାରାୟଣପୋଷି ଖଣିରେ ଜଳ କିଓସ୍କ ଉଦ୍‌ଘାଟିତ

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ଏହାର ନାରାୟଣପୋଷି ଖଣିରେ ଏକ ନୂତନ ଜଳ କିଓସ୍କ ଉଦ୍‌ଘାଟନ କରିଛି । ଏହି କିଓସ୍କ ସ୍ଥାନୀୟ ବାସିନ୍ଦା ଏବଂ ଖଣି ଶ୍ରମିକ ଉଭୟଙ୍କୁ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ଯୋଗାଇବ, ଯାହା ଏହି ଅଞ୍ଚଳର ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବ । କମ୍ପାନୀର ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡାଙ୍କ ଦ୍ୱାରା ଏହି ସୁବିଧାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରାଯାଇଥିଲା । ପ୍ରତିଦିନ ସେହି ବାଟ ଦେଇ ଯାଉଥିବା ସମସ୍ତଙ୍କୁ ସେବା ଯୋଗାଇବା ପାଇଁ ଡିଜାଇନ୍ କରାଯାଇଥିବା ଏହି କିଓସ୍କ ଦୂର




ଉତ୍ସରୁ ପାଣି ଆଣିବା ପାଇଁ ଆବଶ୍ୟକ ପ୍ରୟାସକୁ ଯଥେଷ୍ଟ ହ୍ରାସ କରିବ । ଏହାର ଦୀର୍ଘକାଳୀନ ପ୍ରଭାବ ସୁନିଶ୍ଚିତ କରିବା ପାଇଁ, ଜେଏସଡବ୍ଲ୍ୟୁ ଷ୍ଟିଲ୍ ନିୟମିତ ରକ୍ଷଣାବେକ୍ଷଣ ଏବଂ ସକ୍ରିୟ ସମ୍ପ୍ରଦାୟ ଅଂଶଗ୍ରହଣ ପାଇଁ ଯୋଜନା ପ୍ରସ୍ତୁତ କରିଛି । କମ୍ପାନୀ ଏହା ମଧ୍ୟ ଘୋଷଣା କରିଛି ଯେ ଅନ୍ୟ ଖଣି ସ୍ଥାନରେ ମଧ୍ୟ ସମାନ କିଓସ୍କ ପ୍ରତିଷ୍ଠା କରାଯିବ ।

### ଜଳଭିତ୍ତିକ ସାହସିକ ପର୍ଯ୍ୟଟନର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ପ୍ରୟାସ

# କୋଣାର୍କ 'ଓସୱାଲି'ଠାରେ ଲାଇଫ୍‌ଗାର୍ଡ୍ ତାଲିମ୍ ଶୁଭାରମ୍ଭ

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାକୁ ଏକ ନିରାପଦ ଏବଂ ପ୍ରମୁଖ ସାହସିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କୌଶଳମୂଳକ ସହଭାଗିତା ସ୍ଥାପନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ପାଉଥିବା ଜଳକ୍ରୀଡ଼ା ପରିବେଶରେ କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଗୋଆ ସ୍ଥିତ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର୍ ସ୍ପୋର୍ଟସ୍ ଏବଂ ଓଡ଼ିଶା ଅଗ୍ନିଶମ ଓ ଆପାତକାଳୀନ ସେବା ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ଏହି ପଦକ୍ଷେପର ଅଂଶସ୍ୱରୂପ କୋଣାର୍କସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନ୍‌ସିପ୍ ଆଣ୍ଡ ଲାଇଫଗାର୍ଡ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫ୍‌ଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଜି ପ୍ରଥମ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି, ଯାହା ଏକ ଦକ୍ଷତା ବିକାଶ ପ୍ରକ୍ରିୟାର ପ୍ରାରମ୍ଭକୁ ସୂଚାଉଛି ।

ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତାର ୧୧ଟି ବ୍ୟାଚ୍‌ରେ ପରିଚାଳିତ ହେବ, ଯେଉଁଥିରେ ପ୍ରତି ବ୍ୟାଚ୍ ୧୨ ଦିନ ବ୍ୟାପି ରହିବ । ପ୍ରାୟ ଦେଢ଼ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ତାଲିମ୍ ପ୍ରକ୍ରିୟା ଶେଷ ହେବ । ପୁଣି କିଛି ଦିନର ବ୍ୟବଧାନ ପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ । ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ ଜଣ ସରକାରୀ ଏବଂ ବେସରକାରୀ ଲାଇଫଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ । ଏଥିରେ ଉଦ୍ଧାର କୌଶଳ, ସିପିଆର୍ ଏବଂ ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ୱାଟର ସ୍ପୋର୍ଟସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି । ଓଡ଼ିଶାର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜଭୁତ ସୁରକ୍ଷା ବ୍ୟବସ୍ଥା ଗଠନ ଲକ୍ଷ୍ୟରେ ଆସନ୍ତା ୨-୩ ବର୍ଷ ମଧ୍ୟରେ ପ୍ରାୟ ୨,୦୦୦ ଲାଇଫଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି । ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ୍ ସହ ସହଭାଗିତା ହେତୁ ସମସ୍ତ ତାଲିମ ମୋଡ୍ୟୁଲ୍ ଜାତୀୟସ୍ତରର ମାନଦଣ୍ଡ ଏବଂ ପ୍ରମାଣପତ୍ର ନିୟମାବଳୀ ଅନୁଯାୟୀ ହେବା ନିଶ୍ଚିତ ହୋଇଛି । ବୈଜ୍ଞାନିକ ଯୋଜନା ଓ ନିୟୋଜନ ପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ଜଳାଶୟଗୁଡ଼ିକର ବ୍ୟାପକ ମାପଚୁପ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି । ଏହି ତଥ୍ୟକୁ ଆଧାର କରି ଲାଇଫଗାର୍ଡ୍ ପ୍ରଶିକ୍ଷଣ ପାଇଁ ଆଗ୍ରହୀ ଯୁବକମାନଙ୍କର ଜିଲ୍ଲାଭିତ୍ତିକ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଚାଲୁଛି, ଯାହା ମାଧ୍ୟମରେ ସମୁଦ୍ରତଟ, ହ୍ରଦ, ଡ୍ୟାମ୍ ଓ ନଦୀତଟ ସହିତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟବସ୍ଥିତ ଭାବରେ କ୍ଷମତା ବିକାଶ ଓ ନିୟୋଜନ ସୁନିଶ୍ଚିତ କରାଯିବ । ଏହି ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ଲାଇଫଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟଗୁଡ଼ିକରେ ନିୟୋଜିତ କରାଯିବ । ତାଲିମ କାର୍ଯ୍ୟକ୍ରମରେ ଗ୍ରହୀତ 'ନିରନ୍ତର ବ୍ୟାଚ୍ ପ୍ରଣାଳୀ ବା ମଡେଲ' ଦ୍ୱାରା କ୍ଷମତା ବିକାଶ ଗତିଶୀଳ ହେବା ସହିତ ଆସନ୍ତା ପର୍ଯ୍ୟଟନ ଋତୁ ପୂର୍ବରୁ ଓଡ଼ିଶାର ସମୁଦ୍ରତଟ ଓ ଜଳ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ବିଭିନ୍ନ ଜଳାଶୟରେ ବଢୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ, ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ ସହଯୋଗରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଏହି ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଉଚ୍ଚମାନର ତାଲିମ ଏବଂ ସଠିକ୍ ସ୍ଥାନରେ ଲାଇଫଗାର୍ଡଙ୍କ ନିୟୋଜନ ଦ୍ୱାରା ବିପଦ ହ୍ରାସ ପାଇବା ସହ ପର୍ଯ୍ୟଟକମାନେ ଏକ ନିରାପଦ ଅନୁଭୂତି ପାଇପାରିବେ ।

### କାକବନ୍ଧ ଆଶ୍ରମ ସ୍କୁଲ୍ ଛାତ୍ରୀ ମୃତ୍ୟୁ ଘଟଣା

# ଜିଲ୍ଲାପାଳ, ଏସ୍‌ପି, ଆଦିବାସୀ କଲ୍ୟାଣ ବିଭାଗକୁ ନୋଟିସ୍

**ଭୁବନେଶ୍ୱର,୨୭।୪/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍‌ର ନଳଗଜା ପଞ୍ଚାୟତରେ ଥିବା କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ପଞ୍ଚମ ଶ୍ରେଣୀର ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁଙ୍କ ହୋଇଥିବାବେଳେ ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ ହେବା ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନସିଏସଟି) କଠୋର ପଦକ୍ଷେପ ନେଇଛି । ବିଜୁ ଜନତା ଦଳର ଗଣମାଧ୍ୟମ ସଂଯୋଜକ ଓ ପ୍ରବକ୍ତା ଡ. ପ୍ରିୟବ୍ରତ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଉପରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ତଦନ୍ତ ଆରମ୍ଭ କରିଛି । ଏହି ସମ୍ପର୍କରେ ଆୟୋଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ, ଏସ୍‌ପି ଏବଂ ଓଡ଼ିଶା ସରକାରଙ୍କ ଏସ୍‌ଟି ଓ ଏସ୍‌ପି ଉନ୍ନୟନ ବିଭାଗକୁ ନୋଟିସ୍ ଜାରି କରାଯାଇଛି । ଜାରି ହୋଇଥିବା ନୋଟିସ୍ ଅନୁଯାୟୀ ଗତ ୧୫ ତାରିଖରେ ଡ. ପ୍ରିୟବ୍ରତ ମାଝୀଙ୍କଠାରୁ ପ୍ରାପ୍ତ ଅଭିଯୋଗର ତଦନ୍ତ କରାଯିବ । ଆୟୋଗ ଭାରତୀୟ ସମ୍ବିଧାନର ଧାରା ୩୩୮ (ଏ) ଅନୁଯାୟୀ ତଦନ୍ତ କରିବାର କ୍ଷମତା ପ୍ରୟୋଗ କରୁଛି । ନୋଟିସ୍ ଅନୁଯାୟୀ, ସମ୍ପୃକ୍ତ ଅଧିକାରୀମାନେ ୭ ଦିନ ମଧ୍ୟରେ ଘଟଣାର ତଥ୍ୟ, ନିଆଯାଇଥିବା ପଦକ୍ଷେପ ଏବଂ ଅନ୍ୟାନ୍ୟ ସୂଚନା ଦାଖଲ କରିବାକୁ ଆୟୋଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଉତ୍ତର ନ ମିଳେ, ଆୟୋଗ ସିଭିଲ୍ କୋର୍ଟର କ୍ଷମତା ପ୍ରୟୋଗ କରି ସମନ୍ ଜାରି କରିପାରିବେ । ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ନିର୍ଦ୍ଦେଶକ ଡ. ପି. କଲ୍ୟାଣ ରେଡ୍ଡୀଙ୍କ ସ୍ୱାକ୍ଷରରେ ନୋଟିସ ଜାରି ହୋଇଛି । ସୂଚନାଯୋଗ୍ୟ, ଏପ୍ରିଲ୍ ୧୯ ତାରିଖରେ ବିଦ୍ୟାଳୟରେ ପ୍ରସ୍ତୁତ ଖାଦ୍ୟ (ପଖାଳ, ଆଳୁ ମସଲା, ଆମ୍ବ ଚଟଣୀ ଓ ଶାଗ) ଖାଇବା ପରେ ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିଲେ ।

ନିତିଦିନ NITIDIN

## ୭୨ ୟୁନିଟ୍ ରକ୍ତ ସଂଗ୍ରହ

**ଚାରିଛକ,୨୭।୪/ଏନ୍ଏନ୍ଏସ୍:** ପୂର୍ବତନମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଂଜନ ଦାଶଙ୍କ ଜନ୍ମଦିନ ଉପଲକ୍ଷେ ସ୍ଥାନୀୟ ଟାଉନହଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ ଅନ୍ୟଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଶଙ୍କର ଭୋଇ, ଜିଲ୍ଲାପରିଷଦସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ନିମାପଡ଼ା ଆଥ୍ଲେଟିକ ଆସୋସିଏସନ ସଂପାଦକ ଜୀବନାନନ୍ଦ ମହାପାତ୍ର, ନିମାପଡା ପ୍ରେସ କ୍ଲବ ସଭାପତି ଅକ୍ଷୟ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ସତ୍ୟଜିତ ଆଚାର୍ଯ୍ୟ, ରାକେଶ ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରୁ ୭୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।



# ଡମସାହି ଫରେଷ୍ଟ କାର୍ଯ୍ୟାଳୟ ଖାଁ ଖାଁ

## କର୍ମଚାରୀ ନାହାନ୍ତି, ବୁଲୁଛି ଫ୍ୟାନ୍

**ଓଡ଼ଗାଁ,୨୭।୪/ଏନ୍ଏନ୍ଏସ୍:** ସରକାରୀ କା ମାଲ୍ ଦରିଆ ମେ ଡାଲ । ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ପଞ୍ଚିରିଡ଼ା ବନାଞ୍ଚଳର ଡମସାହି ଫରେଷ୍ଟ କାର୍ଯ୍ୟାଳୟରେ ସରକାରୀ ଅର୍ଥର ଅପବ୍ୟବହାର ଓ କର୍ମଚାରୀଙ୍କ ବେପରୁଆ ମନୋଭାବ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । କାର୍ଯ୍ୟାଳୟ କିମ୍ବା କ୍ୱାର୍ଟର୍ସରେ କୌଣସି କର୍ମଚାରୀ ନଥିଲେ ମଧ୍ୟ ଅବାଧରେ ବିଦ୍ୟୁତ୍ ଫ୍ୟାନ୍ ବୁଲୁଥିବା ଦେଖିବାକୁ ମିଳିଛି, ଯାହା ସରକାରୀ ସମ୍ପତ୍ତିର ଖୋଲାଖୋଲି ଅପଚୟକୁ ସୂଚାଉଛି । ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ ବ୍ୟାପିବାର ଆଶଙ୍କା ରହିଛି । ଏହି ସମୟରେ ଜଙ୍ଗଲକୁ ସୁରକ୍ଷା ଦେବା, କାଠ ମାଫିଆ, ଶିକାରୀ ଓ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ସମସ୍ତ ବନ କର୍ମଚାରୀଙ୍କୁ ମୁଖ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ରହିଛି । ମାତ୍ର ଡମସାହି କାର୍ଯ୍ୟାଳୟର କର୍ମଚାରୀମାନେ ବିଭାଗୀୟ ନିର୍ଦ୍ଦେଶକୁ ଫୁ' କରି ଉଡ଼ାଇ ଦେଉଥିବା ଅଭିଯୋଗ ହେଉଛି । କର୍ମଚାରୀମାନେ ନିଜ ମନଇଚ୍ଛା ଅଫିସ୍ ଆସୁଥିବା ବେଳେ ଅନେକ ସମୟରେ ଅନୁପସ୍ଥିତ ରହି ସରକାରୀ ଅର୍ଥ ଲୁଟ୍ କରୁଥିବା ନେଇ ଆଲୋଚନା ହେଉଛି । ଆଜି ଡମସାହି ଫରେଷ୍ଟ କାର୍ଯ୍ୟାଳୟରେ ଏହାର ଏକ ଜ୍ୱଳନ୍ତ ନମୁନା ଦେଖିବାକୁ ମିଳିଛି ।

କାର୍ଯ୍ୟାଳୟରେ ଫରେଷ୍ଟର କିମ୍ବା ଅନ୍ୟ କର୍ମଚାରୀଙ୍କ ଦେଖା ନଥିବା ବେଳେ ଫ୍ୟାନ୍ ଗୁଡ଼ିକ ଅବିରତ ବୁଲୁଥିଲା । କେବଳ ସେତିକି ନୁହେଁ, କର୍ମଚାରୀଙ୍କ କ୍ୱାର୍ଟର୍ସରେ ମଧ୍ୟ ଫ୍ୟାନ୍ ଲଗାଇ ଲୁଗାପଟା ଶୁଖାଯାଉଥିବା ଦେଖାଯାଇଛି । ପ୍ରଚଣ୍ଡ ଖରାରେ ବାହାରେ ଲୁଗା ସହଜରେ ଶୁଖିଯାଉଥିବା ବେଳେ ସରକାରୀ ବିଦ୍ୟୁତ୍ ଖର୍ଚ୍ଚ କରି ଫ୍ୟାନ୍ ସାହାଯ୍ୟରେ ଲୁଗା ଶୁଖାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହିଭଳି ଅବ୍ୟବସ୍ଥା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । କର୍ମଚାରୀଙ୍କ ଅନୁପସ୍ଥିତିରେ ଜଙ୍ଗଲ ସୁରକ୍ଷା କିଭଳି ହେଉଛି ଏବଂ ବିଦ୍ୟୁତ୍‌ର ଏଭଳି ଅପବ୍ୟବହାର ପାଇଁ କିଏ ଦାୟୀ, ସେ ନେଇ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରିବାକୁ ଦାବି ହେଉଛି । ପ୍ରଶାସନିକ ସ୍ତରରେ ଏଥିପ୍ରତି ଦୃଷ୍ଟି ଦିଆନଗଲେ ଜଙ୍ଗଲ ସମ୍ପଦର ସୁରକ୍ଷା ବିପନ୍ନ ହେବାର ଆଶଙ୍କା ରହିଛି ।



# ଦିବ୍ୟାଙ୍ଗ ସମାବେଶ

**କୁଆଁପାଳ,୨୭।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଗୋତରା ପଞ୍ଚାୟତ ଅନ୍ତର୍ଗତ ଆପିଲୋ ୟୁଜିଏମ୍ ସ୍କୁଲ ପରିସରରେ ଆମ ସ୍ୱାଭିମାନ ଟ୍ରଷ୍ଟ ଆନୁକୂଲ୍ୟରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ସମାବେଶ ଓ ଉତ୍ସବ ଟ୍ରଷ୍ଟର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପସଚିବ ଏସ୍ଏସ୍‌ପି ଇଡିର ସନ୍ନ୍ୟାସ କୁମାର ବେହେରା ଯୋଗଦେଇ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଆୟୋଜିତ ସମାବେଶ ଉତ୍ସବ ଏକ ନିଆରା ଉଦ୍ୟମ ବୋଲି ମତବ୍ୟକ୍ତ କରିବା ସହ ଆମ ସ୍ୱାଭିମାନ ଟ୍ରଷ୍ଟର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ପ୍ରେମ ଡାକ୍ତର ଜେକବ ଥୁଣ୍ଡିଏଲ୍, ସିପେଟ୍‌ର ସେଣ୍ଟର ଇନ୍‌ଚାର୍ଜ ଜୟନ୍ତ କୁମାର ଦାସ, ଏଡୁକୋ ଇଣ୍ଡିଆର କାର୍ଯ୍ୟକ୍ରମ ପରିଚାଳକ ସୁକାନ୍ତ କୁମାର ବେହେରା, ପ୍ରଫେସର ପ୍ରଫୁଲ୍ଲ କୁମାର ଧଳ, ନାଟ୍ୟକାର ଅଭୟ କୁମାର ଦାସ, ହାଇଟେକ୍ ମେଡିକାଲର ମନୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ସଂପର୍କରେ ଆଲୋକପାତ କରିବା ସହ ବିଭିନ୍ନ କ୍ଷେତ୍ରରେ ସେମାନେ ଅର୍ଜନ କରିଥିବା ଦକ୍ଷତା ସଂପର୍କରେ ସୂଚନା ଦେଇଥିଲେ । ବିଶେଷ ଅତିଥି ଭାବେ ନେସନାଲ ଫାଉଣ୍ଡେସନ ଫର ଇଣ୍ଡିଆର ଇପ୍‌ସିତା ପ୍ରତିମ୍ବିତା, ଜୟନ୍ତ କୁମାର ସାହୁ, ବିଭୁପ୍ରସାଦ ଶତପଥି, ସୁଶାନ୍ତ ନାୟକ ଯୋଗଦେଇଥିଲା ବେଳେ ଜୟନ୍ତ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଆମ ସ୍ୱାଭିମାନ ଟ୍ରଷ୍ଟର ସଚିବ ତ୍ରିଲୋଚନ ବେହେରା ବିବରଣୀ ପାଠ କରିଥିଲେ । ଏହି ଅବସରରେ କବୟିତ୍ରୀ ଲବଙ୍ଗଲତା ରାଉତ ଓ ପ୍ରଫୁଲ୍ଲ କୁମାର ସିଂ ସ୍ୱରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆମ ସ୍ୱାଭିମାନ ଟ୍ରଷ୍ଟର ହିଂମାଂଶୁ ଶେଖର ଦାସ, ସସ୍ମିତା ବେହେରା, ମିର୍ଜା ଆୟାସ ବେଗ୍, ଜ୍ଞାନେନ୍ଦ୍ର କୁମାର ଷଡଙ୍ଗୀ, ସୁଧାକର ଭୋଇ, ଶୀତଲ ପଣ୍ଡା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ । ପରେ ଛାତ୍ରଛାତ୍ରୀ ଓ ସମାଜସେବକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ମାହାଙ୍ଗା ଓ ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଇଡେନ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ



**ବେଗୁନିଆ,୨୭।୪/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଇଡେନ ସ୍କୁଲରେ ୧୭ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ତନୁଜା ପାଟ୍ଟଶାଣୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବୋଲଗଡ଼ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତା ରାଜେନ୍ଦ୍ର ପ୍ରସାଦ ସାହୁ, ସମ୍ମାନିତ ଅତିଥି ବେଣୁଧର ପ୍ରଧାନ (ଫତେଗଡର ରାମ ମନ୍ଦିର ପ୍ରତିଷ୍ଠାତା), ଅର୍ଣ୍ଣବ କୁମାର ବେଉରା(ବି.ଓ), ଗୋପିନାଥ ମହାରଣା (ଭାଇସ ପ୍ରେସିଡେଣ୍ଟ ଜିଲ୍ଲା ପରିଷଦ ଖୋର୍ଦ୍ଧା), ଲକ୍ଷ୍ମୀଧର ସୁବୁଦ୍ଧି(ଚେୟାରମ୍ୟାନ ବେଗୁନିଆ), ପ୍ରକାଶ ଚନ୍ଦ୍ର ସାହୁ (ଜିଲ୍ଲାପରିଷଦ ଜୋନ ୨୨ ନମ୍ବର), ପ୍ରମୋଦ ଦଲାଇ (ସରପଞ୍ଚ) ଯୋଗ ଦେଇଥିଲେ । ସଂଯୋଜନା କରିଥିଲେ ଯଶସ୍ୱିନି ସାହୁ, ଶେଷରେ ଲଲାଟ ପାଟ୍ଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ । କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବସୁଧା ସେବକ ସଂଘ ପକ୍ଷରୁ ଜଳଛତ୍ର




**ମାହାଙ୍ଗା,୨୭।୪/ଏନ୍ଏନ୍ଏସ୍:** ପ୍ରଭୁ ଶନିଶ୍ଚରଙ୍କ ଜଳାଭିଷେକ ଅବସରରେ ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣ୍ଡପୁର ଶନିଘାଟ ଠାରେ ବସୁଧା ସମାଜ ସେବକ ସଂଘ ପକ୍ଷରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଉପଦେଷ୍ଟା ତଥା ଶିକ୍ଷାବିତ୍ ରବୀନ୍ଦ୍ରନାଥ କର ଉଦ୍‌ଘାଟକ ଓ ମୁଖ୍ୟଅତିଥିଭାବେ ଯୋଗଦେଇ ଜଳଛତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଅନୁଷ୍ଠାନର ଏଭଳି ମହନୀୟ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଶନିଶ୍ଚର ମନ୍ଦିରକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁମାନଙ୍କୁ ଦହି ସରବତ ଓ ଜଳ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ସଭାପତି ବିଚିତ୍ରାନନ୍ଦ ସାହୁ, ସଦାଶିଷ ସାହୁ, ନିରଞ୍ଜନ ବେହେରା, କ୍ଷିତିଶ ସାହୁ, ବିଭୂତିଭୂଷଣ ସାହୁ, ରମାକାନ୍ତ ଦାସ, ବିପ୍ରବର ସାହୁ, ମନୋରଞ୍ଜନ ସାହୁ, ରାଧାବଲ୍ଲଭ ସାହୁ,ସୁରେନ୍ଦ୍ର ଦାସ, ଅଭୟ ସାହୁ, ଚନ୍ଦ୍ରଶେଖର ସାହୁ, ଜଗବନ୍ଧୁ ସାହୁ, ରଜତ କୁମାର ଭୂୟାଁ, ଚିତ୍ତରଞ୍ଜନ ସିଂହ, ଜ୍ଞାନରଞ୍ଜନ ସାହୁ, ବିଦ୍ୟାଧର ସାହୁ, ନବକିଶୋର ସାହୁ, ଦେବେନ୍ଦ୍ର ସିଂହ, ସନ୍ତୋଷ ଦାସ, ପ୍ରକାଶ ଦାସ, ଦେବ ଦୁଲ୍ଲଭ ସାହୁ, ରାମଚନ୍ଦ୍ର ନାଥ, ଧନଞ୍ଜୟ ନାଥ, କୃଷ୍ଣଚନ୍ଦ୍ର ସିଂହଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରୋଟାରୀ କ୍ଲବ୍ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

**ଖୋର୍ଦ୍ଧା,୨୭।୪/ଏନ୍ଏନ୍ଏସ୍:** ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ରୋଟାରୀ କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଆୟୋଜିତ ମାଗଣା ଚକ୍ଷୁ ଚିକିତ୍ସା ଶିବିରକୁ ଆନୁଷ୍ଠାନିକ ଭାବେ ଉତ୍ତର ଓଡ଼ିଶାର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଉଦଘାଟନ କରିଥିଲେ । ଖୋର୍ଦ୍ଧା ପୌର ପରିଷଦର ଅଧକ୍ଷା କନକଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିବା ବ୍ୟକ୍ତି ବିଶେଷଙ୍କୁ ନୂତନ ଚଷମା ପ୍ରଦାନ କରିଥିଲେ । ଶିବିରରେ ଡାକ୍ତର ଦେବୀପ୍ରସାଦ ଶ୍ରୀଚନ୍ଦନଙ୍କ ଦ୍ୱାରା ୮୪ଜଣ ଚକ୍ଷୁ ପରୀକ୍ଷା କରିବା ସହ ୨୪ଜଣ ଚଷମା ପ୍ରାପ୍ତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ରୋଟାରିଆନ ଦେବ ପ୍ରସାଦ ମଜୁମଦାର, ସୁଚସ୍ମିତା ପରିଜା, ରୋଟାରୀ ସଭାପତି ସୁକାନ୍ତ ନାୟକ, ଆଲୋକ ପଟ୍ଟନାୟକ, ଶାଶ୍ୱତ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଟି. ଅକ୍ଷୟ କୁମାର ଓ ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।

## ତହସିଲ୍ କାର୍ଯ୍ୟାଳୟରେ କ୍ଷମତାର ଅପବ୍ୟବହାର ଅଭିଯୋଗ

# ହାରାଣ୍ କରାଯାଉଛି ନିଲାମଧାରୀଙ୍କୁ !

**କଣ୍ଟିଲୋ,୨୭।୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ମାଧ୍ୟମରେ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋଙ୍କର ପ୍ରତିବର୍ଷ ରାଜସ୍ୱ ସଂଗ୍ରହ ହେଉଥିବା ବିଭିନ୍ନ ସଂସ୍ଥା ମଧ୍ୟରୁ ଶ୍ରୀଜିଉଙ୍କ ଉତ୍ତର ପାଟଛ ମହାନଦୀ କୂଳରେ ଥିବା ମିଉଜିୟମ୍ ଅନ୍ୟତମ । ଏହି ମିଉଜିୟମ ନିଲାମ ଉପରେ ନିଲାମଧାରୀଙ୍କୁ ହଇରାଣ ଓ ହାରାଶ କରି ତହସିଲ ପ୍ରଶାସନ କ୍ଷମତାର ଅପବ୍ୟବହାର କରୁଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ ଉଦାହରଣ ହେଉଛି ଯେ, ଖଣ୍ଡପଡ଼ା ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କ ଚିଠି ନଂ ୩୭ ଅନୁଯାୟୀ ୩ ଲକ୍ଷ ୨୦ ହଜାର ଟଙ୍କାରେ ଦୁଇ ବର୍ଷ ପାଇଁ ଅର୍ଥାତ୍ ୨୧ ଜାନୁଆରୀ ୨୦୨୪ରୁ ୨୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଏହି ମିଉଜିୟମ ନିଲାମ ନେଇଥିଲେ । ଏହି ଭିତରେ ଫାଇଭଟି କାର୍ଯ୍ୟ ନିର୍ମାଣ ହେଉଥିବା ଯୋଗୁଁ, ନିଲାମଧାରୀ ସହିଥିବା କ୍ଷତି ଯୋଗୁ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଚିଠି ଦ୍ୱାରା ଆଉ ଗୋଟିଏ ବର୍ଷ ଅର୍ଥାତ୍ ୨୦ ଡିସେମ୍ବର ୨୦୨୭ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଯାଇଥିଲା । କିନ୍ତୁ କୌଣସି କାରଣ ନଥାଇ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ନିଜ କ୍ଷମତାର ଅପବ୍ୟବହାର କରି ପୁନର୍ବାର ଆଉ ଏକ ନିର୍ଦ୍ଦେଶନାମା ଚିଠି ନଂ୨୩, ୧୦ ଅଗଷ୍ଟ ୨୦୨୫ରେ ଉଲ୍ଲେଖ କରିଛନ୍ତି ଯେ, ନିଲାମଧାରୀଙ୍କୁ ଯେଉଁ ଗୋଟିଏ ବର୍ଷ ଅଧିକ ସମୟ ବୃଦ୍ଧି କରାଯାଇଥିଲା ତାହା ବାତିଲ୍ କରାଯାଇ ମାତ୍ର ୭୫ଦିନ ବୃଦ୍ଧି କରାଗଲା । ଅର୍ଥାତ୍ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅବଧି ରହିଲା । ଏଠାରେ ବେଶୀ ଆଶ୍ଚର୍ଯ୍ୟ ଓ ଚକିତ ଲାଗୁଛି ଯେ, ୨୦୨୫ ଅଗଷ୍ଟ ୧୦ ତାରିଖରେ ତହସିଲ କାର୍ଯ୍ୟାଳୟରେ ହୋଇଥିବା ନିର୍ଦ୍ଦେଶନାମାକୁ ତଞ୍ଚକତା କରି ସଂପୃକ୍ତ ନିଲାମଧାରୀଙ୍କୁ ୮ମାସ ୧୫ଦିନ ବାଦ ଅର୍ଥାତ୍ ୧୫ ଏପ୍ରିଲ୍ ୨୦୨୬ରେ ଅବଗତ କରାଯାଇଛି । ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଖଣ୍ଡପଡ଼ା ତହସିଲଦାରଙ୍କୁ ଫୋନ କଲ୍ କରିଥିଲେ ମଧ୍ୟ ସେ ରିସିଭ୍ କରିନଥିଲେ । ତେବେ ଏଠାରେ ନିଜ କ୍ଷମତାର ଅପବ୍ୟବହାର କରିବା ସହିତ ବାହ୍ୟ ଚାପର ବଶବର୍ତ୍ତୀ ହୋଇ ଏପରି ଅନିୟମିତତା କାର୍ଯ୍ୟ କରାଯାଇଥିବା ଅଭିଯୋଗରୁ ଜଣାଯାଏ । ଏହାବ୍ୟତୀତ ଆହୁରି ଅନେକ କାର୍ଯ୍ୟର ନଜିର ରହିଥିବା ଜଣାଯାଇଛି । ଯଦି ଏହାର ପୁନର୍ବିଚାର କରାନଯାଏ ତେବେ ସଂପୃକ୍ତ ମିଉଜିୟମ ନିଲାମଧାରୀ ସୁଜିତ୍ କୁମାର ନିଶଙ୍କ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି । ନୟାଗଡ଼ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି ।

# ମଙ୍ଗଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଝୁମିଲେ ଦର୍ଶକ



**ଅସ୍ତରଙ୍ଗ,୨୭।୪/ଏନ୍ଏନ୍ଏସ୍:** କାକଟପୁର ଠାରେ ଆୟୋଜିତ ମଙ୍ଗଳାମହୋତ୍ସବ ର ଦ୍ୱିତୀୟ ସନ୍ଧ୍ୟା ଥିଲା ବେଶ ଆକର୍ଷଣ ଓ ଚିତ୍ତାକର୍ଷକ । ଏହି ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଓ ଓଡିଶୀ ସାଙ୍ଗକୁ ମୟୁର ନୃତ୍ୟ, ରାଜସ୍ଥାନୀ ଲୋକନୃତ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଦର୍ଶକଙ୍କୁ ବେଶ ଆମୋଦପ୍ରମୋଦର ଖୋରାକ ଯୋଗାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର, ବିଶିଷ୍ଟ ଶିକ୍ଷାବିତ ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ୧୫ତମ ମଙ୍ଗଳା ମହୋତ୍ସବକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଉତ୍ସବରେ ସ୍ଥାନୀୟ ବିଧାୟକ ତୁଷାର କାନ୍ତି ବେହେରା ସଭାପତିତ୍ୱ କରିଥିବା ବେଳେ, ସମ୍ପାଦକ ଭାବେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଯୁଗ୍ମସମ୍ପାଦକ ଭାବେ ଶ୍ରୀଧର ନାୟକ ଯୋଗଦେଇ ମଙ୍ଗଳାମହୋତ୍ସବକୁ ସରକାରୀ ଭାବେ ଆୟୋଜନ କରିବାକୁ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଯାତ୍ରା କମେଡିଆନ ଭିକାରିଙ୍କ ଯାତ୍ରା ସଂଳାପ ମହୋତ୍ସବକୁ ଋଦ୍ଧିମନ୍ତ କରିଥିଲା । ଆୟୋଜକ କମିଟି ତରଫରୁ ଭିକାରିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସତ୍ୟଜିତ ଜେନା ଓ ଶୁଭଶ୍ରୀ ଜେନାଙ୍କ ସୁଲଳିତ କଣ୍ଠ ସ୍ୱର ଦର୍ଶକଙ୍କୁ ବେଶ୍ ବାନ୍ଧିରଖିଥିଲା । ଉପସ୍ଥାପିକା ଅଭିଲିପ୍ସା ପଣ୍ଡା ଓ ପ୍ରତାପ ରାଉତ ମଞ୍ଚ ପରିଚାଳନା କରିଥିଲେ । ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହୋତ୍ସବର ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଅଛି ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି ।

# ଅଭିମନ୍ୟୁଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି

**ନୟାଗଡ଼,୨୭।୪/ଏନ୍ଏନ୍ଏସ୍:** କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ଓ ସଂସ୍କୃତି ପରିଷଦ, ନୟାଗଡ଼ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମସ୍ଥାନ ଯାଜପୁର ଜିଲ୍ଲା ବାଲିଆ ସ୍ଥିତ ସମାଧି ସ୍ଥଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ରୀତିଯୁଗର ମହାନ ବୈଷ୍ଣବ କବି କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ଅଭିମନ୍ୟୁ ସାମନ୍ତସିଂହାରଙ୍କ ଉଭୟ ଶିକ୍ଷା ଏବଂ ଦୀକ୍ଷା ଗୁରୁ ଥିଲେ । ଅଭିମନ୍ୟୁ ରାଜ ପରିବାରର ଦାୟାଦ ହୋଇଥିବା ବେଳେ କବିସୂର୍ଯ୍ୟ ନୟାଗଡ଼ ଶରଣକୁଳରୁ ଯାଜପୁର ବାଲିଆ ରାଜବାଟିରେ ରହି ଅଭିମନ୍ୟୁଙ୍କୁ ଶିକ୍ଷାଦୀକ୍ଷା ପ୍ରଦାନ ସହିତ ସେଠାରେ ରାଧାକୃଷ୍ଣଙ୍କ ରାସେଶ୍ୱରୀ ରସିକରା ମଠ ସ୍ଥାପନ କରି ଦୈନନ୍ଦିନ ପୂଜାପାଠ କରୁଥିଲେ । ଏହି ମଠ ନିକଟରେ ଥିବା ଅଭିମନ୍ୟୁଙ୍କ ସମାଧି ପୀଠରେ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଦ୍ୟୁମ୍ନ କୁମାର ଶତପଥୀ ଏବଂ ମଠର ଟ୍ରଷ୍ଟି ତଥା ଅଭିମନ୍ୟୁଙ୍କ ବଂଶଧର ଅଧ୍ୟାପକ ଶରତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ବିଦଗ୍ଧ କବିଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହିତ କବିସୂର୍ଯ୍ୟ ଏବଂ ଅଭିମନ୍ୟୁଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ମଠ ପକ୍ଷରୁ ଉପସ୍ଥିତ ସଦସ୍ୟ ମାନଙ୍କୁ ଉପଢୌକନ ଏବଂ ଅଭିମନ୍ୟୁଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୧୪ତମ ବିରୂପା ମହୋତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

**ସାଲେପୁର,୨୭।୪/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଗୋପୀନାଥପୁର ହରିଡ଼ା ପଡିଆ ଠାରେ ଆଞ୍ଚଳିକ ସାମାଜିକ ଓ ସାଂକୃତିକ ଉନ୍ନୟନ ଟ୍ରଷ୍ଟ ଏବଂ ବିଜୟାନନ୍ଦ ଯୁବ ପରିଷଦ ପକ୍ଷରୁ ବିରୂପା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସମାଜସେବୀ ଦିଲ୍ଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଶିବ ଶଙ୍କର ମିଶ୍ର ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ । ଜଷ୍ଟିସ ମିଶ୍ର ମଧୁବାବୁଙ୍କ ଜନ୍ମ ମାଟିରେ ଓଡିଶାର କଳା, ସଂକୃତି ଓ ପରମ୍ପରାର ନିଦର୍ଶନ ଏହି ମହୋତ୍ସବର ମାଧ୍ୟମ ହୋଇଛି ବୋଲି ପ୍ରକାଶ କରିବା ସହିତ ଆଜିର ଯୁବଶକ୍ତି ମଧୁବାବୁଙ୍କ ନୀତି, ଆଦର୍ଶର ପଥିକ ହେବାକୁ ଆହ୍ୱାନ ଦେଇଥିଲେ ।

ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଯୋଗଦେଇ ମଧୁବାବୁଙ୍କ ଜନ୍ମ ମାଟିରେ ଏଭଳି ଏକ ନିଆରା କାର୍ଯ୍ୟକ୍ରମରେ ଯୋଗଦେବାର ସୁଯୋଗ ତାଙ୍କୁ ମିଳିଥିବାରୁ ଅନୁଷ୍ଠାନକୁ ଭୁୟସୀ ପ୍ରଶଂସା କରିଥିଲେ । ଅନୁଷ୍ଠାନର ସମ୍ପାଦକ ବିଶ୍ୱରଂଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହସମ୍ପାଦକ ସୁରେଶ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖୋର୍ଦ୍ଧାର ପାଇକ ଆଖେଡା, ସାଲେପୁର ସଙ୍ଗୀତ ନୃତ୍ୟ ଏକାଡେମୀ ଓ ଟାଙ୍ଗୀ ବନ୍ଦନା କଳା ନିକେତନର ଉଚ୍ଚ କୋଟିର ନୃତ୍ୟ ପରିବେଷଣରେ ଦର୍ଶକ ବିଭୋର ହୋଇଥିଲେ । ସିନେତାରକା ଭୂମିକା ଦାଶ ଓ ଗୁଡ୍ଡୁଙ୍କ ଅଭିନୟ ଏବଂ ସଂଳାପରେ ଦର୍ଶକ ଖୁବ ଆନନ୍ଦିତ ହୋଇଥିଲେ ।

ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ସମାଜସେବୀ ଦିଲ୍ଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଂକୃତିକ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଂକୃତି ବିଭାଗର ପ୍ରାକ୍ତନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥିଭାବେ ଗାନ୍ଧୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ସମ୍ପାଦକ ଚନ୍ଦ୍ରଧ୍ୱଜ ପଣ୍ଡା,ମହାନଦୀ ଡ୍ରେନେଜ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ ଅବିନାଶ ରାଉଳ ଯୋଗଦେଇ ମଧୁବାବୁଙ୍କ ଜନ୍ମମାଟିରେ ଏଭଳି ବିରାଟ ଆୟୋଜନ ସହିତ ଅନୁଷ୍ଠିତ ହେଉଥିବା ମହୋତ୍ସବ ପାଇଁ ଆୟୋଜନ ମାନଙ୍କୁ ସାଧୁବାଦ ଜଣାଇବା ସହ ପ୍ରଶଂସା କରିଥିଲେ । ସମ୍ପାଦକ ବିଶ୍ୱରଂଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହସମ୍ପାଦକ ସୁରେଶ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ମଞ୍ଚରେ ମୟୁରଭଞ୍ଜର ପଲ୍ଲଭି ନୃତ୍ୟ କଳାକାର ମାନଙ୍କ ଦ୍ୱାରା ମାଲଖମ୍ବ, ଗଞ୍ଜାମର ନୃସିଂହ ରଣପା ଓ ଯୋଡି ଶଙ୍ଖ ଦର୍ଶକଙ୍କ ମନମୁଗ୍ଧ କରିଥିଲା । କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ କୁମାର ସାମଲ, ଅଜୟ କୁମାର ଲେଙ୍କା, ବନମାଳୀ ପ୍ରଧାନ, ଦେବେନ୍ଦ୍ର ନାଥ ସ୍ୱାଇଁ, ପ୍ରଶାନ୍ତ କୁମାର ଭୂୟାଁ, ରମେଶ ଲେଙ୍କା, ଜ୍ୟୋତିରଞ୍ଜନ ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ । ମହୋତ୍ସବ ପଡିଆରେ ଗ୍ରାମୀଣ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ଜାତୀୟ ପଞ୍ଚାୟତିରାଜ ଦିବସ

**ଆଠଗଡ଼,୨୭।୪/ଏନ୍ଏନ୍ଏସ୍:** ଆଠଗଡ ବ୍ଲକ କାର୍ଯ୍ୟାଳୟ ଠାରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ପଞ୍ଚାୟତରାଜ ଦିବସ ପାଳନକୁ ଆଭାସି ମାଧ୍ୟମରେ ଯୋଡାଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣ ସିଧାସଳଖ ଭାବେ ପ୍ରସାରଣ କରାଯାଇଥିଲା । ବିଶେଷ କକରି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯକ୍ରମ ମାନ ଲୋକଙ୍କ ପାଖରେ ପହଁଚାଇବା ଏବଂ ଏହାର ସଫଳତା ଲୋକଙ୍କୁ ଦେବା କାର୍ଯ୍ୟକ୍ରମର ମୁଳ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଆହ୍ୱାନ ରଖିଥିଲା । ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବ୍ଲକ କାର୍ଯ୍ୟକ୍ରମରେ ପଞ୍ଚାୟତରେ ଉଲ୍ଲେଖନୀୟ ଭୁମିକା ପାଇଁ ସରପଞ୍ଚ ମାନଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଖଣ୍ଡ ସୁଚନା ଅଧିକାରୀ ଶାଶ୍ୱତୀ ପାଢୀ, ଅତିରିକ୍ତ ମଣ୍ଡଳ ଅଧିକାରୀ ବିଷ୍ଣୁପ୍ରୀୟା ସାହୁ, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାଳ ଅନ୍ୟକର୍ମଚାରୀଙ୍କ ମଧ୍ୟରେ ନକ କୁମାର କଟକିଆ, ବିକାଶ ଦେହୁରୀ, ସରୋଜିନି ବେହରାଙ୍କ ସମେତ ବହୁ ବରିଷ୍ଟ ବ୍ୟକ୍ତି ବିଶେଷ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ସଙ୍ଗୀତ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ

**ସାକ୍ଷୀଗୋପାଳ,୨୭।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାର ସତ୍ୟବାଦୀରେ ଗଢି ଉଠିଥିବା ବହୁ ପୁରାତନ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଏବେ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି । ଏହି ଅବସରରେ ସତ୍ୟବାଦୀ ବକୁଳ ବନ ସ୍ଥିତ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଯାପିତ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜୟପୁର ସମିତି ସଭ୍ୟ ଦୀପକ ଶତପଥୀ, ବାଦ୍ୟ ଗୁରୁ ଧନେଶ୍ୱର ସ୍ୱାଇଁ, ସୁକାନ୍ତ କୁମାର କୁଣ୍ଡୁ, ନାଟ୍ୟକାର ଦୋଳଗୋବିନ୍ଦ ରଥ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର, ଅନୁଷ୍ଠାନର ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଯାପିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ମାନେ ମନଭରି ଓଡ଼ିଶୀ ନୃତ୍ୟ ଉପଭୋଗ କରିଥିଲେ । ଆଇନଜୀବୀ ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।




# ଯୋଗସେବା କେନ୍ଦ୍ରର ରଜତ ଜୟନ୍ତୀ



**ଆଠଗଡ଼,୨୭।୪/ଏନ୍ଏନ୍ଏସ୍:** ଆଠଗଡସ୍ଥିତ ଯୋଗସେବା କେନ୍ଦ୍ରର ରଜତ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜଗତପୁର ପ୍ରଜ୍ଞାନ ମିଶନ ପ୍ରମୁଖ ସ୍ୱାମୀ ଅଞ୍ଜନେୟାନନ୍ଦ ଗିରି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ପ୍ରଫେସର ଡକ୍ଟର ନିରଞ୍ଜନ ପାଢୀ । ସମ୍ମାନିତ ଅତିଥି ଭାବେ ପ୍ରଫେସର ଡକ୍ଟର ନରୋତ୍ତମ ଗାହାଣ, ଉତ୍କଳ ବିଶ୍ୱବିଦ୍ୟାଳୟ ଯୋଗ ବିଭାଗର ଅଧ୍ୟାପକ ଡକ୍ଟର ବିଶ୍ୱରଞ୍ଜନ ରଥ ଓ ଆଠଗଡ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଯୋଗ ଦେଇଥିଲେ । ଅଧ୍ୟାପକ ଦିନେଶ ଚନ୍ଦ୍ର ଦାସଙ୍କ ସଂଯୋଜନା ଓ ଯୋଗସେବା କେନ୍ଦ୍ରର ସଭାପତି ଡାକ୍ତର ଗୋକୁଳାନନ୍ଦ ପତ୍ରୀ ଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା । ଆରମ୍ଭରେ ଅତିଥିମାନେ ଯୋଗଗୁରୁମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । କେନ୍ଦ୍ରର ପ୍ରତିଷ୍ଠାତା ସ୍ୱାମୀ ତ୍ର୍ୟୋମ୍ବକେଶ୍ୱର ସରସ୍ୱତୀ ଓ ଅନ୍ୟାନ୍ୟ ସଦସ୍ୟଙ୍କ ଅବର୍ତ୍ତମାନରେ ସେମାନଙ୍କ ଲାଗି ସଭାରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସଂଯୋଜକ ଅଧ୍ୟାପକ ଦାସଙ୍କ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପରେ ସ୍ୱାଗତ ସଂଗୀତ ଗାନ କରିଥିଲେ ଯତିସୁନ୍ଦର ମହାପାତ୍ର ପରେ ଭକ୍ତି ସଂଗୀତରେ ନୃତ୍ୟ କରିଥିଲେ ସାଲିନୀ ଦାସ ଏବଂ ରସ୍ମିତା ମହାରଣା । ରଜତ ଜୟନ୍ତୀ ଉତ୍ସବ ସମ୍ବନ୍ଧରେ ସମ୍ୟକ ସୂଚନା ରଖିଥିଲେ ସଭାପତି ଡାକ୍ତର ଗୋକୁଳାନନ୍ଦ ପତ୍ରୀ । ସଂପାଦକ ସଦାଶିବ ରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ପ୍ରଫେସର ଗାଣ ନିର୍ବାଣ ଓ ଅଷ୍ଟାଙ୍ଗ ଯୋଗ ଉପରେ ଆଲୋକପାତ କରିଥିଲେ । ଯୋଗ ଅଧ୍ୟାପକ ଡକ୍ଟର ରଥ ଯୋଗ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ । ଶେଷରେ ଉପଦେଷ୍ଟା ପ୍ରମୋଦ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

**ନିତି ଭାରତୀ**

ଉଠରେ ଉଠରେ ଉତ୍କଳ ସନ୍ତାନ/ ଉଠିବୁ ତୁ କେତେ ଦିନେ/ ପୂରୁବ ଗୌରବ ପୂରୁବ ସାହସ/ ପଢ଼ିବ କି କେବେ ମନେ ?
- ଉତ୍କଳ ଗୌରବ ମଧୁସୂଦନ ଦାସ

NITIDIN
ନିତିଦିନ
ମଙ୍ଗଳବାର, ୨୮ ଏପ୍ରିଲ ୨୦୨୬

# ଆଇନ ପେସାରେ ମଧୁପଣିଆର ପ୍ରାସଙ୍ଗିକତା



ବିଭୁ ପ୍ରସାଦ ତ୍ରିପାଠୀ

ପ୍ରତି ବର୍ଷ ଏପ୍ରିଲ ୨୮ତାରିଖ ମଧୁବାବୁଙ୍କ ଜନ୍ମ ଜୟନ୍ତୀକୁ ସାରା ରାଜ୍ୟର ଆଇନଜୀବୀ ମାନେ ଆଇନଜୀବୀ ଦିବସ ଭାବେ ପାଳନ କରନ୍ତି। ଏହି ଅବସରରେ ସବୁ ବାର୍ ଆସୋସିଏସନ୍ ସଭାଗୃହରେ ମଧୁବାବୁଙ୍କର ଓଡ଼ିଆ ଜାତି ପ୍ରତି ଅବଦାନ, ତାଙ୍କର କୃତୀ ଓ କୃତିତ୍ୱକୁ ନେଇ ସାଧାରଣ ସଭା ଅନୁଷ୍ଠିତ ହେଉଛି। ଏହି ଜୟନ୍ତୀରେ ଆଇନ ପେସାରେ ମଧୁବାବୁଙ୍କ ସ୍ୱାଭିମାନ, ବିଚାରଧାରା, ଓକିଲପଣିଆ ଓ ସାମାଜିକ ଦାୟିତ୍ୱ ପ୍ରସଙ୍ଗ ସମ୍ପର୍କରେ ଆଇନ ପେସାରେ ଯୋଗ ଦେଉଥିବା ନୂଆ ପିଢ଼ି ଅବଗତ ହେବା ଲାଗି କୌଣସି ପ୍ରଚେଷ୍ଟା କରାଯାଉ ନାହିଁ, ଯାହାର ଫଳ ସ୍ୱରୂପ ଆଇନଜୀବୀ ଦିବସଟିକୁ କେବଳ ଗୋଟିଏ ଛୁଟି ଦିବସ ଭାବେ ରାଜ୍ୟର ଅନେକ ଆଇନଜୀବୀ ଗ୍ରହଣ କରି ନେଇଛନ୍ତି। ସେଥିପାଇଁ ଆଇନଜୀବୀଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱ, ସ୍ୱାଭିମାନ କିମ୍ବା ଅସ୍ମିତା ଭାବକୁ ସଞ୍ଚରିତ କରିବା ଉଦ୍ଦେଶ୍ୟରେ ମଧୁବାବୁଙ୍କ ଜୀବନକୁ ବାରମ୍ବାର ଅଧ୍ୟୟନ କରିବା ଏବଂ ଅନୁଶୀଳନ କରିବା ସାମ୍ପ୍ରତିକ ପରିସ୍ଥିତିରେ ବେଶୀ ପ୍ରାସଙ୍ଗିକ ହୋଇ ପଡ଼ିଛି।

ମଧୁବାବୁ ତତ୍କାଳୀନ ଅବସ୍ଥାରେ ବି.ଏଲ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଲିକତାର ଚବିଶ ପ୍ରଗଣାର ଅଲ୍ଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ କଲିକତା ହାଇକୋର୍ଟରେ ପେସାଗତ ଅଭିବୃଦ୍ଧି ପାଇଁ ସେ ବିଶିଷ୍ଟ ଇଂରେଜ ବାରିଷ୍ଟର ଜେ. ଡିଉଡ୍ ରଫ୍‌ଙ୍କ ସିରସ୍ତାରେ ଜୁନିଅର ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ 'ଉତ୍କଳ ଦୀପିକା' ଖବରକାଗଜରେ ସେ ଓଡ଼ିଆ ହୋଇ ମଧ୍ୟ କଲିକତାରେ ଅଧ୍ୟୟନ କରିବା ପରେ ତାଙ୍କ ଭିତରେ ଓଡ଼ିଆବୋଧ ଜାଗ୍ରତ ହେଲା ନାହିଁ ବୋଲି ଗୋଟିଏ ଲେଖା ତାଙ୍କୁ ଅଭିଭୂତ କରି ପକାଇ ଥିଲା। ପରବର୍ତ୍ତୀ ଅବସ୍ଥାରେ ସେ ଯେତେବେଳେ ଓକିଲାତି ପେସା ଆରମ୍ଭ କରିବା ପାଇଁ ଓଡ଼ିଶାରେ ପହଞ୍ଚି ଥିଲେ 'ଉତ୍କଳ ଦୀପିକା'ରେ ମଧ୍ୟ ସେ ପ୍ରସଙ୍ଗଟି ଆଉ ଥରେ ପ୍ରକାଶିତ ହୋଇଥିଲା। କଟକର ଚାନ୍ଦିନୀଚୌକର ବିହାରୀବାଗ କୋଠାରେ ଭଡ଼ାଘରେ ମଧୁବାବୁ ଆରମ୍ଭ କରିଥିଲେ ତାଙ୍କ ଓକିଲାତି। ମଧୁବାବୁଙ୍କ ଭିତରେ ଥିବା ଆତ୍ମପ୍ରତ୍ୟୟ ଅଭିମାନର ଫଳ ସ୍ୱରୂପ ତାଙ୍କୁ କଟକ ବାର୍ ଲାଇବ୍ରେରୀରେ ବସିବା ପାଇଁ ଚଉକି ଖଣ୍ଡେ ମିଳି ନଥିଲେ ମଧ୍ୟ ସେ ଜଜ୍ ସାହେବ କକ୍ସ୍‌ନଙ୍କର କୋର୍ଟ ବାରଣ୍ଡାରେ ଆରାମ ଚୌକି ପକାଇ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ। ବିଚାରପତି ତାଙ୍କୁ ଯେତେବେଳେ ଏ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ, ତାଙ୍କ ଭିତରେ ଥିବା ଓକିଲପଣିଆର ସେ ପରିଚୟ ଦେଇ ଉତ୍ତର ଦେଇଥିଲେ ଯେ ଓଡ଼ିଆଙ୍କ ବାର୍ ଲାଇବ୍ରେରୀରେ ଓଡ଼ିଆ ଓକିଲଙ୍କ ପାଇଁ ସ୍ଥାନ ନାହିଁ। ସେଥିପାଇଁ ମୋର ବିଶ୍ୱାସ, ହଜୁରଙ୍କ ବାରଣ୍ଡାରେ ମୋ ପାଇଁ ସ୍ଥାନ ଅଭାବ ହେବନାହିଁ। ଜଜ୍ ସାହେବ ଏଭଳି ଶାଣିତ ଉତ୍ତର ଶୁଣି ମଧୁବାବୁଙ୍କୁ କହିଥିଲେ ଯେ ବାର୍ ଲାଇବ୍ରେରୀର ପରିଚାଳନା ସମ୍ପର୍କରେ ଜଣେ ବିଚାରପତି ଭାବେ ସେ କିଛି କରି ପାରିବେ ନାହିଁ। ତାଙ୍କର ଖାସ୍ କମରାକୁ ଲାଗି ପେସ୍କାରଙ୍କ ପାଇଁ ଯେଉଁ କୋଠରୀ ଅଛି ତାକୁ ମଧୁବାବୁ ବ୍ୟବହାର କରି ପାରିବେ।

ମଧୁସୂଦନ ପ୍ରଥମେ ଚିନ୍ତା କରିଥିଲେ ଯେ ଓକିଲାତି ପେସାରେ ସେ ଟଙ୍କା ରୋଜଗାର କରି ପାରିବେ, କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଉପଲବ୍ଧି କରିଥିଲେ ଯେ ସେଭଳି ଓଡ଼ିଆ ମହକିଲ ପାଇବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ। ସେଥିପାଇଁ ଓକିଲାତି ଜୀବନ ସହିତ ତାଙ୍କ ରାଜନୈତିକ ଜୀବନର ସମ୍ପର୍କ ଅଧିକ ଘନୀଭୂତ ହୋଇଥିଲା। ଆଇନ ପେସାର ସାଂସ୍କୃତିକ ସ୍ୱକୀୟତାକୁ ସେ ପରବର୍ତ୍ତୀ ଅବସ୍ଥାରେ ମଧ୍ୟ ବୁଝି ପାରିଥିଲେ, ଯାହାର ଫଳ ସ୍ୱରୂପ ଅନେକ ମକଦ୍ଦମା ସେ ମାଗଣାରେ ଲଢ଼ିଥିଲେ। ଆଇନଜୀବୀମାନଙ୍କ ମଧ୍ୟରେ ନୈତିକତାର ଗୋଟିଏ ନୂତନ ପରିଭାଷା ତିଆରି କରିଥିଲେ ମଧୁସୂଦନ। କଟକର ମାନସିଂହପାଟଣାର ଡକାୟତି ମାମଲାରେ ତାଙ୍କୁ ଅଭିଯୁକ୍ତ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା, ସେଥିରେ ସେ ଆଦୌ ବିଚଳିତ ହୋଇ ପଡ଼ି ନଥିଲେ। ଡକାୟତମାନେ ଯେଉଁ ସୁନାରୁପା ଡକାୟତି କରି ଆଣନ୍ତି, ସେଗୁଡ଼ିକ ମଧୁବାବୁଙ୍କ ତାରକସି କାରଖାନାରେ ଲଗା ଯାଇଥାଏ ବୋଲି ଅଭିଯୋଗ ଆସିଥିଲା। ତା'ର କାରଣ ହେଉଛି ମାନସିଂହପାଟଣା ବଣିଆ ମହାଜନ ଘରୁ ଯେଉଁ ସୁନାରୁପା ଡକାୟତି ହୋଇଥିଲା, ସେଥିରେ ଅଭିଯୁକ୍ତ ରଙ୍ଗା ଓ ଦାନୀଙ୍କ ପାଇଁ ମକଦ୍ଦମା ପରିଚାଳନା କରିବାକୁ ଆଗଭର ହୋଇଥିଲେ ମଧୁସୂଦନ। ସେ ନିଜେ ଉପଲବ୍ଧି କରିଥିଲେ ଯେ ପୁଲିସ୍ କେବଳ ସନ୍ଦେହ ଓ ପାରିପାର୍ଶ୍ୱିକ ପ୍ରମାଣ ବଳରେ ସେ ଦୁହିଁଙ୍କୁ ଗିରଫ କରିଥିଲା। ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ମଧୁବାବୁଙ୍କ ପ୍ରୟାସ ତତ୍କାଳୀନ ପୁଲିସ ପଦାଧିକାରୀମାନଙ୍କୁ ମଧୁବାବୁଙ୍କ ଚରିତ୍ର ସଂହାର ପାଇଁ ସୁବର୍ଣ୍ଣ ସୁଯୋଗ ଦେଇଥିଲା।

ତାଙ୍କର ତାରକସି କାରଖାନାରେ ଏଭଳି ଡକାୟତି ସୁନାରୁପା ବ୍ୟବହାର କରାଯାଉଥିବାର ଅଭିଯୋଗ କରିବା ସୁବିଧାଜନକ ହୋଇ ପଡ଼ିଥିଲା। ପରବର୍ତ୍ତୀ ଅବସ୍ଥାରେ ଅଭିଯୁକ୍ତମାନେ ଖଲାସ ହେବା ଓ ମଧୁସୂଦନଙ୍କ ବିରୁଦ୍ଧରେ ପୁଲିସ ଅଭିଯୋଗ ମିଥ୍ୟା ପ୍ରମାଣିତ ହେବା ମଧୁବାବୁଙ୍କ ଭିତରେ ଥିବା ଓକିଲାତି ପେସାର ସାହସିକତାର ପରିଚୟ ଦିଏ। ମଧୁବାବୁ ସେତିକି ବେଳେ ଏ ମକଦ୍ଦମାର ପରିଚାଳନା ନ କରିଥିଲେ ଏହି ଦୁଇ ଅଭିଯୁକ୍ତ ସାରା ଜୀବନ ଦ୍ୱୀପାନ୍ତରିତ ହୋଇ ରହି ଥାଆନ୍ତେ।

ଆଇନଜୀବୀଙ୍କ ଅସ୍ମିତାର ଅନ୍ୟତମ ବିନ୍ଧାଣୀ ଭାବେ ମଧୁବାବୁଙ୍କ ଆଇନ ପେସା ଜୀବନକୁ ନିରିଖେଇ ଦେଖିଲେ ଜଣାପଡ଼େ ଯେ ଆଇନ ପେସାରେ ତାଙ୍କ ସାଧନା ଓ ମୁଣ୍ଡ ଟେକି ଓଡ଼ିଆ ଓକିଲ ଭାବେ ଚାଲିବା ପାଇଁ ତାଙ୍କର ପ୍ରଚେଷ୍ଟା ଯୁବ ପିଢ଼ିର ଓକିଲଙ୍କ ପାଇଁ ପ୍ରେରଣାଦାୟକ। ମଧୁବାବୁଙ୍କ ଜୁନିଅର ଗୋକୁଳାନନ୍ଦ ଚୌଧୁରୀ ମଧୁବାବୁଙ୍କ ବିରୁଦ୍ଧରେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେବା ଘଟଣାରେ ବିଧାନସଭା ପରିଷଦକୁ ଯିବା ପାଇଁ ସେ ନିଜେ ଯୋଗ୍ୟ ନୁହନ୍ତି ବୋଲି କହିବା ତାଙ୍କର 'ମୁଁପଣିଆ'ରେ ଥିବା ବିନମ୍ରତାର ପରିଚୟ ଦେଇଥିଲା।



ଜନ୍ମବାର୍ଷିକୀ ଉପଲକ୍ଷେ

ନିଜର ସହକର୍ମୀ ଓକିଲମାନଙ୍କୁ ମଧୁବାବୁଙ୍କ ଭଲ ପାଇବା ସେମାନଙ୍କୁ ସାଥୀରେ ନେଇ ଖାଇବା ଓ ଏକାଠି ରହିବାରୁ ବାରି ହୋଇ ପଡୁଥିଲା। ଆଜି ବରିଷ୍ଠ ଆଇନଜୀବୀ ଓ ସହକର୍ମୀମାନଙ୍କ ମଧ୍ୟରେ ସେ ପ୍ରକାରର ସମ୍ପର୍କର ସେତୁର ଆବଶ୍ୟକତା ପଡ଼ିଛି। ନିଜେ ରାତିସାରା ମକଦ୍ଦମାର ଶୁଣାଣିର ପ୍ରସ୍ତୁତି କରିବା ସମୟରେ ସହକର୍ମୀମାନଙ୍କ ସହ ଏକାଠି କାର୍ଯ୍ୟ କରିବା ଓ ଅନେକ ରାତିରେ ମଧୁବାବୁ ନିଜ ଚାମ୍ବରରେ ଶୋଇଯିବା ଘଟଣା ଆଇନ ପେସା ପାଇଁ ତାଙ୍କ ନିଷ୍ଠା ଓ ସାଧନାକୁ ପ୍ରମାଣିତ କରୁଥିଲା ଏବଂ ତାହା ସହକର୍ମୀ ଓକିଲମାନଙ୍କ ଉପରେ ଗଭୀର ପ୍ରଭାବ ପକାଇ ଥିଲା। ନିଜ ଲାଇବ୍ରେରୀ ସହ ମଧୁବାବୁଙ୍କର ଥିଲା ପ୍ରଗାଢ଼ ବନ୍ଧୁତ୍ୱ। ସେ ଲାଇବ୍ରେରୀରେ କେବଳ ଆଇନ ବହି ନୁହେଁ, ତତ୍ ସହିତ ଡାକ୍ତରୀ, ଇଞ୍ଜିନିୟରିଂ, ରାଜନୀତି, ଆଧ୍ୟାତ୍ମବାଦ ଓ ସାହିତ୍ୟ ଆଦି ଅନେକ ବିଷୟର ବହି ରହିଥିଲା। ଜଣେ ଭଲ ଓକିଲ ହେବା ଲାଗି ଆଇନ ସହ ଅନ୍ୟାନ୍ୟ ବହୁ ବିଷୟରେ କିଭଳି ଜ୍ଞାନ ଆହରଣ କରିବାକୁ ପଡ଼େ, ତାହା ମଧୁବାବୁଙ୍କ ଲାଇବ୍ରେରୀରୁ ଜଣା ପଡୁଥିଲା।

ଓକିଲାତି ପେସାରେ ମଧୁବାବୁଙ୍କ ସାଧୁତାର ଜ୍ୱଳନ୍ତ ନିଦର୍ଶନ ଥିଲା ମକଦ୍ଦମାଗୁଡ଼ିକରେ ଅର୍ଥସର୍ବସ୍ୱ ନ ହୋଇ ତାକୁପରିଚାଳନା କରିବାରେ ତାଙ୍କର ଦକ୍ଷତା। ଥରେ ମକଦ୍ଦମା ପରିଚାଳନା କରୁଥିଲା ବେଳେ ଜଣେ ବିଚାରପତି ମଧୁବାବୁଙ୍କୁ ତାସଲ୍ୟପୂର୍ଣ୍ଣ ସ୍ୱରରେ କହିଥିଲେ ଯେ ଆପଣ କଣ କହୁଛନ୍ତି ମୁଁ ବୁଝି ପାରୁନାହିଁ। ମଧୁବାବୁ ତାହାର ଉତ୍ତରରେ ଶାନ୍ତ ସ୍ୱରରେ କହିଥିଲେ ଯେ 'ହଜୁର, ମୁଁ କେବଳ ମକଦ୍ଦମା ସମ୍ପର୍କରେ ଯାହା ତଥ୍ୟ ଅଛି, ତାହା ଉପସ୍ଥାପିତ କରି ପାରିବି, କିନ୍ତୁ ମକଦ୍ଦମା ବୁଝିବା ପାଇଁ ମସ୍ତିଷ୍କ ପ୍ରଦାନ କରି ପାରିବି ନାହିଁ।'

ଆଇନଜୀବୀର ସତ୍ତା ଓ ପ୍ରାଣକେନ୍ଦ୍ର ଆଇନଜୀବୀର ସ୍ୱାଭିମାନ, ସ୍ୱାଧୀନତା ଓ ସାଧୁତା। ମଧୁବାବୁଙ୍କ ଓକିଲାତି ଜୀବନରେ ଏହି ଆତ୍ମପ୍ରତ୍ୟୟସମ୍ପନ୍ନ ଉଜ୍ଜ୍ୱଳିକତା ସବୁ ସମୟରେ ଦେଖିବାକୁ ମିଳିଥିଲା। ସମାଜ ପାଇଁ, ଜାତି ପାଇଁ ତାଙ୍କର ଯେତିକି ପ୍ରତିବଦ୍ଧତା ଥିଲା, ନିଜ ମହକିଲଙ୍କ ମକଦ୍ଦମା ଲଢ଼ିବା ପାଇଁ ତାଙ୍କ ଭିତରେ ଥିଲା ସେତିକି ପାରଦର୍ଶିତା। ଆଜି ଯେତେବେଳେ ଆଇନଜୀବୀମାନେ କୋର୍ଟ, କଚେରୀ ଓ ସାମାଜିକ ବ୍ୟବସ୍ଥାର ଶ୍ୱାସରୁଦ୍ଧକାରୀ ପରିସ୍ଥିତି ସମ୍ପର୍କରେ କୌଣସି ଆଲୋଚନା କିମ୍ବା ବିତର୍କରେ ଭାଗ ନନେଇ ନିରବଦ୍ରଷ୍ଟା ଭାବେ ନିଜର ସ୍ୱାଧିକାର ଓ ସ୍ୱାଭିମାନକୁ ବଳି ଦେଉଛନ୍ତି, ସେତେବେଳେ ମଧୁ ଆଦର୍ଶ ଓ ବିଚାରଧାରା, ପେସାଗତ ଜୀବନ ଓ ଆତ୍ମସମ୍ମାନବୋଧ ଏହି ନୂଆ ପିଢ଼ିର ଆଇନଜୀବୀଙ୍କ ପାଇଁ ନିଶ୍ଚିତ ରୂପେ ଉଜ୍ଜ୍ୱଳବର୍ତ୍ତିକା ପାଲଟିବ।

ବରିଷ୍ଠ ଆଇନଜୀବୀ
ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ
ମୋ: ୯୪୩୭୦୧୨୪୬୦

# ଓଡ଼ିଆ ଅସ୍ମିତାର ଉଦ୍‌ଘୋଷକ: ମଧୁସୂଦନ ଦାସ



ଅନନ୍ତ ଗୋପାଳ ପଣ୍ଡା

ବୀର ପ୍ରସବିନୀ ଉତ୍କଳ ଜନନୀର ବରପୁତ୍ର ଭାବରେ ଯେଉଁ କେତେଜଣଙ୍କର ନାମ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ହୋଇଛି ଲିପିବଦ୍ଧ, ସେମାନଙ୍କ ମଧ୍ୟରେ ସଦାବନ୍ଦିତ, ଅଭିନନ୍ଦିତ ତଥା ଅଗ୍ରପୂଜ୍ୟ ହେଉଛନ୍ତି ବାରିଷ୍ଟର ମଧୁସୂଦନ ଦାସ। ଇଂରେଜମାନଙ୍କ ଶାସନାଧୀନ ଭାରତବର୍ଷରେ ଚାରି ଗୋଟି ପ୍ରେସିଡେନ୍ସିରେ ଅନ୍ତର୍ଭୁକ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ହରାଇ ବସିଥିଲା ତା'ର ଭୌଗୋଳିକ ସୀମାରେଖାକୁ। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ କଳିଙ୍ଗର ସୀମାରେଖା ହଜାଇ ଥିଲା ତା'ର ଅସ୍ତିତ୍ୱକୁ। 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନଏ' ବୋଲି ପ୍ରତିବେଶୀମାନଙ୍କ କଣ୍ଠରୁ ସଦା ହେଉଥିଲା ନିଃସୃତ। ଏ ଜାତିର ଭୂଗୋଳ, ସାଂସ୍କୃତିକ ବିଭବ ତଥା ସ୍ୱାଭିମାନ ଭୂଲୁଣ୍ଠିତ ହେଉଥିଲା ବେଳେ ଓଡ଼ିଆ ଭାଷାର ଅସ୍ମିତା ଅଧୋପତନମୁଖୀ ହୋଇ ତା'ର ସତ୍ତା ହଜାଇବାକୁ ବସିଥିଲା କାଳଖଣ୍ଡର ବିସ୍ମୃତି ଗର୍ଭରେ। ଉତ୍କଳମାତାର ଏହିଭଳି ଏକ ଦୁର୍ଦ୍ଦିନରେ ତା'ର ତମସାଚ୍ଛନ୍ନ ନଭୋମଣ୍ଡଳରେ ଶତାବ୍ଦୀର ସୂର୍ଯ୍ୟ ରୂପେ ଉଦୟ ହୋଇଥିଲେ ବାରିଷ୍ଟର ମଧୁସୂଦନ ଦାସ ୧୮୪୮ ମସିହା ଏପ୍ରିଲ ମାସ ୨୮ ତାରିଖରେ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁରରେ, ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ କୋଳ ମଣ୍ଡନ କରି। ପିତାମାତା ଜନ୍ମିତ ଶିଶୁଟିର ନାମ ରଖିଥିଲେ ଗୋବିନ୍ଦ ବଲ୍ଲଭ, ଯିଏକି ପରବର୍ତ୍ତୀ ସମୟରେ ମଧୁସୂଦନ ନାମରେ ହେଲେ ପରିଚିତ।

ମଧୁସୂଦନଙ୍କ ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା ମାଟିବଂଶ ଅବଧାନଙ୍କ ଚାଟଶାଳୀରୁ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ମଧୁସୂଦନଙ୍କ ପ୍ରତିଭାର ପରିଚୟ ମିଳିଥିଲା ପିଲାଦିନର ଏକ ଘଟଣାରୁ। ଚାଟଶାଳୀକୁ ଯିବା ବେଳେ ଗ୍ରାମ ରାସ୍ତାରେ ଥରେ ପଡ଼ିଯିବାରୁ ଦଶହରା ଛୁଟିରେ ସାଥୀମାନଙ୍କୁ ଏକଜୁଟ କରି ମାଟି ଗୋଡ଼ି ପକାଇ ରାସ୍ତାକୁ କରିଥିଲେ ସମତୁଲ। ଫଳ ସ୍ୱରୂପ, ସେ ମାଗୁଣି ଅବଧାନଙ୍କର ହୋଇଥିଲେ ଆଶୀର୍ବାଦର ପାତ୍ର। ଚାଟଶାଳୀ ଶିକ୍ଷା ସମାପ୍ତ କରି ମଧୁସୂଦନ ନାମ ଲେଖାଇଲେ କଟକରେ। ଅସାଧାରଣ ଧୀଶକ୍ତିସମ୍ପନ୍ନ ମଧୁସୂଦନ ୧୮୬୪ ମସିହାରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୮୭୦ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ପରୀକ୍ଷାରେ ହେଲେ କୃତକାର୍ଯ୍ୟ। ପରେ ପରେ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ପରୀକ୍ଷାରେ ସୁନାମର ସହିତ ଉତ୍ତୀର୍ଣ୍ଣ ହୋଇ ପ୍ରଥମେ ଶିକ୍ଷକତା ଓ ପରେ ଶ୍ରୀରାମପୁର କଲେଜରେ ଅଧ୍ୟାପକ ଭାବେ ହୋଇଥିଲେ ନିଯୁକ୍ତ। ଆଇନରେ ସ୍ନାତକ ପଦବୀ ଲାଭ କରି ସେ କଲିକତା ବିଚାରାଳୟରେ ଆରମ୍ଭ କଲେ ଆଇନ୍ ବ୍ୟବସାୟ।

କଲିକତାରେ ଅବସ୍ଥାନ କାଳରେ ସେ ସୌଦାମିନୀ ନାମ୍ନୀ ବଙ୍ଗୀୟ ତରୁଣୀଙ୍କ ସହିତ ବୈବାହିକ ସୂତ୍ରରେ ହୋଇଥିଲେ ଆବଦ୍ଧ ଓ ଗ୍ରହଣ କରିଥିଲେ ଖ୍ରୀଷ୍ଟଧର୍ମ। ବିଧିର ବିଡ଼ମ୍ବନା ଯେ ବିବାହର ମାତ୍ର ପାଞ୍ଚ ବର୍ଷ ପରେ ସୌଦାମିନୀ ହେଲେ ଅଫେରା ରାଇଜର ଯାତ୍ରୀ। ଜୀବନ ସାଥୀକୁ ହରାଇ ଦୁଃଖରେ ଭାଙ୍ଗି ନପଡ଼ି ମାଟି ମା'ର ନିରବ ଆହ୍ୱାନକୁ ହୃଦୟଙ୍ଗମ କରି ମଧୁସୂଦନ ୧୮୮୧ରେ ଫେରି ଆସିଲେ କର୍ମଭୂମି କଟକକୁ।

କଟକରେ ଓକିଲାତି ଆରମ୍ଭରେ ଓକିଲମାନଙ୍କ ଦ୍ୱାରା ପରିହାସର ପାତ୍ର ହେଉଥିବା ମଧୁବାବୁ ନିଜର ଅସାଧାରଣ ଦକ୍ଷତା ପ୍ରଦର୍ଶନପୂର୍ବକ ଖଣ୍ଡପଡ଼ା ରାଜାଙ୍କ ମକଦ୍ଦମା ଓ କେନ୍ଦୁଝର ରାଜାଙ୍କ ମକଦ୍ଦମାରେ ବିଜୟ ଲାଭ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। କେବଳ ସେତିକି ନୁହେଁ, ଉତ୍କଳର ତତ୍କାଳୀନ ଗଜପତି ଦିବ୍ୟସିଂହଦେବ ନିର୍ବାସନ ଭୋଗୁଥିବା ସମୟରେ ଶ୍ରୀମନ୍ଦିର ପରିଚାଳନାର ଦାୟିତ୍ୱ ଇଂରେଜମାନଙ୍କ ହାତରୁ ଛଡ଼ାଇ ଆଣିଥିଲେ ମଧୁବାବୁ। ଯଦିଓ ସେ ଥିଲେ ଖ୍ରୀଷ୍ଟିଆନ, ତଥାପି ଓଡ଼ିଆମାନଙ୍କର ପ୍ରାଣର ପବନ ତଥା ହୃଦୟର ସ୍ପନ୍ଦନ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁରକ୍ଷା ନିମନ୍ତେ ବିନା ପାରିଶ୍ରମିକରେ ସେ ମକଦ୍ଦମା ଲଢ଼ି ହୋଇଥିଲେ ବିଜୟୀ। ଯେଉଁ ଦିନ ରାୟ ପ୍ରକାଶିତ ହେଲା, ସେଦିନ ପ୍ରତି ଓଡ଼ିଆଙ୍କ କଣ୍ଠରୁ ନିଃସୃତ ହେଉଥିଲା- 'ମଧୁ ବାରିଷ୍ଟର କି ଜୟ' ଧ୍ୱନି।

ବିଖଣ୍ଡିତ ଉତ୍କଳକୁ ଏକତ୍ର କରିବା ସହିତ ଭାଷା ଭିତ୍ତିରେ ରାଜ୍ୟ ଗଠନର ସ୍ୱପ୍ନକୁ ସାକାର କରିବା ନିମନ୍ତେ ମଧୁବାବୁ ୧୯୦୩ ମସିହା ଡିସେମ୍ବର ମାସରେ ଆରମ୍ଭ କରିଥିଲେ 'ଉତ୍କଳ ସମ୍ମିଳନୀ'। ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କରିବା ସହିତ ସ୍ୱାର୍ଥକୁ ଆହୁତି ଦେବା ପାଇଁ ସେ ଦେଇଥିଲେ ଆହ୍ୱାନ। ସ୍ୱରଚିତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ଜାଗ୍ରତ କରିଥିଲେ ସୁପ୍ତ ଓଡ଼ିଆ ଜାତିକୁ। ଉତ୍କଳ ସମ୍ମିଳନୀକୁ ଜାତି ପ୍ରାଣସିନ୍ଧୁ ଭାବେ ଅଭିହିତ କରି ସେହି ସିନ୍ଧୁ ନୀରରେ ପ୍ରତ୍ୟେକ ଓଡ଼ିଆ ତା'ର ପ୍ରାଣବିନ୍ଦୁକୁ ମିଶାଇବା ପାଇଁ ଦେଉଥିଲେ ଉଦ୍‌ବୋଧନ। ପୂର୍ବ ସାହସିକତା ତଥା ଗୌରବ ଗାଥାକୁ ସ୍ମରଣପୂର୍ବକ ସୁପ୍ତ ଓଡ଼ିଆ ଜାତିକୁ କରାଇ ଥିଲେ

ଉଦ୍ବିତ। ତାଙ୍କର ସ୍ୱପ୍ନ ହୋଇଥିଲା ସାକାର, ସକଳ ଚେଷ୍ଟା ହୋଇଥିଲା ଫଳବତୀ; କିନ୍ତୁ ନବ ଉତ୍କଳର ସୂର୍ଯ୍ୟୋଦୟ ଦେଖିବା ପୂର୍ବରୁ ୧୯୩୪ ମସିହା ଫେବୃଆରୀ ମାସ ୪ ତାରିଖରୁ ସେ ଇହଧାମ ତ୍ୟାଗ କରି



ସାରିଥିଲେ।

ଅର୍ଥ ପ୍ରତି ଲୋଭାସକ୍ତ ନଥିଲେ ମଧୁବାବୁ। ୧୯୨୧ ମସିହାରେ ମନ୍ତ୍ରୀ ପଦରେ ନିଯୁକ୍ତ ହୋଇ ଇଂରେଜ ସରକାରଙ୍କଠାରୁ ଦରମା ଗ୍ରହଣ ନ କରିବା ପାଇଁ ଦେଇଥିଲେ ପ୍ରସ୍ତାବ। ତାଙ୍କ ପ୍ରସ୍ତାବ କାର୍ଯ୍ୟକାରୀ ନ ହେବାରୁ ଜନସାଧାରଣଙ୍କୁ ନିରପେକ୍ଷ ସେବା ପ୍ରଦାନ କ୍ଷେତ୍ରରେ ଦରମା ବାଧକ ବୋଲି ଅନୁଭବ କରି ୧୯୨୩ ମସିହାରେ ମନ୍ତ୍ରୀ ପଦରୁ ଦେଇଥିଲେ ଇସ୍ତଫା। ସେ କ୍ଷୁଦ୍ରଶିଳ୍ପ ତଥା କୁଟୀର ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠା କରିଥିଲେ 'ଉତ୍କଳ ଟ୍ୟାନେରୀ' ଓ 'ଉତ୍କଳ ଆର୍ଟ ଓ୍ୱାର୍କସ'। ଲାଭ ପ୍ରତି ଆସକ୍ତ ନହୋଇ ଉତ୍କୃଷ୍ଟ ଚମଡ଼ା ରପ୍ତାନି ସହିତ କଟକର ତାରକସି କାମକୁ ଭାରତ ତଥା ବିଦେଶର ପ୍ରତିଷ୍ଠିତ କରାଇ ରାଜ୍ୟ ପାଇଁ ଆଣିଥିଲେ ଗୌରବ। ନିମ୍ନ ମାନର ଉତ୍ପାଦକୁ ନଷ୍ଟ କରି ସେ ସହିଥିଲେ ପ୍ରଭୁତ କ୍ଷତି।

ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ବାରିଷ୍ଟର, ପ୍ରଥମ ଓଡ଼ିଆ ସ୍ନାତକ ତଥା ସ୍ନାତକୋତ୍ତର ପଦବୀଧାରୀ, ପ୍ରଥମ ଓଡ଼ିଆ ବିଲାତଯାତ୍ରୀ, ପ୍ରଥମ ଆଇନ ବିଭାଗର ସ୍ନାତକ, ପ୍ରଥମ ବିହାର ଓଡ଼ିଶା ବିଧାନସଭା ସଦସ୍ୟ, ପ୍ରଥମ ମନ୍ତ୍ରୀ, ଭାଇସରୟଙ୍କ ପରିଷଦର ପ୍ରଥମ ଓଡ଼ିଆ ସଦସ୍ୟ ଇତ୍ୟାଦି। ସଂକୀର୍ଣ୍ଣତାରୁ ବିଶାଳତାକୁ, ସ୍ୱାର୍ଥରୁ ପରାର୍ଥକୁ ଥିଲା ତାଙ୍କର ଯାତ୍ରା। ବ୍ୟକ୍ତି ଜୀବନକୁ ଜାତୀୟ ଜୀବନରେ ସାମିଲ କରିବାର ସମସ୍ତ କଳା କୌଶଳ ସେ ଆଚରଣରେ ପ୍ରଦର୍ଶନ କରି ଅନ୍ୟମାନଙ୍କୁ କରାଉ ଥିଲେ ଅନୁପ୍ରେରିତ। ସେହି ଶତାବ୍ଦୀର ମହାନାୟକ, ମାତୃଭୂମି ଓ ମାତୃଭାଷାର ଉପାସକ, ଓଡ଼ିଆ ସ୍ୱାଭିମାନର ପ୍ରତୀକ, କାଳଜୟୀ ପ୍ରଜ୍ଞାପୁରୁଷ, ଓଡ଼ିଆ ଜାତିର ମୁକୁଟ ବିହୀନ ସମ୍ରାଟ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଶୁଭ ଆବିର୍ଭାବ ଦିବସ ଅବସରରେ ତାଙ୍କ ପାଦ ତଳେ ଏ ଲେଖକର ଶତକୋଟି ପ୍ରଣାମ। ବନ୍ଦେ ଉତ୍କଳ ଜନନୀ।

ସମ୍ପାଦକ
ବୈକୁଣ୍ଠନାଥ ସ୍ମୃତି ସଂସଦ,
ଜପକୁଦ, ସାଲେପୁର, କଟକ
ମୋ: ୯୮୬୧୪୭୦୧୯୮

## ଆପ୍‌ର ଆପଦ

ଏହା ହୁଏତ ଅପରେସନ୍ ଲୋଟସ୍‌ର ଏକ ସଂସ୍କରଣର ସମସ୍ତ ବୈଶିଷ୍ଟ୍ୟକୁ ଧାରଣ କରୁ ନଥାଇ ପାରେ, କିନ୍ତୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି-ଆପ୍)ର ୧୦ ଜଣ ରାଜ୍ୟସଭା ସଦସ୍ୟଙ୍କ ମଧ୍ୟରୁ ୭ ଜଣ ସଦସ୍ୟ ବିଜେପିକୁ ପଳାୟନ କରିବା ଭାରତୀୟ ରାଜନୀତିର ଗୈରିକ ଦଳ ବିଷୟରେ ଏକ ବାସ୍ତବ ଦିଗକୁ ସୂଚାଉଛି ଯେ ଏହି ଦଳ ବର୍ଷକ ୩୬୫ ଦିନ ସପ୍ତାହର ସାତ ଦିନଯାକରେ ୨୪ ଘଣ୍ଟା କାମ କରି ନିଜର ବିରୋଧୀ ଦଳମାନଙ୍କ ମୂଲ୍ୟ ବିନିମୟରେ ନିଜକୁ ସୁଦୃଢ଼ କରୁଛି। ଜାତୀୟ ରାଜଧାନୀର ଦୀନ ଦୟାଲ ଉପାଧ୍ୟାୟ ରୋଡ୍‌ରେ ଅବସ୍ଥିତ ଦଳର ମୁଖ୍ୟାଳୟରେ ରାଜନୀତି କେବେ ବି ଶେଷ ହେବାର ନାଁ ଧରୁନାହିଁ। ଜାତୀୟ ରାଜଧାନୀରେ ଗୈରିକ ଦଳର ନାପସନ୍ଦ ଦଳ ଆପ୍ ସମ୍ଭବତଃ ଏହାର ସର୍ବାଧିକ କଠିନ ଓ ଆହ୍ୱାନମୂଳକ ସମୟ ଦେଇ ଗତି କରୁଛି, ଯେହେତୁ ଏହା ନିଜର କେତେକ ହାଇ-ପ୍ରୋଫାଇଲ ଏବଂ ଗଣମାଧ୍ୟମ-ଅନୁକୂଳ ମୁହଁଙ୍କୁ ଦଳ ପରିତ୍ୟାଗ କରିବାକୁ ପରିଲକ୍ଷିତ କରୁଛି, ଯେଉଁମାନଙ୍କୁ ପଞ୍ଜାବରୁ ସଂସଦର ଉଚ୍ଚ ସଦନକୁ ସଦସ୍ୟ କରି ପଠା ଯାଇଥିଲା। ଏହିସବୁ ନେତାଙ୍କର ତୃଣମୂଳ ସ୍ତରର ସଂଯୋଗ ନାହିଁ ଏବଂ ଏମାନେ ପଞ୍ଜାବରେ ଗୋଟିଏ ପଞ୍ଚାୟତ ନିର୍ବାଚନରେ ହେଉ କି ଦିଲ୍ଲୀରେ କୌଣସି ନିର୍ବାଚନରେ ଗୋଟିଏ ହେଲେ ଆସନରେ ଜିତି ପାରିବେ ନାହିଁ ବୋଲି କହି ଆପ୍ ହୁଏତ ନିଜ ମନକୁ ବୋଧ ଦେଇପାରେ, କିନ୍ତୁ ତଥ୍ୟ ହେଉଛି ସେମାନେ ଦଳକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରୁଥିଲେ, ଯାହା ଗତ ଦଶନ୍ଧିରେ ଯେତେବେଳେ ନିଜର ଯାତ୍ରା ଆରମ୍ଭ କଲା, ସେତେବେଳେ ଆଉ ଗୋଟିଏ ଗୋଷ୍ଠୀର କର୍ମୀମାନଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲା। ସେବେଠାରୁ ଇତି ମଧ୍ୟରେ ଅନେକ କିଛି ପରିବର୍ତ୍ତନ ଘଟି ସାରିଛି ଦଳରେ, ଯେହେତୁ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ ଆପ୍ ତିନି ଥର କ୍ଷମତାକୁ ଆସିଥିଲା ଏବଂ ଏହାଠାରୁ ଏକ ବଡ଼ ତଥା ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସୀମାନ୍ତ ରାଜ୍ୟ ପଞ୍ଜାବରେ ମଧ୍ୟ ଏହା ଶାସନର ଡୋର ହାତକୁ ନେଇ ପାରିଛି। ତୃଣମୂଳ ସ୍ତରରେ ଦୀର୍ଘ ବର୍ଷର କାମ ଯୋଗୁଁ କି ଦୁନିଆରେ ଚହଲ ପକାଇ ଦେବା ଭଳି ବିକ୍ଷୋଭ ଜରିଆରେ ଏହି ଦୁଇ ଗୋଟି ରାଜ୍ୟରେ ଦଳ କ୍ଷମତାକୁ ଆସି ନଥିଲା, ବରଂ ବାସ୍ତବ ରାଜନୀତି କ୍ଷେତ୍ରରେ ନୂଆ ନୂଆ ପାଦ ଥାପି କଥା କହି ଶିଖିଥିବା ଏହାର ନେତାମାନଙ୍କ ଭାବ ବିନିମୟ କରିବାର କୌଶଳ ହିଁ ଏହାକୁ କ୍ଷମତାସୀନ କରାଇବା କ୍ଷେତ୍ରରେ ଏକ ବଡ଼ ଭୂମିକା ନିର୍ବାହ କରିଥିଲା। ଦଳ ସମ୍ପ୍ରତି ଏହାର ଦଳ ଛାଡ଼ିଥିବା ନେତା/ନେତ୍ରୀମାନଙ୍କ ସମେତ ସବୁ ନେତାଙ୍କ ଚରିତ୍ରର ଦୃଢ଼ତା ଆଧାରରେ ରାଜନୀତିର ଗୋଳିଆ ନଈରେ ନିଜର ନାଆକୁ ବାହି ନେଉଥିଲା, ଆଉ ସେଥିପାଇଁ ବର୍ତ୍ତମାନ ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରୁଛନ୍ତି ଦେଖିବାକୁ ଯେ ଏହାର ମୁଖର ନେତାମାନଙ୍କ ବିରୋଧ କରି ଦଳ ପରିତ୍ୟାଗ କରିବାର ହାନିକାରକ ପ୍ରଭାବକୁ ଆପ୍ କିପରି ନିଜ ଦେହର ମଳି ଭଳି ଭାବି ଫିଙ୍ଗି ଦେଉଛି !

ଦଳ ଉପରେ ଅସନ୍ତୁଷ୍ଟ ହେବା ଏବଂ ଦିନେ ଯେଉଁ ଦଳ ବିରୁଦ୍ଧରେ ସେମାନେ ବିଷୋଦ୍‌ଗାର କରୁଥିଲେ, ସେହି ଦଳରେ ସାମିଲ ହେବାର କାରଣ ଭାବରେ ଉପରୋକ୍ତ ସାତ ଜଣ ନେତା/ନେତ୍ରୀ ଯେଉଁ ସଫେଇ ଦେଇଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ: ସେମାନେ କହୁଛନ୍ତି ଯେ ଦଳ ଏହାର ମୂଳ ନୀତିରୁ ଦୂରେଇ ଯାଇଛି ଏବଂ ଏହାର ସଚ୍ଚୋଟ କର୍ମୀମାନଙ୍କ ନିମନ୍ତେ ଏହା ନିକଟରେ ଆଉ କୌଣସି ସୁଯୋଗ ନାହିଁ। ଏହା ପୁଣି ସେଇମାନେ ହିଁ କହୁଛନ୍ତି, ଯେଉଁମାନେ ଖୁବ୍ କମ୍ ରାଜନୀତିକ ଅଭିଜ୍ଞତା ଥିବା ସତ୍ତ୍ୱେ ସଂସଦର ଉଚ୍ଚ ସଦନରେ ସଦସ୍ୟ ହୋଇ ପାରିଥିଲେ। ସେମାନେ ଏବେ ଦୁଃଖ ପ୍ରକାଶ କରୁଛନ୍ତି ଯେ ସଚ୍ଚୋଟ କର୍ମୀମାନେ ଯେପରି ସୁଯୋଗ ପାଇବା କଥା, ତାହା ସେମାନେ ପାଉ ନଥିଲେ। ଏହା ରାଜନୀତିରେ ରୁଚି ରଖୁଥିବା ବ୍ୟକ୍ତିମାନଙ୍କ କାନକୁ ମିଛକଥା ଭାବରେ ଶୁଣାଯିବ ନାହିଁ କି ? ପୁନଶ୍ଚ, ଏହି ସାଂସଦମାନେ ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଇବାରେ ବିଫଳ ହୋଇଛନ୍ତି ଯେ ଆପ୍ କେମିତି ଏହାର ମୂଳ ନୀତିଗୁଡ଼ିକଠାରୁ ଦୂରେଇ ଯାଇଛି। ସେ ଯାହାହେଉ, ଏମାନଙ୍କର ବିଜେପିରେ ଯୋଗ ଦେବା ବିଜେପି ପାଇଁ କୌଣସି ତାତ୍କାଳିକ ଲାଭ ଅର୍ଜନ କରିବାକୁ ଯାଉନାହିଁ, କାରଣ ନା ତ ଏହା ଦିଲ୍ଲୀରେ କିଛି ଲାଭ ପାଇବ, ଯେହେତୁ ଏହା ତ ଏବେ ସେଠାରେ ଶାସନ କ୍ଷମତାରେ ଅଛି, ପୁଣି ନା ପାଇବାକୁ ଯାଉଛି ପଞ୍ଜାବରେ, ଯେଉଁଠି ଏହା ମୁଖ୍ୟ ଖେଳାଳି ଭାବରେ ନାହିଁ। କିନ୍ତୁ ଏହା ଗୋଟିଏ କାମ କରି ପାରିବ, ଯାହା ହେଉଛି- ଏହା ସର୍ବସମ୍ମୁଖରେ ଉପସ୍ଥାପନ କରି ପାରିବ ଯେ ଦେଶର ରାଜଧାନୀରେ ଏହାର ସର୍ବବୃହତ୍ ଶତ୍ରୁ ଭାବରେ ରହିଥିବା ଦଳ ଖଣ୍ଡ ଖଣ୍ଡ ହୋଇ କିପରି ଭାଙ୍ଗି ଯାଉଛି। ଏହା ମଧ୍ୟ ଆଉ ଏକ ସଙ୍କେତ ପ୍ରଦାନ କରିପାରେ ଯେ ବଡ଼ ହେଉ କି ଛୋଟ, ମିତ୍ର ହେଉ କି ଶତ୍ରୁ, କେହି ହେଲେ ଏହାର ଅପହରଣ କରିବାର କଳା କୌଶଳ କବଳରୁ ସୁରକ୍ଷିତ ନୁହନ୍ତି। ମୂଳ ହିନ୍ଦୁତ୍ୱ ଆଦର୍ଶବାଦ ସହିତ ଏହି ଦଳ ଏକ ଲମ୍ବା ରେସ୍‌ର ଖେଳାଳି ଏବଂ ଏହା ନିଜର ମୁଠାକୁ ସମସ୍ତଙ୍କୁ ଆଣି ପାରିବାର ସାମର୍ଥ୍ୟ ରଖେ ବୋଲି ଏହାର ଦୃଢ଼ ବିଶ୍ୱାସ ରହିଛି। ଯଦି ଏହା 'କଂଗ୍ରେସ-ମୁକ୍ତ ଭାରତ'ର ନାରା ଦେଇ ପାରୁଛି, ତା'ହେଲେ ଏହା ଯଥାର୍ଥରେ ଛୋଟ ଛୋଟ ଖେଳାଳିମାନଙ୍କୁ ଲକ୍ଷ୍ୟଭୁକ୍ତ କରିପାରେ।

ସମ୍ପ୍ରତି ପଞ୍ଜାବରେ କ୍ଷମତାରେ ଥିବା ସରକାର ହୁଏତ ଏହି ସାଂସଦମାନଙ୍କ ଦଳ ପରିତ୍ୟାଗ କରିବାର ତୁରନ୍ତ ପ୍ରଭାବକୁ ଅନୁଭବ କରି ନ ପାରେ କିମ୍ବା ଏହା ଦଳ ପାଇଁ ଏକ ବିପଦ ବୋଲି ଆଶଙ୍କା କରି ନପାରେ, କିନ୍ତୁ ଏପରି କାର୍ଯ୍ୟ ସରକାରଙ୍କୁ ସତର୍କ ରହିବାକୁ ଅବଶ୍ୟ ସୂଚନାଟିଏ ପ୍ରଦାନ କରିଛି। ଏହି ସୀମାନ୍ତ ରାଜ୍ୟରେ ଯଦି ଏହା ରାଜନୀତିକ ଦୃଷ୍ଟିକୋଣରୁ ପ୍ରାସଙ୍ଗିକ ହୋଇ ରହିବାକୁ ଚାହେଁ, ଯେଉଁଠି ରାଜନୀତି ଅଧିକତଃ ଶିରୋମଣି ଅକାଳୀ ଦଳ ଏବଂ କଂଗ୍ରେସ ଦ୍ୱାରା ପରିଭାଷିତ ହେଉଥିଲା, ତା'ହେଲେ ଏହାକୁ ନିଜର ରଣନୀତିରେ ପରିବର୍ତ୍ତନ କରିବାକୁ ପଡ଼ିବ। ପୁନଶ୍ଚ, ଯଦି ଏହା ନିଜକୁ ବିଜେପିର ଏକ ବିରୋଧୀ ଭାବରେ ଦେଖୁଥାଏ, ତେବେ ଏହାକୁ ଆଦର୍ଶଗତ ଭାବରେ ନିଜକୁ ପୂର୍ବାପେକ୍ଷା ଅଧିକ ସୁଦୃଢ଼ କରିବାକୁ ହେବ। ଯେଉଁ ଭଳି ଭାବରେ ହେଉ ନା କାହିଁକି, ଦେଶରେ ଯଦି ଏକ ଉପଯୁକ୍ତ ରାଜନୀତିକ ବିକଳ୍ପ ଭାବରେ ନିଜର ଅସ୍ତିତ୍ୱ ବଜାୟ ରଖିବାକୁ ଚାହେଁ, ତା'ହେଲେ ଆପ୍‌କୁ ଏହାର ମୌଳିକ ନୀତିଗୁଡ଼ିକ ଉପରେ ପୁଣିଥରେ କାମ କରିବାକୁ ପଡ଼ିବ।

## ସନ୍ନ୍ୟାସର ସୂର୍ଯ୍ୟୋଦୟ

ବିଭିନ୍ନ ଗୁଣ, ଧର୍ମ ଓ ସ୍ଥିତିକୁ ନେଇ ମଣିଷ ଭିତରେ ଆସିଥାଏ ଅହଙ୍କାର। ଏହି ଅହଙ୍କାର ଅନ୍ୟକୁ ଦେଖାଇବା ପାଇଁ ହେଲେ ବା ଅନ୍ୟଠାରୁ ନିଜକୁ ବଡ଼ ଭାବିବା ପାଇଁ ହେଲେ ତା'ର ନାମ ହୁଏ ଅଭିମାନ। ସେହି ଅହଙ୍କାର ନିଜକୁ ଗଢ଼ିବା ଉଦ୍ଦେଶ୍ୟରେ ବା ସମୀକ୍ଷା କରି ପ୍ରଗତି ପଥରେ ସହାୟକ ହେଲେ ତା'ର ନାମ ହୁଏ ସ୍ୱାଭିମାନ। ଅଭିମାନ ଅଧଃପତନ ଆଡ଼କୁ ନେଲାବେଳେ ସ୍ୱାଭିମାନ କରାଇଥାଏ ଉତ୍ତରଣ ଅଭିମୁଖୀ। ସର୍ବାଦୌ ସ୍ୱାଭିମାନ ରହୁ, ଅଭିମାନ ନରହୁ। ଯେବେ ଅଭିମାନ ଚାଲିଯାଏ, ସେବେ ସ୍ୱାଭିମାନ ଆସିଯାଏ। ସ୍ୱାଭିମାନ ଆସିବା ପାଇଁ ପ୍ରୟାସ ନକରି ଅଭିମାନକୁ ଦୂରେଇ ଦେବା ହିଁ ଏକ ସାଧନା। ଅନେକ ସମୟରେ ଆମେ ଭୁଲ୍ କରି ମଧ୍ୟ ସହଜରେ ସ୍ୱୀକାର କରି ନଥାଉ। ବରଂ ସେହି ଭୁଲ୍‌କୁ ଠିକ୍ ବୋଲି ସାବ୍ୟସ୍ତ କରିବାକୁ ବହୁ ଚେଷ୍ଟା କରିଥାଉ।

ସେଦିନ ଉଚ୍ଚଶିକ୍ଷିତ ଯୁବକ ଜଣେ ଗୁରୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ କଲେ। ସନ୍ନ୍ୟାସର ବେଶ ପୋଷାକ ପିନ୍ଧିଲେ। ହେଲେ ବୁଝି ନଥିଲେ ସନ୍ନ୍ୟାସର ଗୁଣ ଓ ଧର୍ମ। ଶିକ୍ଷା, ଧନ ସମ୍ପତ୍ତି, କ୍ଷମତା, ପରିବାର ଆଦିର ଅଭିମାନ ଜମାଟ ବାନ୍ଧିଥିଲା ତାଙ୍କ ଭିତରେ। କଥା କଥାକେ ଅନ୍ୟକୁ ଅବଦମିତ କରିବାର ଭାବଟି ଉକୁଟି ଉଠୁଥିଲା। ସେଦିନ ଜଣେ



ବ୍ୟକ୍ତିକୁ କଟୁ କଥା କହିବା ସହିତ ଗୁରୁଙ୍କୁ ମଧ୍ୟ ଅନେକ ଭର୍ତ୍ସନା କଲେ, ଯାହା ସମସ୍ତଙ୍କ ପାଇଁ ଥିଲା ଅସହ୍ୟ। ଅନେକ ଦିନ ବିତିଗଲା। ଘଟି ଯାଇଥିବା ଘଟଣାର ସିନା ଚିହ୍ନବର୍ଣ୍ଣ ଲିଭିଯାଏ, ହେଲେ ମନ ଇଲାକାରେ ସ୍ପଷ୍ଟ ଦିବାଲୋକ ପରି ଦାଉ ଦାଉ କରି ଦିଶୁଥାଏ ଘଟଣାର ସମସ୍ତ ଦୃଶ୍ୟପଟ୍ଟ। ଏହାକୁ କେହି ସହଜରେ ଲିଭାଇ ପାରନ୍ତି ନାହିଁ। ଚାହିଁଲେ ମଧ୍ୟ ଅନେକ ସ୍ମୃତିକୁ ଲିଭାଇ ହୋଇ ନଥାଏ। ଯୁବ ସନ୍ନ୍ୟାସୀ ପାଦ ଦେଲେ ପ୍ରୌଢ଼ାବସ୍ଥାରେ। ମନକୁ ବାରମ୍ବାର ଦଂଶନ କରୁଥିଲା ଅତୀତର ଘଟଣା। ଅହଙ୍କାରବଶତଃ ବହୁ ଲୋକଙ୍କୁ କହିଥିଲେ କଟୁକଥା। ସନ୍ନ୍ୟାସୀଙ୍କ ମୁହଁରେ କେହି କିଛି କହୁ ନଥିଲେ ମଧ୍ୟ ତାଙ୍କୁ ଅନ୍ୟମାନେ ଦେଖୁଥିଲେ ଭିନ୍ନ ଦୃଷ୍ଟିରେ।

ସେଦିନ ସନ୍ନ୍ୟାସୀଙ୍କ ହୃଦୟ ଅକାଶରେ ବିବେକର ସୂର୍ଯ୍ୟୋଦୟ ହେଲା। ଫେରି ଆସିଲେ ସେହି ପୂର୍ବ ଦିନଗୁଡ଼ିକୁ। ଯେଉଁମାନଙ୍କୁ ଆଘାତ ଦେଇଥିଲେ, ସେମାନଙ୍କ ପାଦ ତଳେ ପଡ଼ିଗଲେ। ଅଶ୍ରୁଭରା ନୟନରେ କ୍ଷମା ପ୍ରାର୍ଥନା କଲେ। ଖୁବ୍ ଆଶ୍ୱସ୍ତ ଅନୁଭବ କରୁଥିଲେ। ଅନୁତପ୍ତ ବହ୍ନିରେ ଜଳିଜଳି ନଷ୍ଟ ହୋଇ ଯାଇଥିଲା ତାଙ୍କ କଳୁଷ କାଳିମା। ଖାଣ୍ଟି ସୁବର୍ଣ୍ଣ ଭଳି ଦାଉ ଦାଉ ଜଳୁଥିଲେ। ସନ୍ନ୍ୟାସୀର ଆଚରଣ କରିପାରି ନଥିବାରୁ ସନ୍ନ୍ୟାସର ପୋଷାକ କାଢ଼ି ଦେବାକୁ ଉଦ୍ୟତ ହେଉଥିଲେ। ଏତିକି ବେଳେ ବୟସ୍କ ଗୁରୁ ହସି ହସି କହୁଥିଲେ, ଏହା ହିଁ ସନ୍ନ୍ୟାସର ସୂର୍ଯ୍ୟୋଦୟ। ଯେଉଁଠି ନିଜକୁ ବୁଝିବା ଥାଏ, ସେହିଠାରେ ହିଁ ଜୀବନର ସାର୍ଥକତା ନିହିତ।

# ଯୁଗ୍ମ ଜନଶୁଣାଣି ଶିବିର

**ମାଲକାନଗିରି,୨୭।୪/ଏନ୍‌ଏନ୍‌ଏସ୍:** ଖଇରପୁଟ ବ୍ଲକ୍ ପୋଡ଼ାଘାଟ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦର ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମି ରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୀତମ ଦେବତାଙ୍କ ପରିଚାଳନାରେ ବ୍ଲକ୍‌ର ବିଡିଓ ଓ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ କହିଥିଲେ ଯେ ପ୍ରଶାସନକୁ ଲୋକଙ୍କ ଦୁଆରମୁହଁରେ ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ ଯଦ୍ୱାରା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ସରକାରୀ ସେବାର ସୁଫଳ ପାଇପାରିବେ ଏବଂ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ। ତେବେ ପ୍ରଶାସନର ଏହି ପଦକ୍ଷେପକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ପ୍ରଶାସନକୁ ନିଜ ଦୁଆରମୁହଁରେ ପାଇ ପୋଡ଼ାଘାଟ ଓ ଆଖପାଖ ଅଞ୍ଚଳର ଜନସାଧାରଣ ଖୁବ୍ ଉତ୍ସାହିତ ଥିବା ଦେଖିବାକୁ



ମିଳିଥିଲା। ଗ୍ରାମବାସୀଙ୍କ କହିବାନୁସାରେ ପୂର୍ବରୁ ସାମାନ୍ୟ କାମ ପାଇଁ ଜିଲ୍ଲା ସଦରମହକୁମାକୁ ଯିବାକୁ ପଡୁଥିଲା। କିନ୍ତୁ ଏବେ ବଡ଼ ବଡ଼ ଅଧିକାରୀମାନେ ଗାଁକୁ ଆସି ସମସ୍ୟା ଶୁଣୁଥିବାରୁ ସେମାନେ ଅନେକ ସମୟ ଓ ଖର୍ଚ୍ଚରୁ ରକ୍ଷା ପାଉଛନ୍ତି। ଅନୁରୂପଭାବେ ଅନ୍ୟାନ୍ୟ ବ୍ଲକ୍‌ରେ ମଧ୍ୟ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସଦରମହକୁମାରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ)ଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ସଫଳତାର ସହ ସମ୍ପନ୍ନ ହୋଇଛି।

ତହସିଲଦାରଙ୍କ ସମେତ ସମସ୍ତ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଏଥିରେ ସମୁଦାୟ ୬୯ଟି ଅଭିଯୋଗର ଶୁଣାଣି କରାଯାଇଥିବାବେଳେ ୧୦ଟି ବ୍ୟକ୍ତିଗତ ଏବଂ ୫୯ଟି ଗ୍ରାମଭିତ୍ତିକ ସମସ୍ୟା ରହିଥିଲା। ଏହି ଅବସରରେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପମାନ ଆୟୋଜନ କରାଯାଇଥିଲା। ଏଥିରେ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ମଧୁବାବୁ ପେନସନ୍ ଯୋଜନାରେ ନୂତନ ଭତ୍ତା ମଞ୍ଜୁର, ଜମିପଟ୍ଟା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଓ



**ରାୟଗଡ଼ା:** ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ରାମନାଗୁଡ଼ା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସନାର ବାର୍ଲା, ସିଡିଓ ଅକ୍ଷୟ କୁମାର ଖେମୁଣ୍ଡୁ, ସିଡିଏମ୍‌ଓ ବି ସରୋଜିନୀ ଦେବୀ, ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ ଓ ରାମନାଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ୍ ୪୨ଟି ଅଭିଯୋଗ ରାୟଗଡ଼ା ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗ ଥିଲା। ଏହି ଅବସରରେ ଜିଲ୍ଲାପାଳ ମୋଟ୍ ୫ ଜଣଙ୍କୁ ରେଡକ୍ରସ୍‌ରୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ୬ଟି ଦରଖାସ୍ତର ତୁରନ୍ତ ଶୁଣାଣିକରି ଶିବିରରେ ଫଇସଲା କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକୁ ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିଥିଲେ। ରାମନାଗୁଡ଼ା ତହସିଲଦାର୍ ପ୍ରାଣକୃଷ୍ଣ ପାଣିଗ୍ରାହୀ, ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ଓ ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ଶିବ ପ୍ରସାଦ ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସହଯୋଗ କରିଥିଲେ।

# ତୁରକେଲ ବ୍ରିଜ୍ ନିର୍ମାଣ ଦାବିରେ କଂଗ୍ରେସର ଗଣଧାରଣା

**ଭବାନୀପାଟଣା,୨୭।୪/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା-ନୂଆପଡ଼ା ରାଜ୍ୟ ରାଜପଥ ୧୬ନଂ ତୁରକେଲ ବ୍ରିଜ୍‌ର ଏକ ପିଲର୍ ଦବିଯିବା ଦ୍ୱାରା ଦୀର୍ଘ ୮ ମାସରୁ ପ୍ରଶାସନ ପକ୍ଷରୁ ଯାତାୟାତ ବନ୍ଦ କରାଯାଇଛି। ଫଳରେ ବିଶାଖାପାଟନମ୍‌ଠାରୁ ଭବାନୀପାଟଣା, ନୂଆଁପଡ଼ା ଦେଇ ରାୟପୁର ଯାଉଥିବା ଭାରୀଯାନ ଗୁଡ଼ିକ ଅଧିକ ୪୦ କିମି ବୁଲି ଟିଟିଲାଗଡ଼ ଦେଇ ଯାଉଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କୁ ଜିଲ୍ଲା ମହକୁମା ଭବାନୀପାଟଣା ଯିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଏନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ତୁରନ୍ତ ତୁରକେଲ ବ୍ରିଜ୍ ନିର୍ମାଣ ଦାବିରେ କଳାହାଣ୍ଡି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯାଇଛି।

ସୂଚନାନୁଯାୟୀ ବିଶାଖାପାଟନମ୍, ବ୍ରହ୍ମପୁର ଓ ରାୟପୁରକୁ ସିଧାସଳଖ ସଂଯୋଗ କରୁଥିବା ଏବଂ ଉକ୍ତ ଅଞ୍ଚଳ ପାଇଁ ଲାଇଫଲାଇନ୍ କୁହାଯାଉଥିବା ରାଜ୍ୟ ରାଜପଥ ୧୬କୁ ୧୯୭୦ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ନିର୍ମାଣ କରିଥିଲେ। ପରେ ରାସ୍ତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିଜେଡି ସରକାର ବିଶ୍ୱ ବ୍ୟାଙ୍କ ସହାୟତାରେ ୨୦୦୯ ମସିହାରେ ନୂତନ ଭାବେ ରାସ୍ତା ନିର୍ମାଣ କରିଥିଲେ। ହେଲେ ତୁରକେଲ ବ୍ରିଜ୍ ତଳୁ ବାଲି ମାଫିଆଙ୍କ ବାଲି ଚୋରି ଯୋଗୁ ତୁରକେଲ ବ୍ରିଜ୍‌ର ଗୋଟିଏ ପିଲର୍ ତଳକୁ ଦବିଯିବା ଦ୍ୱାରା ସୁରକ୍ଷା ଦୃଷ୍ଟିରୁ




ପୂର୍ତ୍ତ ବିଭାଗ ଉକ୍ତ ବ୍ରିଜ୍‌କୁ ଗତ ବର୍ଷ ସେପ୍ଟେମ୍ବର ମାସରୁ ବନ୍ଦ କରିଦେଇଛନ୍ତି। ଫଳରେ ରାୟପୁର ଯାଉଥିବା ଯାନବାହାନ ୪୦ କିମି କେସିଙ୍ଗା ଟିଟିଲାଗଡ଼ ରାସ୍ତାଦେଇ ଯିବାଆସିବା କରୁଛନ୍ତି। ଏହାସହ ଆଖପାଖ ଅଞ୍ଚଳର ଲୋକମାନେ ଭବାନୀପାଟଣା ଯିବା ପାଇଁ ୮ରୁ ୧୦ କିମି ଛେଲିଆମାଳ ଏବଂ ଅନ୍ୟ ରାସ୍ତାଦେଇ ଭବାନୀପାଟଣା ଓ ଅନ୍ୟତ୍ର

**୮ ମାସ ହେବ ଯାତାୟାତ ଠପ୍**

ଯାତାୟାତ କରୁଥିବା ଜଣାପଡ଼ିଛି। ତେବେ ଗତ ବର୍ଷ ଡିସେମ୍ବରରେ ସଦର ବିଧାୟକ ସାଗର ଚରଣ ଦାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପ୍ରିନ୍ସିପାଲ୍ ସେକ୍ରେଟାରୀ ସଞ୍ଜୟ କୁମାର ସିଂ ଓ ମୁଖ୍ୟଯନ୍ତ୍ରୀ ନିର୍ମଳ ସୁଦଙ୍କୁ ଚିଠି ଏବଂ ଫୋନ୍ ଯୋଗେ ତୁରକେଲ ବ୍ରିଜ୍ ନିର୍ମାଣକୁ ନେଇ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ସେଥିପାଇଁ କଂଗ୍ରେସ ବାଧହୋଇ ଗଣଧାରଣା ଦେଇଥିଲା। ଧାରଣାର ସପ୍ତମ ଦିନରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖୁବ୍‌ଶୀଘ୍ର ତୁରକେଲ ବ୍ରିଜ୍ କାମ ଆରମ୍ଭ ହେବ ଏବଂ ଟେଣ୍ଡର୍ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଅଛି ବୋଲି ଜିଲ୍ଲପାଳ ପ୍ରତିଶ୍ରୁତି ଦେବାରୁ ଗଣଧାରଣା ହଟିଥିଲା। ତେବେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ଦୀର୍ଘ ୮ ମାସ ବିତିଯାଇଥିଲେ ମଧ୍ୟ ସରକାରୀସ୍ତରରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ କଂଗ୍ରେସ ଲୋକଙ୍କ ଅଧିକାର ପାଇଁ ସୋମବାରଠାରୁ ଗଣଧାରଣା ଦେଇଛି।

ପ୍ରକାଶଥାଉକି ଗତ ମାସରେ ଲୋକଙ୍କ ଗମନାଗମନ ଅସୁବିଧାକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଅତିରିକ୍ତ ସଚିବ ଅନୁପମ ସାହା ଓ ଜିଲ୍ଲପାଳ ପାୱାର୍ ସଚିନ ପ୍ରକାଶ ବିଭଗୀୟ ଅଧିକାରୀଙ୍କୁ ନେଇ କ୍ଷେତ୍ର ପରିଦର୍ଶନ ପାଇଁ ତୁରକେଲ ବ୍ରିଜ୍ ଯାଇଥିଲେ। ହେଲେ ତାଙ୍କୁ ଲୋକଙ୍କ ପ୍ରଶ୍ନବାଣର ସାମ୍ନା କରିବାକୁ ପଡ଼ିଥିଲା। ତେବେ ତୁରକେଲ ବ୍ରିଜ୍ ବନ୍ଦ ହେବା ଦ୍ୱାରା ଉକ୍ତ ଅଞ୍ଚଳର ଗମନାଗମନରେ ଅସୁବିଧା ହେଉନାହିଁ। କେସିଙ୍ଗାରୁ ଟିଟିଲାଗଡ଼ ତେଲନଦୀ ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁ ଖାଲଖମାରେ ପରିଣତ ହୋଇ ତେଲନଦୀ ବ୍ରିଜ୍ ପ୍ରତି ବିପଦ ଦେଖାଦେଇଥିବା କେସିଙ୍ଗା ଅଗ୍ରଣୀ ସାମାଜିକ ସଂଘ ସିଟିଜେନ୍ ଫୋରମ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

# ୩ ବର୍ଷ ପରେ ପୋଡ଼ାପଦରରେ ବାଲିଯାତ୍ରା



**ଜୟପୁର,୨୭।୪/ଏନ୍‌ଏନ୍‌ଏସ୍:** କଳା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍ ପୋଡ଼ାପଦର୍ ଗାଁରେ ଆଦିବାସୀଙ୍କ ବିଶ୍ୱାସ ବହନ କରୁଥିବା ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩ ବର୍ଷରେ ଥରେ ପାଳନ ହେଉଥିବା ଏହି ବାଲିଯାତ୍ରାକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ପୋଡ଼ାପଦର୍ ସହିତ ଆଖପାଖ ଗାଁରୁ ହଜାର ହଜାର ଲୋକ ରୁଣ୍ଡହୋଇ ବାଜା ବଜାଇ ଓ ବାଣ ଫୁଟାଇବା ସହିତ ବିଭିନ୍ନ ଆଦିବାସୀ ଲୋକ ସଂସ୍କୃତି ପଟୁଆର କରି ନାଚଗୀତରେ ଝୁମିଥିଲେ। ଏହି ଅବସରରେ ଆଦିବାସୀଙ୍କ ଦେବତା ଭିମା ଭିମାଣିଙ୍କୁ ପୂଜା କରାଯାଇଛି। ବାଲି ଘରୁ ବାଲି ଚଙ୍ଗୁଡ଼ିରେ ଗଜା ଶସ୍ୟକୁ ମହିଳାମାନେ ମୁଣ୍ଡରେ ବୋହି ନେଇଥିବାବେଳେ ପୁରୁଷମାନେ ଚାଷ କାମରେ ବ୍ୟବହୃତ ହଳ, ଲଙ୍ଗଳ, କୋଡ଼ି ଓ କୋଦାଳକୁ ବୋହି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାରେ ବାହାରି ଧାର୍ଯ୍ୟ ସମୟ ଅନୁଯାୟୀ ଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ବାଲିରେ ଶସ୍ୟଜାତ ଦ୍ରବ୍ୟ ଧାନ, ଗହମ, ମାଣ୍ଡିଆ, ମକା, ଶୁଆଁ, ମୁଗ ଓ ବିରି ଆଦି ବୁଣାଯାଏ ଯେଉଁଦିନ ସେହି ଦ୍ରବ୍ୟରୁ ଅଙ୍କୁର ଜାତ ହୁଏ ସେଦିନ ବାଲିଯାତ୍ରା ଅନୁଷ୍ଠିତ ହୁଏ। ଏହି ପୂଜା କଲେ ଗାଈଗୋରୁ ସହିତ ଲୋକଙ୍କୁ କୌଣସି ରୋଗ ହୁଏନାହିଁ ଏବଂ ଚାଷ କାର୍ଯ୍ୟ ଭଲ ହୁଏ ବୋଲି ବୋଲି ବିଶ୍ୱାସ ରହିଛି। ଏହି କାର୍ଯ୍ୟକ୍ରମକୁ ବାଲିଯାତ୍ରା ଆୟୋଜନ କମିଟିର ସଭାପତି ଚିତ୍ରସେନ ମିଶ୍ର, ଉପସଭାପତି ଫୋରୋଜ ମିଶ୍ର, ସମ୍ପାଦକ ଗୌରୀ ଶଙ୍କର ଦାସ ଓ କୋଷାଧ୍ୟକ୍ଷ ସୁରେଶ ଷଡ଼ଙ୍ଗୀଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମର ଯୁବ ବାହିନୀ ଗଠନ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା ସହିତ ଲୋକଙ୍କୁ ପାନୀୟଜଳ ଯୋଗାଣ ଓ ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ। ବିସିଂହପୁର ଥାନାଧିକାରୀ ଲିମାରାଜ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ୍ ବାହିନୀ ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ପୋଡ଼ାପଦର୍ ପରେ ବୋରିଗୁମ୍ମା ବ୍ଲକ୍‌ର କାମତା ଗାଁରେ ୧୨ ବର୍ଷ ପରେ ୨୮ ତାରିଖ ଏହି ବାଲିଯାତ୍ରା ଅନୁଷ୍ଠିତ ହେବ। ସେହିପରି ମେ' ୭ ତାରିଖ ବ୍ଲକ୍‌ର କୁମୁଲି ଗାଁରେ ମଧ୍ୟ ୧୨ ବର୍ଷ ପରେ ଏହି କୃଷିଭିତ୍ତିକ ଆଦିବାସୀ ପାରମ୍ପରିକ ବାଲିଯାତ୍ରା ଅନୁଷ୍ଠିତ ହେବ। ଶେଷରେ ମେ' ୧୦ ତାରିଖ ବିସିଂହପୁର ଗ୍ରାମରେ ଜୟପୁର ରାଜା ଅମଳରୁ ଚାଲିଆସୁଥିବା ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ପ୍ରେସ୍ ୟୁନିଅନ୍‌ର ପ୍ରତିଷ୍ଠା ଦିବସ

**ରାୟଗଡ଼ା,୨୭।୪/ଏନ୍‌ଏନ୍‌ଏସ୍:** ରାୟଗଡ଼ା ପ୍ରେସ୍ ୟୁନିଅନ୍ ପକ୍ଷରୁ ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଅମୁଲ୍ୟ ରତ୍ନ ସାହୁ ଓ ସମ୍ପାଦକ ଶିବାଜୀ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବରିଷ୍ଠ ସାମ୍ବାଦିକ ତଥା ଅର୍ଗସ୍ ଟିଭିର ମୁଖ୍ୟ ସମ୍ପାଦକ ଶିଶିର କୁମାର ଭଟ୍ଟମିଶ୍ର ଯୋଗଦେଇ ବର୍ତ୍ତମାନ ଗଣମାଧ୍ୟମ ପ୍ରତିନିଧିଙ୍କ କ୍ଷେତ୍ରରେ କାର୍ଯ୍ୟ କରିବା ବିପଦ ସାଜିଛି। ବିଭିନ୍ନ ସାମାଜିକ ଗଣମାଧ୍ୟମ ମୂଲ୍ୟହୀନ ଓ ପ୍ରତିଯୋଗିତାମୂଳକ ଖବର ପ୍ରସାରଣ ଯୋଗୁ ପ୍ରକୃତ ସାମ୍ବାଦିକଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ ଉପୁଜିଥିବା ନେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୟ କୁମାର ଚୌଧୁରୀ, ଶିକ୍ଷୟିତ୍ରୀ ପ୍ରାଞ୍ଜଞ୍ଜଳି ରାଉତ, ସମାଜସେବା ପାଇଁ କାମେଶ୍ୱର ସାହୁ ଓ ଚଳତି ବର୍ଷ ସିବିଏସ୍‌ସି ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଜିଲ୍ଲା ଟପ୍ପର୍ ହୋଇଥିବା ସୁଶ୍ରୀ ଶୁଭଶ୍ରୀ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ନିଷ୍ଠାବାନ ଅଧିକାରୀ ଭାବେ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଙ୍ଗଳ ସଂଘର ସଭାପତି ବିନୋଦ ଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ଦୁଷ୍ମନ୍ତ ମହାନ୍ତି, ପ୍ରସନ୍ନ ଗନ୍ତାୟତ, ଏସ୍‌ଡିସି ଉପାଧ୍ୟକ୍ଷା ମଞ୍ଜୁଳା




ପରାମର୍ଶ ସଦସ୍ୟ ସ୍ୱାମୀ ପରମାନନ୍ଦ ସରସ୍ୱତୀ ଲୋକତନ୍ତ୍ର ଭିତ୍ତିହୀନ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଥିବା ଯୋଗୁ ସମ୍ବିଧାନ ବିପଦରେ ଥିବା ପ୍ରକାଶ କରିଥିଲେ। ପ୍ରତ୍ୟକ୍ଷରେ ସମାଜକୁ ସଜାଡ଼ିବାକୁ ହେଲେ ଗଣମାଧ୍ୟମକୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ସାମ୍ବାଦିକା ସାରଦା ଲାହାଙ୍ଗୀର ଯୋଗଦେଇ ସାମ୍ବାଦିକତା କ୍ଷେତ୍ରରେ ପ୍ରତିନିଧିଙ୍କ ଶାଶ୍ୱତ ଓ ପ୍ରତିବଦ୍ଧତା ବିଷୟରେ ଆଲୋକପାତ ମିଣିୟାକ, ସବ୍ୟସାଚୀ ସାହୁ, ଡ ଡିକେ ମହାନ୍ତି, ବରିଷ୍ଠ ଆଇନଜୀବୀ ମଦନ ମୋହନ ପାଢ଼ୀ, ରିତେଶ ସାବତ, ଲାବଣ୍ୟ ମୋହନ ପଟ୍ଟନାୟକ, ଜଗନାଥ ରାଇଗୁରୁ, ଅଦାନୀ ଗ୍ରୁପ୍‌ର ଶକ୍ତି ପାଣିଗ୍ରାହୀ, ଉତ୍କଳ ଆଲୁମିନାର ଅମଜଦ ଅଲ୍ଲୀ ଓ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବରିଷ୍ଠ ନେତା ୟାଲ ଭେଙ୍କଟେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘୋଷିକା ଭାବେ ବିଦିଶା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ନିଳାଞ୍ଚଳ ମିଶ୍ର ଧନ୍ୟବାଦ ଦେଇଥିଲେ।

**ନାଇକେନ୍‌ସିରାରେ ପାଣି ଓ ନେଟୱର୍କ ସମସ୍ୟା**

# ଅବଗତ ପରେ ସମାଧାନର ପ୍ରତିଶ୍ରୁତି ଦେଲେ ନରସିଂହ

**ବଲାଙ୍ଗୀର,୨୭।୪/ଏନ୍‌ଏନ୍‌ଏସ୍:** ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ୍‌ସ୍ଥିତ ହାତୀସରା ପଞ୍ଚାୟତର ନାଇକେନସିରା ଗାଁକୁ ଯାଇ ସେଠାରେ କିଛି ଧାର୍ମିକ ସହ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଲୋକେ ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀ ମିଶ୍ରଙ୍କୁ ଜଣାଇଥିଲେ। ବିଶେଷକରି ଗ୍ରୀଷ୍ମର ପ୍ରକୋପ ଚରମ ସୀମାରେ ଥିବାବେଳେ ପିଇବା ପାଣିର ଘୋର ଅଭାବ ନାଇକେନସିରାବାସୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଉଛି। ଏହି ସମସ୍ୟାର ଯଦି ଶୀଘ୍ର ସମାଧାନ ନହୁଏ ତେବେ ଏ ଅଞ୍ଚଳର ଲୋକେ ଏବଂ ଗୃହପାଳିତ ପଶୁମାନେ ପାଣି ଯୋଗୁ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେବେ ବୋଲି ଲୋକେ ଅଭିଯୋଗ କରିଥିଲେ। ତେଣୁ ଶୀଘ୍ର ଏକ ଡିପ୍ ବୋରୱେଲ୍ ସହ ଓଭରହେଡ୍ ଟାଙ୍କି ମାଧ୍ୟମରେ ଲୋକଙ୍କୁ



ପାଣି ଯୋଗାଇଲେ ହିଁ ସେମାନେ ତ୍ରାହି ପାଇବେ ବୋଲି ଶ୍ରୀ ମିଶ୍ରଙ୍କ ଆଗରେ ପ୍ରକାଶ କରିଥିଲେ।

ଏହାସହ ଫୋନ୍ ନେଟ୍‌ୱର୍କ ପାଇଁ ମଧ୍ୟ ପିଲାଙ୍କ ପାଠପଢ଼ାରେ ଅସୁବିଧା ହେଉଥିବା ଶ୍ରୀ ମିଶ୍ରଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଏ ସମସ୍ତ ଅଭିଯୋଗ ଶୁଣିବା ପରେ ପିଇବା ପାଣି ଏକ ଗୁରୁତର ସମସ୍ୟା ବୋଲି ଶ୍ରୀ ମିଶ୍ର କହିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ଶ୍ରୀ ମିଶ୍ରଙ୍କ ସହ ସ୍ଥାନୀୟ ସମିତିସଭ୍ୟ ପପୁ ପାତ୍ର, ରଙ୍କ ବେହେରା, କାଳିଆ ଡାଙ୍ଗ, ଚକ୍ର ମେହେର, ରଞ୍ଜନ କୁଦେଇ, ସହଦେବ ପରୁଆ, ଗୋବିନ୍ଦ ଦାସ ଓ ସାନ ଅଦାବରିଆଙ୍କ ସମେତ ଗାଁର ଅନେକ ଲୋକ ଉପସ୍ଥିତ ଥିଲେ।

# ଝୁଲନ୍ତା ମୃତଦେହ ଉଦ୍ଧାର

**ପାଟଣାଗଡ଼,୨୭।୪/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ଡୁମେରପଦର ଗାଁ ନିକଟସ୍ଥ କ୍ଷେତରୁ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟପଟେ ଦୁଷ୍କର୍ମ ପରେ ହତ୍ୟା କରି ଝୁଲେଇ ଦିଆଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପାଟଣାଗଡ଼ ଥାନା ପାଢ଼େଲ ଗାଁର ଅଶୋକ କଠାରଙ୍କ ୧୬ ବର୍ଷୀୟା ଝିଅ ଅନିତା କଠାର ରବିବାର ଅପରାହ୍ନ ୩ଟାରେ ପାଣି ଆଣିବାକୁ ଯାଇ ଘରକୁ ଫେରିନଥିଲେ। ପରିବାର ପକ୍ଷରୁ ଖୋଜାଖୋଜି କରାଯାଉଥିବାବେଳେ ଗୋଟିଏ ଅଜ୍ଞାତ ନମ୍ବର୍‌ରୁ ଜଣଙ୍କ ଫୋନ୍ ଆସିଥିଲା ଏବଂ ଝିଅକୁ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ଛାଡ଼ି ଦେଇଥିବା କହିଥିଲା। ପରିବାର ପକ୍ଷରୁ ଖୋଜାଖୋଜି ପରେ ସୋମବାର ସକାଳେ ଝିଅର ଝୁଲନ୍ତା ମୃତଦେହ ଡୁମେରପଦର ଗାଁ ନିକଟସ୍ଥ ଏକ କ୍ଷେତରୁ ଦେଖି ପୁଲିସ୍‌କୁ ଖବର ଦିଆଯାଇଥିଲା। ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ସନ୍ତରଣ ଓ ଜୀବନରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ମାଲକାନଗିରି,୨୭।୪/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲାରେ ସନ୍ତରଣ ଏବଂ ଜୀବନରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିଥିଭାବେ ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବେଦବର ପ୍ରଧାନ ଓ ଜିଲ୍ଲା ଜରୁରିକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଜଳ ଦୁର୍ଘଟଣାରୁ ନିଜକୁ ଏବଂ ଅନ୍ୟକୁ ରକ୍ଷା କରିବା ପାଇଁ ପହଁରା ଶିଖିବା ଏକ ଅତ୍ୟନ୍ତ ଜରୁରୀ ଜୀବନ କୌଶଳ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋଟ୍ ୧୦ଟି ବ୍ୟାଚ୍‌ରେ ୩୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି।

## ଚିତ୍ରଶିଳ୍ପୀ ସଞ୍ଜୀବ ବିଶ୍ୱାଳ ସମ୍ମାନିତ



**କଟକ,୨୭।୪/ଏନ୍ଏନ୍ଏସ୍:** କଟକ ଆର୍ଟିଷ୍ଟ ଅର୍ଗାନାଇଜେସନ୍ ପକ୍ଷରୁ ଆୟୋଜିତ ସ୍କୁଲସ୍ତରୀୟ କୁନି ଚିତ୍ରଶିଳ୍ପୀ ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର କଳା ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଓଡ଼ିଶା ନବନିର୍ମାଣ ବିକାଶ ମଞ୍ଚର କେନ୍ଦ୍ରୀୟ ସଭାପତି ଆଡ୍‌ଭୋକେଟ୍ ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସ, ବରିଷ୍ଠ ଅର୍ଗାନାଇଜେସନ୍ ସଭାନେତ୍ରୀ ସ୍ମିତା ମୂଳିଆ ଓ ସମାଜସେବୀ ବିଜୟ କୁମାର ସାମଲ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ନବନିର୍ମାଣ ବିକାଶ ମଞ୍ଚ ପକ୍ଷରୁ କଟକ ଆର୍ଟିଷ୍ଟ ଅର୍ଗାନାଇଜେସନର ସମ୍ପାଦକ ତଥା ଚିତ୍ରଶିଳ୍ପୀ ସଞ୍ଜୀବ କୁମାର ବିଶ୍ୱାଳଙ୍କୁ ତାଙ୍କର କଳା ସାଧନା ଓ ସମାଜସେବା କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା।

# ଜନଗଣନାକାରୀଙ୍କ ମନୋବଳ ବୃଦ୍ଧି କଲେ ଜିଲ୍ଲାପାଳ



**କଟକ,୨୭।୪/ଏନ୍ଏନ୍ଏସ୍:** ଜନଗଣନାକୁ ସୁଚାରୁ ରୂପେ ତଥା ସଫଳତାର ସହ ସମ୍ପନ୍ନ କରିବା ନିମନ୍ତେ ଆଜି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଜିଲ୍ଲାରେ ନିୟୋଜିତ ଗଣନାକାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଅବଗତ ହେବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଗଣନାକାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ଗୋଟିଏ ଲେଖାଏଁ ଟୋପି ପ୍ରଦାନ କରିଛନ୍ତି। ଏଥିସହ ପ୍ରତି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓଆରଏସ ପ୍ୟାକେଟ୍ ମହଜୁଦ ରଖାଯାଇଥିବା ବିଷୟରେ ଅବଗତ କରାଇଛନ୍ତି। ଜନଗଣନା ସମୟରେ ଆବଶ୍ୟକ ପଡ଼ିଲେ ଗଣନାକାରୀମାନେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରୁ ଓଆର୍ଏସ୍ ପ୍ୟାକେଟ୍ ନେଇପାରିବେ ବୋଲି ସେ କହିଛନ୍ତି। ଜନଗଣନା ଦେଶର ଯୋଜନାମୂଳକ ଉନ୍ନତି ପାଇଁ ମୂଳ ତଥ୍ୟ ଯୋଗାଇଥାଏ, ଯାହା ଉପରେ ଦେଶର ନୀତି ନିର୍ଦ୍ଧାରଣ କରାଯାଇଥାଏ। ଏଭଳି ଏକ ଗଠନମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥିବାରୁ ଜିଲ୍ଲାପାଳ ଗଣନାକାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କର ପ୍ରଶଂସା କରିବା ସହ ସଠିକ ଓ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଜନଗଣନାର ଗୁରୁତ୍ୱ ସମ୍ବନ୍ଧରେ ସାଧାରଣ ଲୋକଙ୍କୁ ସଚେତନ କରିବା ଏବଂ ଏହି କାର୍ଯ୍ୟରେ ସେମାନଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଡେପୁଟି କଲେକ୍ଟର ନୁରୀ ପରବିନ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋ-ମାତାଙ୍କ ସୁରକ୍ଷା ଓ ଚାଲାଣ ରୋକିବାକୁ ଦାବି



**କଟକ,୨୭।୪/ଏନ୍ଏନ୍ଏସ୍:** ବହୁ ଚଢ଼ଉ ପରେ ବି ଗୋଚାଲାଣ ଉପରେ ପ୍ରତିବନ୍ଧକ ଲଗାଯାଇ ପାରୁନାହିଁ। ଗୋଚାଲାଣ ପାଇଁ ସରକାରୀ ଏବଂ ଆଇନ ସ୍ତରରେ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଯାହା ଫଳରେ ଗୋମାତା ଏବେ ବିପଦରେ। ଏହାକୁ ନେଇ ଗୋ ସଂଗଠନ, ହିନ୍ଦୁ ସଂଗଠନମାନେ କଟକରେ ପ୍ରତିବାଦ କରିଛନ୍ତି। କଟକ ଅଧିଷ୍ଠାତ୍ରୀ ଦେବୀ ମା’ କଟକ ଚଣ୍ଡୀ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ଚାନ୍ଦିନୀଚୌକ ସ୍ଥିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଶୋଭାଯାତ୍ରା ବେଳେ ଗୋମାତା ଜିନ୍ଦାବାଦ ଧ୍ୱନି ଦିଆଯାଇଥିଲା। ବିଶେଷ କରି ଗୋଚାଲାଣ ଉପରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଗଲେ ଗୋଚାଲାଣ ବା ଗୋମାତାଙ୍କ ଉପରେ ଅତ୍ୟାଚାର ବନ୍ଦ ହୋଇପାରନ୍ତା, ଗୋ ସୁରକ୍ଷା ମଧ ହୋଇପାରନ୍ତା ବୋଲି ଗୋ ସଂଗଠକମାନେ କହିଛନ୍ତି। ପରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋ ସଂଗଠକ ସୁରେଶ ପଣ୍ଡା, ଗଣେଶ କାଣ୍ଡୋଇ, ହିନ୍ଦୁ ସେନାର ଦେବାଶିଷ ରାଉତ, ସୁଜିତ ଦାସ, ସୁଶାନ୍ତ ପାତ୍ରଙ୍କ ସହ ବହୁ ସଂଖ୍ୟକ ଗୋ ରକ୍ଷକମାନେ ଉପସ୍ଥିତ ରହି ଗୋମାତାଙ୍କ ସୁରକ୍ଷା ଏବଂ ଚାଲାଣ ରୋକିବାକୁ ଦାବି କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି



**କଟକ,୨୭।୪/ଏନ୍ଏନ୍ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୭ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୬୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୮ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୧୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଭତ୍ତା, କୃଷି, ଶିକ୍ଷା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଆସନ୍ତା ୪ ତାରିଖରେ ବାଙ୍କୀ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ



**କଟକ,୨୭।୪/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ଅନ୍ତର୍ଗତ ୪୧ ନଂ ୱାର୍ଡର ମଝି ସାହିଠାରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଆଜି ସନ୍ଧ୍ୟାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ନିକୁଞ୍ଜ ପଶାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସଭାପତି ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ମୋକିମ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା ସହ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଜନସାଧାରଣଙ୍କ ସେବା ଓ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦଳ ସଦାସର୍ବଦା ସଂକଳ୍ପବଦ୍ଧ ବୋଲି ସେ ନିଜ ଅଭିଭାଷଣରେ ପ୍ରକାଶ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସୁଖଦୁଃଖରେ ସାଥୀ ହୋଇ ରହିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମ୍ପ୍ରତିକ ସ୍ଥିତିରେ ସାଧାରଣ ଲୋକଙ୍କ ସ୍ୱରକୁ ଶାଣିତ କରିବା ପାଇଁ ଓଡ଼ିଶା ଜନତା କଂଗ୍ରେସ ଏକ ସଶକ୍ତ ମାଧ୍ୟମ ହୋଇଛି। ମହିଳାମାନଙ୍କ ସଶକ୍ତୀକରଣ ଏବଂ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ଦଳ ସର୍ବଦା ଅଗ୍ରାଧିକାର ଦେବ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପାରେଶ୍ୱର ସାହି ମୁରବି ସମରେଶ ଚନ୍ଦ୍ର ବେହେରା, ମଲ୍ଲ ସାହି ମୁରବି ରତ୍ନାକର ସାମଲ, ମୁରାଦ ଖାଁ ପାଟଣା ମୁରବି ସନ୍ତୋଷ କୁମାର ନାୟକ, ଯୋବ୍ରା ଦୁର୍ଗାପୂଜା କମିଟି ସମ୍ପାଦକ ଶ୍ରୀମନ୍ତ କୁମାର ଦାସ, ମଝିସାହି ସଭାପତି ପ୍ରଦୀପ କୁମାର ବେହେରା, ସମ୍ପାଦକ ବାବୁଲି ପରିଡ଼ା, ବୀରେନ୍ଦ୍ର ଦାସ, ସେକ ଲିଆକତ ଉଦ୍ଦିନ ଅହମ୍ମଦ ଓ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୋକିମ୍, ସୋଫିଆଙ୍କୁ ଭେଟିଲେ ଦିଲ୍ଲୀପ ରାୟ

**କଟକ,୨୭।୪/ଏନ୍ଏନ୍ଏସ୍:** ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ଆଜି ପୂର୍ବାହ୍ନରେ କଟକ ଗସ୍ତ କରି ମା’ କଟକ ଚଣ୍ଡୀଙ୍କ ଦର୍ଶନ କରିଛନ୍ତି। ଏହା ପରେ ସେ ଓଡ଼ିଶା ଜନତା କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ବାସଭବନକୁ ଯାଇ ସେଠାରେ ତାଙ୍କୁ ଓ ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କୁ ଭେଟି ବେଶ୍ କିଛି ସମୟ ଆଲୋଚନା କରିଥିଲେ। ଏହି ସାକ୍ଷାତ ଆଲୋଚନା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦିଲ୍ଲୀପ କହିଛନ୍ତି ଯେ ମୋତେ ଭୋଟ୍ ଦେଇଥିବାରୁ ମୁଁ କେବଳ କୃତଜ୍ଞତା ଜଣାଇବାକୁ ଆସିଥିଲି। ସୋଫିଆ ଓ ମୋକିମ୍ ଭାଇଙ୍କ ସହଯୋଗ ପାଇଁ ମୋର ବିଜୟ ହେଲା। ତେଣୁ ତାଙ୍କୁ କୃତଜ୍ଞତା ଜଣାଇବା ମୋର କର୍ତ୍ତବ୍ୟ ବୋଲି କହିଛନ୍ତି ଦିଲ୍ଲୀପ ରାୟ। ଏହା ଆଦୌ ଏକ ରାଜନୈତିକ ଗସ୍ତ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷେ ଦିଲ୍ଲୀପଙ୍କ ସହ ସାକ୍ଷାତ ଆଲୋଚନା ନେଇ ପ୍ରତିକ୍ରିୟାରେ ମୋକିମ୍ କହିଛନ୍ତି ଯେ ଦିଲ୍ଲୀପ ରାୟଙ୍କ ସହିତ ମୋର ସମ୍ପର୍କ ବହୁ ପୁରୁଣା। ଦିଲ୍ଲୀପ ରାୟ ମା’ କଟକ ଚଣ୍ଡୀଙ୍କ ଦର୍ଶନ ପାଇଁ ଆସିଥିଲେ। ତେଣୁ ଫୋନ୍ କରି ଘରକୁ ଆସିଲେ ବୋଲି ସେ କହିଥିଲେ।



### ପୋତାପୋଖରୀ ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ମହାକାଳୀ ୱାରିଅର୍ସ ଚାମ୍ପିଅନ୍




**କଟକ,୨୭।୪/ଏନ୍ଏନ୍ଏସ୍:** ପୋତାପୋଖରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦଶମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମହାକାଳୀ ୱାରିଅର୍ସ ଚାମ୍ପିଅନ ହୋଇ ଟ୍ରଫି ସହ ୫୦ ହଜାର ଓ ସ୍ୱାଏ ଲିଜେଣ୍ଡ ରନର୍ସ ଅପ୍ ହୋଇ ଟ୍ରଫି ସହ ୩୦ ହଜାର ଟଙ୍କା ପାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଚୌଦ୍ୱାର କଟକର ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ସେଣ୍ଟ୍ ଜାଭିୟର୍ସ ଗ୍ରୁପ ଅଫ୍ ସ୍କୁଲର ନିର୍ଦ୍ଦେଶକ ଡ଼ଃ ପ୍ରଭୁ ଚରଣ ମହାନ୍ତି, ସ୍ଥାନୀୟ କର୍ପୋରେଟର୍ ତାପସ ରଞ୍ଜନ ସାମନ୍ତରାୟ, ପୋତାପୋଖରୀ ପୂଜା କମିଟିର ସଭାପତି ରମେଶ ଚନ୍ଦ୍ର କର, ସମ୍ପାଦକ ମନୋଜ କୁମାର ମହାରଣା, କାର୍ଯ୍ୟକାରୀ ସମ୍ପାଦକ ବାପି ରାୟ, ଶିକ୍ଷାବିତ ଡ଼ଃ ଚୌଧୁରୀ ସତ୍ୟ ଦାସ, ହିସାବ ନିରୀକ୍ଷକ ପ୍ରଦୀପ୍ତ କୁମାର ସାହୁ, ଗଗନ ସାହୁ, ରଞ୍ଜନ ସାହୁ, ଚନ୍ଦ୍ରକାନ୍ତ ଦାସ, ଅକ୍ଷୟ କୁମାର ସ୍ୱାଇଁ ଓ ସଚିନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଖେଳରେ ସହଯୋଗୀ ଭାବେ ଅମୀୟ ରଞ୍ଜନ ସ୍ୱାଇଁ, ବିନୋଦ ନାୟକ, ସମ୍ବିତ ଦାସ, ସହଦେବ ସାହୁ, ସମ୍ବିତ ମହାରଣା, ଅମରେଶ ମହାନ୍ତି, ଜଗବନ୍ଧୁ ଦାସ, ରଞ୍ଜିତ ମହାନ୍ତି, ସନତ ନାୟକ, ରଞ୍ଜିତ ଦାସ, ବୁଲା ସେଠୀ, ସୁବ୍ରତ ନାୟକ, ଲିଟନ ଖଟୁଆ, ରୋହନ ସାହୁ, ଶକ୍ତି ନାୟକ ଓ ଗୌରବ ଦାସ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

## ମା’ ନାରାୟଣୀ ମହିଳା ସମିତି ପକ୍ଷରୁ ଜଳଛତ୍ର



**କଟକ,୨୭।୪/ଏନ୍ଏନ୍ଏସ୍:** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ୫୩ନଂ ୱାର୍ଡ ଅଦରପୁରସ୍ଥିତ ଅଙ୍ଗନବାଡି କେନ୍ଦ୍ରଠାରେ ମା’ ନାରାୟଣୀ ମହିଳା ଆରୋଗ୍ୟ ସମିତି ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଜଳଛତ୍ର କେନ୍ଦ୍ରକୁ ସ୍ଥାନୀୟ କର୍ପୋରେଟର୍ ଅରବିନ୍ଦ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ସମିତିର କର୍ମକର୍ତ୍ତାଙ୍କ ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରତୀ ମହାପାତ୍ର, ମିତାରାଣୀ ମହାନ୍ତି, ମଞ୍ଜୁ ସ୍ୱାଇଁ, ସୂର୍ଯ୍ୟମଣୀ ସ୍ୱାଇଁ, ସୁଜାତା ସ୍ୱାଇଁ, ଶୁଭ୍ରାଂଶୁ ସାହୁ, ପୁଷ୍ପାଞ୍ଜଳି ମହାନ୍ତି, ଦିପ୍ତିମୟୀ ଭୋଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଯୋଗାଣରେ ବିଭ୍ରାଟ, ଜନଜୀବନ ଅସ୍ତବ୍ୟସ୍ତ

**ନୟାହାଟ,୨୭।୪/ଏନ୍ଏନ୍ଏସ୍:** ଗୋପ ବ୍ଲକ ନୟାହାଟ ଅଞ୍ଚଳରେ ଗତ କିଛିଦିନ ହେଲା ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ କାଟ ନକରିବା ପାଇଁ ବିଭାଗୀୟ ମନ୍ତ୍ରୀ ଘୋଷଣା କରିଥିଲେ ସୁଦ୍ଧା ସୋମବାର ଦିନ ଦୀର୍ଘ ୧୦ ଘଣ୍ଟା ଧରି ନୟାହାଟ ଓ ତାହାର ଆଖପାଖ ଅଞ୍ଚଳ ଅନ୍ଧାରରେ ରହିଥିଲା। ବିନା କୌଣସି ପୂର୍ବ ସୂଚନାରେ ଏଭଳି ବିଦ୍ୟୁତ୍ କାଟ ଯୋଗୁଁ ସାଧାରଣ ଲୋକଙ୍କ ସମେତ ବ୍ୟାଙ୍କ ସେବା ମଧ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ସରକାରୀ ନିୟମକୁ ଅବମାନନା କରି ବିନା ନୋଟିସ୍‌ରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରାଯିବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି। ବିଦ୍ୟୁତ୍ ନଥିବା ଫଳରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ଅସହ୍ୟ ଗରମରେ ଡହଳ ବିକଳ ହେଉଛନ୍ତି। ମରାମତି ନାମରେ ବିଦ୍ୟୁତ୍ ବିଭାଗର ଏଭଳି ବାରମ୍ବାର କାଟ ଏକ ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। ଏ ଦିଗରେ ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳର ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି ଓ ସମ୍ପାଦକ କୃଷ୍ଣଚନ୍ଦ୍ର ବାରିକ ଦୃଢ଼ ଦାବି କରିଛନ୍ତି।

## ରାମକୃଷ୍ଣ କୁଟୀରକୁ ଓପିଜିସିର ଖେଳ ସାମଗ୍ରୀ ପ୍ରଦାନ



**କଟକ,୨୭।୪/ଏନ୍ଏନ୍ଏସ୍:** ଓଡ଼ିଶା ପାୱାର୍ ଜେନେରେସନ୍ କର୍ପୋରେସନ୍ ପକ୍ଷରୁ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରର ଅନ୍ତେବାସୀଙ୍କ ପାଇଁ ବିଭିନ୍ନ ଖେଳ ସାମଗ୍ରୀ ପ୍ରଦାନ କରାଯାଇଛି। ଓପିଜିସିର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ନିର୍ଦ୍ଦେଶକ ତଥା କୁଟୀରର ପ୍ରାକ୍ତନ ଅନ୍ତେବାସୀ ଗଗନ ବିହାରୀ ସ୍ୱାଇଁ ଟ୍ରେଡମିଲ୍, ବ୍ୟାଡମିଣ୍ଟନ୍, ପିକିଲ ବଲ୍ ଆଦି ଖେଳ ସରଞ୍ଜାମ ପ୍ରଦାନ କରିଥିଲେ। ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ କୁଟୀରର ଉପସଭାପତି ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ, ଅନ୍ୟତମ ଉପସଭାପତି ଡ଼ଃ ସତ୍ୟ ରାୟ, ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ, ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ, ଭୁବନାନନ୍ଦ ମହାନ୍ତି, ଡ଼ଃ ଓଁକାର ରାଉତ, ବିଶ୍ୱଜିତ ମହାପାତ୍ର, ରାକେଶ ଶତପଥୀ, ବିଦ୍ୟୁତ କୁମାରୀ ଲାଲା, ଜ୍ଞାନରଞ୍ଜନ ଦାସ ଓ ଅନ୍ତେବାସୀମାନେ ଯୋଗ ଦେଇଥିଲେ। ଏହା ପରେ ଅନ୍ତେବାସୀମାନେ ବ୍ୟାଡ୍‌ମିଣ୍ଟନ୍ ଖେଳିଥିଲେ।

### ଭୋଟର୍ ତାଲିକା ସଘନ ସଂଶୋଧନ କାର୍ଯ୍ୟର ଯାଞ୍ଚ

## କ୍ଷେତ୍ର ପରିଦର୍ଶନ କଲେ ବିଡିଓ ଓ ତହସିଲ୍‌ଦାର

**ଟିଗିରିଆ,୨୭।୪/ଏନ୍ଏନ୍ଏସ୍:** ସାରା ରାଜ୍ୟରେ ଭୋଟର ତାଲିକାକୁ ସଠିକ୍ ରୂପ ଦେବା ନିମନ୍ତେ ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ ସଘନ ସଂଶୋଧନ କାର୍ଯ୍ୟ ଜାରି ରହିଛି। ଭୋଟର ତାଲିକାରେ କେହି ବି ଯୋଗ୍ୟ ବ୍ୟକ୍ତି କିପରି ବାଦ ନପଡ଼ନ୍ତି, ସେଥିପାଇଁ ନିର୍ବାଚନ ଆୟୋଗ ଏହା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହି କ୍ରମରେ ଆଠଗଡ଼ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଟିଗିରିଆ ସହ-ପଞ୍ଜିକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ଭୋଳ ଏବଂ ତହସିଲଦାର ଧର୍ମରଞ୍ଜନ ପଣ୍ଡା ବିଭିନ୍ନ ବୁଥ୍ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପାଞ୍ଚଗାଁ, ବିନ୍ଧାଣିମା, ଭେଜିଆ, ପୁରୁଣାଟିଗିରିଆ ଏବଂ ଅଚଳକୋଟ ପ୍ରଭୃତି ଅଞ୍ଚଳରେ ଏହି ଯାଞ୍ଚ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ର ପରିଦର୍ଶନ ସମୟରେ ଅଧିକାରୀଦ୍ୱୟ ବାଦ ହେବାକୁ ଥିବା ବ୍ୟକ୍ତିମାନଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ତଦାରଖ କରିଥିଲେ। ପ୍ରଶାସନର ଏହି ତତ୍ପରତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଧଉଳିରେ ସ୍ଥାପନ ହେବ ତର୍ପଣ ଶିଳାସ୍ତମ୍ଭ !

**ଭୁବନେଶ୍ୱର,୨୭।୪/ଏନ୍ଏନ୍ଏସ୍:** କଳିଙ୍ଗ ଯୁଦ୍ଧ ପୃଥିବୀ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା। ଯେଉଁ କଳିଙ୍ଗର ବୀର ସୈନିକମାନେ ଚଣ୍ଡାଶୋକକୁ ଧର୍ମାଶୋକରେ ରୂପାନ୍ତରିତ କରି ଇତିହାସରେ ବୀରତ୍ୱ ଓ ପରିବର୍ତ୍ତନର ମହାନଗାଥା ଲେଖି ଯାଇଥିଲେ, ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନର ପ୍ରସ୍ତାବ ଉପରେ ବିଚାର ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏକାମ୍ର ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ ହୋଇଛି। ସାହିତ୍ୟିକ ଡ଼. ପ୍ରତିଭା ରାୟ, ଐତିହାସିକ ଡ଼. ନିହାର ରଞ୍ଜନ ପଟ୍ଟନାୟକ, ଡ଼. ବେଣୁଧର ପାତ୍ର, ଡ଼.ଅନାମ ବେହେରା, ବିଶିଷ୍ଟ ଇତିହାସ ଗବେଷକ ଅନୀଲ ଧୀର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଏବଂ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱର ପ୍ରତିନିଧି ପ୍ରମୁଖ କମିଟିରେ ସଦସ୍ୟ ରହିଛନ୍ତି। ଆଜି ଧଉଳିଠାରେ ଏକାମ୍ର ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ କମିଟିର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଧଉଳିର ପାଦଦେଶରେ ଦୟା ନଦୀକୂଳରେ କଳିଙ୍ଗ ଯୁଦ୍ଧରେ ମୃତ୍ୟୁବରଣ କରିଥିବା କଳିଙ୍ଗର ବୀର ସୈନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନ ସହ ଏକ ସଂଗ୍ରହାଳୟ, କାରୁକାରୀ ମନ୍ଦିର, ଆମ୍ଫି-ଥିଏଟର ସ୍ଥାପନ କରିବା ପାଇଁ କମିଟିର ସଦସ୍ୟମାନେ ପ୍ରସ୍ତାବ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ

## ଭଉଣୀର ଶବକୁ ଖୋଳି ...

ବ୍ୟାଙ୍କକୁ ଦୌଡ଼ି ଥିଲେ। ଶେଷରେ ବ୍ୟାଙ୍କ ପରିଚାଳକ ତାଙ୍କୁ ଭଉଣୀକୁ ନେଇକି ଆସ ଟଙ୍କା ଦେବି କହିଥିଲେ। ତେବେ ସୋମବାର ଜିତୁ ମୁଣ୍ଡା ଭଉଣୀର ୩ ମାସର କଙ୍କାଳ ସାର ଶବକୁ କବରରୁ ବାହାର କରି ଏକ ବସ୍ତାରେ ପୂରାଇ ଗ୍ରାମ୍ୟ ବ୍ୟାଙ୍କ ପିଣ୍ଡାରେ ରଖି ଶାଖା ପରିଚାଳକଙ୍କୁ ଭଉଣୀକୁ ଦେଖ ଓ ଟଙ୍କା ଦିଅ ବୋଲି ଦାବି କରିଥିଲେ। ଘଟଣା ପ୍ରଚାରିତ ହେବା ପରେ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ ଓ ଏଏସଆଇ ଗୌରହରି ଗରଡ଼ିଆ ମଲ୍ଲୀପଶିରେ ପହଞ୍ଚି ଜିତୁଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ମୃତା ଭଉଣୀଙ୍କ ଜମା ଖାତାର ନୋମିନୀ କିଏ ଓ ଟଙ୍କା ଉଠାଇବାର ନିୟମ ନଜଣାଇ ଭଉଣୀଙ୍କୁ ଆଣ ଟଙ୍କା ଦେବି କହି ଶାଖା ପରିଚାଳକ ଏଭଳି ସମସ୍ୟାକୁ ଡାକିଥିବା ଜଣାପଡ଼ିଛି। ତେବେ ପୁଲିସ ବ୍ୟାଙ୍କ ପିଣ୍ଡାରେ ଥିବା କଙ୍କାଳକୁ ମୂଳ କବର ସ୍ଥାନ ନେଇ ପୋତା କରାଇଛି। ସୂଚନାଯୋଗ୍ୟ ଯେ କାଲରା ମୁଣ୍ଡାଙ୍କ ମୃତ୍ୟୁ ପରେ ଜମା ଖାତାର ନୋମିନୀ ଥିବା ତାଙ୍କ ବଡ଼ ଭାଇ କିଛି ବର୍ଷ ଆଗରୁ ମୃତ୍ୟୁବରଣ କରିଥିବାରୁ ଦୁଇ ଭାଇ ଭଉଣୀ ନାମରେ ବ୍ୟାଙ୍କରେ ଟଙ୍କା ଜମା ରଖିଥିଲେ। ପାଟଣା ପୁଲିସ ବ୍ୟାଙ୍କ ଅଧିକାରୀଙ୍କୁ ନିୟମ ଅନୁଯାୟୀ ଏକମାତ୍ର ଦାବିଦାର ଥିବା ଜିତୁ ମୁଣ୍ଡାଙ୍କୁ କେମିତି ଯଥାଶୀଘ୍ର ଟଙ୍କା ଦିଆ ଯାଇପାରିବ ସେ ବ୍ୟବସ୍ଥା କରିବାକୁ କହିଛନ୍ତି।

## ଭାରତ-ନ୍ୟୁଜିଲାଣ୍ଡ୍ ଏଫ୍‌ଟିଏ ...

ପାଠପଢ଼ା ଶେଷ ପରେ ୩ ବର୍ଷ ପାଇଁ ନିଯୁକ୍ତି ସୁଯୋଗ ମଧ ମିଳିବ। ଭାରତୀୟ ଔଷଧ ପାଇଁ ମଧ ନ୍ୟୁଜିଲାଣ୍ଡ ବଜାରରେ ଅନୁମୋଦନ ପ୍ରକ୍ରିୟା ଶୀଘ୍ର ଏବଂ ସହଜ ହେବ। ଦୁଇ ଦେଶ ମଧ୍ୟରେ ଡିଜିଟାଲ୍ ପେମେଣ୍ଟ ଏବଂ ଇ-କମର୍ସ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଚୁକ୍ତି ହୋଇଛି, ଯାହା ଷ୍ଟାର୍ଟଅପ୍ ଗୁଡ଼ିକୁ ସାହାଯ୍ୟ କରିବ। ଚୁକ୍ତି ଅନୁଯାୟୀ, ନ୍ୟୁଜିଲାଣ୍ଡର ପେନସନ୍ ଫଣ୍ଡଗୁଡ଼ିକ ଭାରତର ଗ୍ରୀନ୍ ଏନର୍ଜି ଏବଂ ସ୍ମାର୍ଟ ସିଟି ପ୍ରକଳ୍ପରେ ବଡ଼ ଧରଣର ପୁଞ୍ଜି ନିବେଶ କରିବେ। ଏହି ଚୁକ୍ତି ଅନ୍ତର୍ଗତ ଭାରତ ନିଜର କୃଷକ ଏବଂ ଦୁଗ୍ଧ ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇଛନ୍ତି। ଦେଶରେ ଉତ୍ପାଦିତ ଦୁଗ୍ଧ ଜାତ ସାମଗ୍ରୀ ଯେପରି କ୍ଷୀର, ପନିର, ଦହି ଭଳି ଦୁଗ୍ଧ ଜାତ ଦ୍ରବ୍ୟ ସହ ତେଲ, ମସଲା , ଚିନି ଆଦି ସାମଗ୍ରୀକୁ ଏହି ଚୁକ୍ତିରୁ ବାଦ୍ ଦିଆଯାଇଛି, ଯାହାଦ୍ୱାରା ଦେଶୀ ଦୁଗ୍ଧ ଚାଷୀଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଘରୋଇ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିବା ଦୃଢ଼ୋକ୍ତି ପ୍ରକାଶ କରୁଥିଲେ ମଧ ଦୁଗ୍ଧ ଚାଷୀମାନେ କିନ୍ତୁ ରପ୍ତାନୀ କ୍ଷେତ୍ରରେ ନିଜ ଉତ୍ପାଦରୁ ଅଧିକ ରୋଜଗାର କରିପାରିଥାଆନ୍ତେ ବୋଲି ଭାବୁଛନ୍ତି। ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଘନଘଟା ମଧ୍ୟରେ ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଏହି ଚୁକ୍ତି ମାତ୍ର ୯ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି, ଯାହା ଭାରତ ପାଇଁ ଏକ ରେକର୍ଡ। ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ନ୍ୟୁଜିଲାଣ୍ଡର ବାଣିଜ୍ୟ ମନ୍ତ୍ରୀ ଟଡ୍ ମ୍ୟାକଲେ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଏକ 'ଐତିହାସିକ ମାଇଲଖୁଣ୍ଟ' ତଥା ବିକଶିତ ଭାରତ-୨୦୪୭ ପାଇଁ ଏକ ନୂଆ ପିଢ଼ିର ନୂଆ ତଥା ବିକଶିତ ବାଣିଜ୍ୟ ଚୁକ୍ତି ଭାବେ ଅଭିହିତ କରିଛନ୍ତି। ସବୁଠୁ ବଡ଼କଥା ହେଉଛି, ଏହି ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ବାର୍ଷିକ ବାଣିଜ୍ୟ ଆଗାମୀ ୫ ବର୍ଷ ମଧ୍ୟରେ ଦୁଇଗୁଣ ହେବ ବୋଲି ଆଶା କରାଯାଉଛି। ମୋଟାମୋଟି ଏହି ଚୁକ୍ତି ଟାରିଫ୍, ଟ୍ୟାଲେଣ୍ଟ୍ ଏବଂ ଟେକ୍ନୋଲୋଜିର ଏକ ଅପୂର୍ବ ମହାମିଳନ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ଦୁର୍ଘଟଣାରେ ଗଲା ...

ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ସ୍କର୍ପିଓରେ ଯାଉଥିବା ୨ ଜଣ ମହିଳା ଆହତ ହୋଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ କରଞ୍ଜିଆ ବ୍ଲକ ଠାକୁରମୁଣ୍ଡା-କରଞ୍ଜିଆ ରାଜ୍ୟ ରାଜପଥ ନମ୍ବର ୫୩ କାଦଡିହା ଭାଟିସାହି ଛକ ଏକ ହୁଡ଼ି ନିକଟରେ ପ୍ରାୟ ସାଢ଼େ ୧୧ ସମୟରେ କରଞ୍ଜିଆ ପଟରୁ ଉଦଳା ଯାଉଥିବା ପ୍ରଶାନ୍ତି ବସ୍ ସହ ଅପର ପଟରୁ ଆସୁଥିବା ଏକ କାର ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣା ବିଷୟରେ ବସ୍‌ରେ ଥିବା ଲୋକମାନେ କରଞ୍ଜିଆ ଥାନାକୁ ଖବର ଦେଇଥିଲେ। କରଞ୍ଜିଆ ଥାନା ପକ୍ଷରୁ ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରି କିଛି ଗୁରୁତରଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲା। ଏହି ଦୁର୍ଘଟଣାରେ କାରରେ ଥିବା ଅନ୍ୟୁନ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଓ ଜଣେ ଆହତ ହୋଇଛନ୍ତି। କାରରେ ସମୁଦାୟ ୪ ଜଣ ଯାତ୍ରୀ ଥିଲେ। ତେବେ ଗୁରୁତର ଆହତ ଯାଜପୁର ଜିଲ୍ଲା ଧର୍ମଶାଳାର ପ୍ରଦୀପ କୁମାର ବଳ ସାମନ୍ତ ହୋଇଥିବାବେଳେ ଆତ ଜଣକ ପାଲୁ ବଳ ବୋଲି ଜଣାଯାଇଛି। ମୃତକ ୨ ଜଣ ହେଲେ ନିଳମଣୀ ସାହୁ ଓ ଧର୍ମଶାଳାର ମବୁ ବଳ। ଗୁରୁତରଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରଣ କରାଯାଇଛି।

## କୋଟିଏ ଟଙ୍କାର ଅଳଙ୍କାର ...

କାଳିଆ, ସୁକାନ୍ତ ଦାସ ଓରଫ ସିପୁ ଏବଂ କାର୍ତ୍ତିକ ବେହେରା ଓରଫ ମୂଷି। ଏହାସହ ସେମାନଙ୍କଠାରୁ ଚୋରି ସାମଗ୍ରୀ କିଣିଥିବା ବିକାଶ ଚକ୍ରବର୍ତ୍ତୀଙ୍କୁ ମଧ ପୁଲିସ ବାନ୍ଧିଛି। ଖବର ଅନୁସାରେ ଘର ଲୋକ ପୂଜା କରିବାକୁ ମନ୍ଦିର ଯାଇଥିବାର ସୁଯୋଗ ନେଇ ଝରକା ଗ୍ରୀଲ୍ କାଟି କଳାକନା ବୁଲାଇଥିଲେ ଦୁର୍ବୃତ୍ତ। ଏହି ଗ୍ୟାଙ୍ଗ୍ ବାଲେଶ୍ୱର ଜିଲ୍ଲାର ସଦର, ଖନ୍ତାପଡ଼ା ଏବଂ ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଦୀର୍ଘ ଦିନ ହେବ ସକ୍ରିୟ ଥିଲେ। ଏମାନଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଛି। ଗତ ୧୫ ତାରିଖରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ ଚଳାଇଥିବା ବେଳେ ଆଜି ଏହି ବଡ଼ ସଫଳତା ମିଳିଛି। ବର୍ତ୍ତମାନ ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ସହ ଏହି ଗ୍ୟାଙ୍ଗ୍ ସହ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ସେ ନେଇ ଅଧିକ ଖୋଳତାଡ଼ ଜାରି ରଖିଛି ବୋଲି ଏସପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି।

## ରେଙ୍ଗାଲି ବାମ ବନ୍ଧ ...

ତରଫରୁ କଟକ କମର୍ସିଆଲ କୋର୍ଟରେ ଆବେଦନ କରାଯାଇଥିଲା। ଏହାପରେ କୋର୍ଟଙ୍କ ଦ୍ୱାରା ବାରମ୍ବାର ରେଙ୍ଗାଲି ବାମବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟ ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନୋଟିସ କରାଯାଇଥିଲା। ମାତ୍ର ବିଭାଗ ତରଫରୁ ଏହାକୁ ନେଇ କୌଣସି ସମାଧାନ ହୋଇପାରିନଥିଲା। ଫଳରେ ଆଜି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୋର୍ଟ ଅଧିକାରୀ ଓ ଠିକାସଂସ୍ଥାର ଓକିଲ ବାମବନ୍ଧ କାର୍ଯ୍ୟାଳୟ ଠାରେ ପହଞ୍ଚି କାର୍ଯ୍ୟାଳୟକୁ ସିଲ୍ କରିଥିଲେ। ପ୍ରାୟ ୨୨ ବର୍ଷ ହେବ ଠିକାସଂସ୍ଥା ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବର୍ତ୍ତମାନ ଏହାର ମୂଲ୍ୟ ପ୍ରାୟ ତିନିକୋଟିରୁ ଉର୍ଦ୍ଧ୍ୱ ହେବାନେଇ ଠିକାସଂସ୍ଥା ତରଫରୁ ପ୍ରକାଶ କରାଯାଇଛି।

## ଇରାନ୍‌କୁ ମିଳିଲା ରୁଷ୍‌ର ...

ଡକାଇଛନ୍ତି। 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'ରେ ଜାରି ରହିଥିବା ଅବରୋଧ, ନୌସେନା ବ୍ୟବସ୍ଥା ଏବଂ ଇରାନ ବିରୋଧରେ ଆଗାମୀ ରଣନୀତି ଉପରେ ଏହି ବୈଠକରେ ଚର୍ଚ୍ଚା ହେବା ନେଇ ଅନୁମାନ କରାଯାଉଛି। ସେହିପରି ଆମେରିକୀୟ ମିଡିଆ ରିପୋର୍ଟସ୍ ଅନୁସାରେ ଏହି ବୈଠକରେ ଇରାନ୍ ଉପରେ ପୁଣିଥରେ ଆକ୍ରମଣ କରିବା ଭଳି ବିକଳ୍ପ ଉପରେ ମଧ ବିଚାର କରାଯାଇପାରେ। ତେବେ ଏହାରି ମଧ୍ୟରେ ଟ୍ରମ୍ପ୍ ଇରାନକୁ ଏକ କଠୋର ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଯୁଦ୍ଧ ବନ୍ଦ କରିବା ଏବଂ ସିଜ୍‌ଫାୟାର୍ ପାଇଁ ରାଜି ହେବାକୁ ଇରାନ ପାଖରେ ମାତ୍ର ୩ ଦିନ ସମୟ ଅଛି। ଯଦି ଏହା ନହୁଏ, ତେବେ ଇରାନର ମୁଖ୍ୟ ତେଲ ପାଇପଲାଇନ୍‌ଗୁଡ଼ିକୁ ବିସ୍ଫୋରଣ କରି ଉଡ଼ାଇ ଦିଆଯିବ। ତେବେ ଟ୍ରମ୍ପ୍‌ଙ୍କ ଏପ୍ରକାର ଧମକ ସେତେବେଳେ ଆସିଛି ଯେତେବେଳେ କି ଇରାନ୍ ପକ୍ଷରୁ ଆମେରିକା ସମ୍ମୁଖରେ ନୂତନ ସର୍ତ୍ତାବଳୀ ରଖାଯାଇଛି। ତେବେ ଇରାନ୍‌ର ଏହି ସର୍ତ୍ତ ଉପରେ ଟ୍ରମ୍ପ ତାଙ୍କର ଜାତୀୟ ସୁରକ୍ଷା ଟିମ୍ ସହ ବୈଠକ କରି ଏ ନିଷ୍ପତ୍ତି ନେବେ ବୋଲି ହ୍ୱାଇଟ୍ ହାଉସ୍ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷେ ଟ୍ରମ୍ପ୍ ଆଜି ଫୋନ୍ କରି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମରଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ରୁଷ୍ ଗସ୍ତରେ ଯିବା ପୂର୍ବରୁ ଅରାଘଚୀ, ପାକିସ୍ତାନ ଗସ୍ତ କରିଥିବା ସୂଚନା ମିଳିଛି। ଗତ ୨୪ ଘଣ୍ଟା ମଧ୍ୟରେ ଏହା ଅରାଘଚୀଙ୍କ ଦ୍ୱିତୀୟ ଇସଲାମାବାଦ୍ ଗସ୍ତ। ଦିନକ ପୂର୍ବେ ସେ ପାକିସ୍ତାନ ଯାଇ ସେଠାରେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଏବଂ ସେନା ମୁଖ୍ୟ ଅସିମ୍ ମୁନିରଙ୍କୁ ସାକ୍ଷାତ କରିଥିଲେ ଏବଂ ଇରାନ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏକ ସର୍ତ୍ତାବଳୀକୁ ସେ ଶେହବାଜ୍‌ଙ୍କୁ ହସ୍ତାନ୍ତର କରିଥିଲେ। ହର୍ମୁଜ୍‌ରେ ଆମେରିକା ନୌସେନା ପକ୍ଷରୁ ଲାଗୁ କରାଯାଇଥିବା ପ୍ରତିବନ୍ଧକକୁ ପ୍ରତ୍ୟାହାର କରାନଯିବା ପର୍ଯ୍ୟନ୍ତ ଆମେରିକା ସହ ସିଧାସଳଖ ଆଲୋଚନାରୁ ଦୂରେଇ ରହିବାକୁ ଇରାନ୍ ନିଷ୍ପତ୍ତି ନେଇଛି। କେବଳ ଏହି କାରଣରୁ ଅରାଘାଚୀ ଏବଂ ତାଙ୍କ ଟିମ୍, ଇସଲାମାବାଦ୍‌ରେ ଆମେରିକୀୟ ପ୍ରତିପକ୍ଷଙ୍କୁ ସାକ୍ଷାତ ନକରି ଚାଲିଆସିଥିଲେ। ଫଳରେ ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ମଧ ବିଫଳ ହୋଇଯାଇଛି। ତେବେ ଅରାଘାଚୀ ଆଜି ପୁଣିଥରେ ଇସଲାମାବାଦ୍ ଯାଇ ସେଠାରେ ଶେହବାଜ୍ ଏବଂ ମୁନିରଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଏହାରି ମଧ୍ୟରେ ସେ ଇରାନ୍‌ର ନୂଆ ସର୍ତ୍ତାବଳୀକୁ ମଧ ଶେହବାଜ୍‌ଙ୍କୁ ପ୍ରଦାନ କରିଛନ୍ତି ଯେଉଁଥିରେ ଯଦି ଆମେରିକା ଏବଂ ଇସ୍ରାଏଲ୍ ତୁରନ୍ତ ଯୁଦ୍ଧ ବନ୍ଦ କରନ୍ତି ଏବଂ ଭବିଷ୍ୟତରେ ଆକ୍ରମଣ ନ କରିବାକୁ ଗ୍ୟାରେଣ୍ଟି ଦିଅନ୍ତି, ତେବେ ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ କୁ ପୁଣି ଥରେ ଖୋଲିବ ବୋଲି ସର୍ତ୍ତ ରଖିଛି। ଏତଦ୍‌ବ୍ୟତୀତ ଇରାନ ସ୍ୱଷ୍ଟ କରିଛି ଯେ ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା ଏବେ ନୁହେଁ, ବରଂ ଯୁଦ୍ଧ ଏବଂ ସାମୁଦ୍ରିକ ପଥ ସମସ୍ୟା ସମାଧାନ ହେବା ପରେ କରାଯାଇପାରେ। ତେବେ ହ୍ୱାଇଟ୍ ହାଉସ ଏହି ପ୍ରସ୍ତାବକୁ ଗୁରୁତ୍ୱର ସହ ନେଇଥିଲେ ମଧ ସ୍ୱଷ୍ଟ କରିଛି ଯେ, ଇରାନକୁ କୌଣସି ପରିସ୍ଥିତିରେ ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ।

# ନୀଳକଣ୍ଠେଶ୍ୱର ଲୋକସ୍ବ-୨୦୨୬ ଉଦ୍‌ଘାଟିତ



**ବୋଲଗଡ଼,୨୭।୪/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ପିଚୁକୁଳି ଠାରେ ନୀଳକଣ୍ଠେଶ୍ୱର ଲୋକସ୍ବ-୨୬ ସୋମବାର ଉଦଘାଟିତ ହୋଇଯାଇଛି। ନୀଳକଣ୍ଠେଶ୍ୱର ବଣିକସଙ୍ଘ ପିଚୁକୁଳି ଦ୍ୱାରା ଆୟୋଜିତ ଓ ରାଜ୍ୟ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଥିବା ବେଳେ ବଜାର କମିଟି ସଭାପତି ପବିତ୍ର ମୋହନ ମାଝୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପିଚୁକୁଳି ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ବରିଷ୍ଠ ସମାଜସେବୀ ମନୋଜ ବେହେରା, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ସାନପଦର ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ପିଚୁକୁଳି ସରପଞ୍ଚ ଜୟନ୍ତୀ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ (ନଂ-୨୬), ପ୍ରଦୀପ ଛୋଟରାୟ(ନଂ-୨୭), ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ ଓ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଲୋକସ୍ବ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷକ ନିଳିମା ଜେନା, ଶିକ୍ଷାବିତ ଅଇଁଠୁ ରଣସିଂହ, ପ୍ରାକ୍ତନ ସରପଞ୍ଚ ଫକୀର ସ୍ୱାଇଁ, ବରିଷ୍ଠ ଗ୍ରାମ୍ୟ ନ୍ୟାୟବିତ ନାରାୟଣ ବଳିଆରସିଂହ, ଅବସର ପ୍ରାପ୍ତ ଶିକ୍ଷକ ପରୀକ୍ଷିତ ମାଝୀ, ରାଜସୁନାଖଳା ସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶିଖା ପରିଚାଳକ ଗୌତମ ଦାସ, ଅଙ୍ଗନବାଡ଼ି କର୍ମୀ ଶାନ୍ତିଲତା ଦେଇ ଓ ପ୍ରଧାନଶିକ୍ଷକ ସୁଧୀର କୁମାର ସେଠୀ ପ୍ରମୁଖ ପ୍ରତିଭା ଅତିଥିମାନଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇ ପ୍ରୀତି ଉପହାର ଗହଣ କରିଥିଲେ। ସେହିପରି ଅତିଥି ମାନେ ନିରଞ୍ଜନ ନାୟକ, ସଂଜୀବ କୁମାର ସେଠୀ ଓ ପ୍ରଫୁଲ୍ଲ କୁମାର ସିଂ ପ୍ରମୁଖ ଗଣମାଧମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଦୁର୍ଗାପ୍ରସାଦ ସୁବୁଦ୍ଧି, ବାସୁଦେବ ବରାଡ଼ ଓ ବିଦ୍ୟାଧର ସାହୁ କୁଇଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଲୋକସ୍ବର ଉଦଘାଟନୀ ତଥା ପ୍ରଥମ ସନ୍ଧ୍ୟାକୁ ଶିକ୍ଷାବିତ ଶ୍ରୀକାନ୍ତ ନାୟକ ସଂଯୋଜନା ଓ ଉପସ୍ଥାପନା କରିଥିଲେ। ପରିଶେଷରେ ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ହାପିନେସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠା ଦିବସ



**ପୁରୀ,୨୭।୪/ଏନ୍‌ଏନ୍‌ଏସ୍:** ପୁରୀର ସ୍ୱେଚ୍ଛାସେବୀ ସଂଗଠନ ହାପିନେସ୍ ଫାଉଣ୍ଡେସନର ଷଷ୍ଠ ପ୍ରତିଷ୍ଠା ଦିବସ ଉପଲକ୍ଷେ 'ଆନନ୍ଦ ଉତ୍ସବ ୨୦୨୬' ଜିଲ୍ଲା ସଂସ୍କୃତି ଭବନ ପରିସର ରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ, ବିଶିଷ୍ଟ ଅତିଥି ଭାବରେ ଇ-୨୪ ହସ୍ପିଟାଲ୍ ର ପରିଚାଳନା ନିର୍ଦ୍ଦେଶକ ଡଃ. ରାଜେଶ କୁମାର ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଓ ଭାରତ ବିକାଶ ପରିଷଦ ର ରାଜ୍ୟ ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଯୋଗ ଦେଇଥିଲେ। ପୁରୀ ଜିଲ୍ଲା ଓ ଜିଲ୍ଲା ବାହାରୁ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ସମ୍ମାନୀତ କରାଯାଇଥିଲା। ଏଥି ସହିତ ଓଡ଼ିଶାର କଳା ସଂସ୍କୃତି କୁ ସୋସିଆଲ ମିଡ଼ିଆ ମାଧମରେ ପ୍ରଚାର ପ୍ରସାର କରୁଥିବା ବିଭିନ୍ନ ବ୍ୟକ୍ତିବିଶେଷ ଓ ସଙ୍ଗଠନ ମାନଙ୍କୁ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ବିଭିନ୍ନ କଲେଜ୍ ର ଛାତ୍ର ଛାତ୍ରୀ ଙ୍କୁ କଲେଜ୍ ଭିତରେ ଏବଂ ବାହାରେ ସେବା କାର୍ଯ୍ୟରେ ଜଡ଼ିତ କରିବା ପାଇଁ ଗଠନ କରାଯାଇଥିବା 'ଇକୋ କ୍ଲବ୍ ଏବଂ ସୋସିଆଲ ୟୁଥ୍ କ୍ଲବ୍' ର ବିଶେଷ ଯୋଗଦାନ ପାଇଁ କଲେଜ୍‌ମାନଙ୍କୁ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନରେ ବିଭିନ୍ନ ସମୟରେ ସାମାଜିକ ସେବା କାର୍ଯ୍ୟରେ ଜଡ଼ିତ ଥିବା ସମସ୍ତ ମେମ୍ବର ମାନଙ୍କୁ ସମ୍ମାନୀତ କରାଯାଇଥିଲା। ପୂର୍ବ ବର୍ଷ ରଥଯାତ୍ରା ଓ ରକ୍ତଦାନ ଶିବିର ରେ ବିଶେଷ ଅବଦାନ ପାଇଁ ଅନୁଷ୍ଠାନ ତରଫରୁ ରଥାଯାତ୍ରା ସେବା ସମ୍ମାନ ଓ ରକ୍ତବୀର ସମ୍ମାନ ରେ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନ ର ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ହାପିନେସ୍ ଫାଉଣ୍ଡେସନ୍ ର ପ୍ରତିଷ୍ଠାତା ତଥା ସଭାପତି ଡଃ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସଂପାଦକ ସୌମ୍ୟ ରଂଜନ ସାହୁ ପରିଚାଳନା କରିଥିଲେ। ଶୁଭୋଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଯୁବ ପୀଢ଼ିଙ୍କୁ ସେବା କାର୍ଯ୍ୟ ପାଇଁ ପ୍ରେରଣା ଦେବ ଏବଂ ସେବା କାର୍ଯ୍ୟରେ ବିପ୍ଳବ ଆଣିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଡଃ. ପ୍ରଧାନ କହିଥିଲେ।

## ହେବନି ବାରମ୍ବାର ...

ମୂଳ ଉଦ୍ଦେଶ୍ୟ ଥିଲା ଯୋଗ୍ୟ ବ୍ୟକ୍ତିଙ୍କୁ ସୁବିଧା ପ୍ରଦାନ କରିବା। କିନ୍ତୁ କିଛି କ୍ଷେତ୍ରରେ ଏହାକୁ ଭୁଲ ଭାବେ ବ୍ୟବହାର କରି ଅସଲି ଦିବ୍ୟାଙ୍ଗ ବା ଭିନ୍ନକ୍ଷମ ହିତାଧିକାରୀଙ୍କୁ ମଧ ବାରମ୍ବାର ମେଡିକାଲ ପରୀକ୍ଷା ପାଇଁ ବାଧ କରାଯାଉଛି। ଏନଏଚଆରସିଙ୍କ ଏହି ଉଦବେଗ ପରେ ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି ଯେ, ଏଣିକି ଆଖିବୁଜା ଭାବେ ସମସ୍ତ ଦିବ୍ୟାଙ୍ଗଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ଯାଞ୍ଚ କରାଯାଇପାରିବ ନାହିଁ। ଯଦି କୌଣସି ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ଉପରେ ଦୃଢ଼ ସନ୍ଦେହ ଥାଏ, କେବଳ ସେହି କ୍ଷେତ୍ରରେ ହିଁ ପୁନଃ-ଯାଞ୍ଚ କରାଯିବ। ଏହାବ୍ୟତୀତ ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ ୟୁଡିଆଇଡି (ଆଧାର) କାର୍ଡ ପ୍ରଦାନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ସମସ୍ତ ଜିଲ୍ଲାପାଳ ଓ ସମାଜ ମଙ୍ଗଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ଅସଲି ହିତାଧିକାରୀମାନେ ଅନାବଶ୍ୟକ ପ୍ରଶାସନିକ ଯାଞ୍ଚରୁ ଆଶ୍ୱସ୍ତି ପାଇପାରିବେ। ସୂଚନାଯୋଗ୍ୟ, ଏନଏଚଆରସିଙ୍କ ପକ୍ଷରୁ ଜାରି ଏସ୍‌ଓପି ଅନୁସାରେ, ସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ସହାୟତାପ୍ରାପ୍ତ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ନାମ ଲେଖାବେଳେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଯେପରି ଅଯଥା ହଇରାଣ ନହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି। ସେହିପରି ସରକାରୀ ନିଯୁକ୍ତିଦାତାଙ୍କ ଅଧୀନରେ ଚାକିରି ପାଇଁ ଆବେଦନ କରୁଥିବା ଭିନ୍ନକ୍ଷମ ବ୍ୟକ୍ତି କିମ୍ବା ପୂର୍ବରୁ କାର୍ଯ୍ୟରତ ଥିବା ଭିନ୍ନକ୍ଷମ କର୍ମଚାରୀଙ୍କ କ୍ଷେତ୍ରରେ ମଧ ଏହା ପ୍ରଯୁଜ୍ୟ ହେବ। ବିଶେଷକରି ପୂର୍ବରୁ ସୁବିଧା ପାଉଥିବା ଭିନ୍ନକ୍ଷମ କର୍ମଚାରୀଙ୍କୁ ବାରମ୍ବାର ମେଡିକାଲ୍ ବୋର୍ଡ ସାମ୍ନାକୁ ଯିବାକୁ ବାଧ କରାଯାଇପାରିବ ନାହିଁ। ଶିକ୍ଷା ହେଉ କିମ୍ବା ଚାକିରି, କୌଣସି ବି କ୍ଷେତ୍ରରେ ଯେପରି ଅସଲି ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ଏହି ଯାଂଚ ପ୍ରକ୍ରିୟା ଏକ ପ୍ରତିବନ୍ଧକ ସାଜିବ ନାହିଁ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି।

## ସରିଲା ପ୍ରଚାର ...

ପଥ ପ୍ରଶସ୍ତ କରୁଛି ବୋଲି ମୋଦୀ କହିଛନ୍ତି। ମୋଦୀ ଏଠାରେ ଜନସମାଗମକୁ ସମ୍ବୋଧିତ କରିବା ଆଳରେ ରାଜ୍ୟରେ ଚାଲିଥିବା 'ସିଣ୍ଡିକେଟ୍ ରାଜ୍', ଦୁର୍ନୀତି ଏବଂ ଅନୁପ୍ରବେଶ ପ୍ରସଙ୍ଗରେ ଟିଏମ୍‌ସି ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି। ମୋଦୀଙ୍କ କହିବାନୁସାରେ ଏଥର ମଧ ବଙ୍ଗଳାରେ ପଦ୍ମ ଫୁଟିବ। ନିକଟ ଅତୀତରେ ବିହାରରେ ବିଜେପି ବିଜୟୀ ହୋଇଛି। ଓଡ଼ିଶାବାସୀ ମଧ ପଦ୍ମକୁ ବାଛିଛନ୍ତି। ତେବେ ବର୍ତ୍ତମାନ ବଙ୍ଗବାସୀଙ୍କ ପାଳି। ବର୍ତ୍ତମାନ ସୁଦ୍ଧା ପଶ୍ଚିମବଙ୍ଗରେ ଦେଖିବାକୁ ମିଳିଥିବା ରାଜନୈତିକ ପରିବେଶ ତାଙ୍କୁ ଏଥର ବିଜେପିର ବିଜୟ ସୁନିଶ୍ଚିତ ବୋଲି ଆଭାସ ଦେଉଛି ବୋଲି ମୋଦୀ କହିଛନ୍ତି।

ମୋଦୀ ନିଜ ପ୍ରତିଶ୍ରୁତିରେ ବଙ୍ଗଳାରେ ଶିଳ୍ପାୟନ ଏବଂ ଯୁବକମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ବିଜେପିର ପ୍ରାଥମିକତା ହେବ ବୋଲି କହିଛନ୍ତି। ସେହିପରି ମାତୁଆ ସମ୍ପ୍ରଦାୟର ଲୋକଙ୍କୁ ନାଗରିକତା ଏବଂ ଆବଶ୍ୟକୀୟ ଦଲିଲ ଯୋଗାଇ ଦେବା ପାଇଁ ସେ ପୁଣି ଥରେ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମଧ ଦଳର ଅନ୍ୟ ହେଭିୱେଟ୍ ନେତାମାନଙ୍କ ସହ ମୋଦୀ ମଧ ନିୟମିତ ଭାବେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ପ୍ରଚାର କରିଆସୁଥିଲେ। ଏହି ସମୟରେ ସେ ଏକାଧିକ ମନ୍ଦିର ଗସ୍ତ କରି ପୂଜାର୍ଚ୍ଚନା କରିବା, ରୋଡ୍ ସୋ କରିବା, ସାଧାରଣ ଜନତାଙ୍କ ପାଖକୁ ଯାଇ ଭେଟିବା ଆଦି ଜାରି ରଖିଥିଲେ। ଆଜି ଯେତେବେଳେ ପ୍ରଚାର ଅଭିଯାନ ଶେଷ ହୋଇଛି ସେ ନୂଆଦିଲ୍ଲୀ ଫେରିଯାଇଛନ୍ତି। ଦିଲ୍ଲୀ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ବଙ୍ଗଳାର ଜନସାଧାରଣଙ୍କୁ ଏକ ଖୋଲା ଚିଠି ଲେଖିଛନ୍ତି। ସେ ଲେଖିଛନ୍ତି ଯେ, ବଙ୍ଗଳାରେ ଶୋଭାଯାତ୍ରା ଏବଂ ରୋଡ୍-ସୋ ସମୟରେ ତାଙ୍କୁ ତୀର୍ଥଯାତ୍ରା ଭଳି ଅନୁଭବ ହେଉଥିଲା ଏବଂ ମା' କାଳୀଙ୍କ ଭକ୍ତଙ୍କ ଆଶୀର୍ବାଦରୁ ତାଙ୍କୁ ଶକ୍ତି ମିଳୁଥିଲା। ସେ ବଙ୍ଗଳାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଏହି 'ଖୋଲା ଚିଠି'ରେ ସେ ବଙ୍ଗଳାକୁ ରୂପାନ୍ତରିତ କରିବା ଏବଂ ବିକାଶର ନୂତନ ଶିଖରକୁ ନେଇଯିବା ପାଇଁ ନିଜର ସଂକଳ୍ପ ଦୋହରାଇଛନ୍ତି।

ଅନ୍ୟ ଏକ ରିପୋର୍ଟ ଅନୁସାରେ କୋଲକାତା ହାଇକୋର୍ଟ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ପ୍ରାର୍ଥିତ୍ୱ ରଦ୍ଦ କରିବାକୁ ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ଶୁଭେନ୍ଦୁ ଭବାନୀପୁରରେ ମମତାଙ୍କ ବିରୋଧରେ ନିର୍ବାଚନ ଲଢ଼ୁଛନ୍ତି। ଏହାରି ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ କହିଛନ୍ତି ଯେ ନିର୍ବାଚନ ପରେ ମଧ ଅତିକମ୍‌ରେ ୬୦ ଦିନ ପର୍ଯ୍ୟନ୍ତ କେନ୍ଦ୍ରୀୟ ବାହିନୀ ବଙ୍ଗଳାରେ ମୁତୟନ ରହିବେ, କାରଣ ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ଘଟିବା ଏବଂ ଏଥିରେ ଅନେକ ଲୋକଙ୍କ ପ୍ରାଣହାନୀ ହେବା ଘଟଣାର ବଡ଼ ଇତିହାସ ରହିଛି। ଆଜି ଦିନରେ ଟିଏମ୍‌ସି ପ୍ରାର୍ଥୀଙ୍କ ପାଇଁ ମଧ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଟିଏମ୍‌ସି ମହାସଚିବ ଅଭିଷେକ୍ ବାନାର୍ଜୀ ଭବାନୀପୁର ତଥା ଏକାଧିକ ଅଞ୍ଚଳରେ ରେ ରୋଡ୍-ସୋ କରି ନିଜର ନିର୍ବାଚନ ପ୍ରଚାର ଶେଷ କରିଛନ୍ତି।

## ବାବା ପିଙ୍ଗଳେଶ୍ୱର ମହାଦେବଙ୍କ ପୀଠରେ କ୍ଷୀରସାଗର ମେଳା

**ଅସ୍ତରଙ୍ଗ,୨୭।୪/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ସଡ଼ଂସ ଗ୍ରାମର ପୁରାତନ ଶୈବପୀଠ ବାବା ପିଙ୍ଗଳେଶ୍ୱର ମହାଦେବଙ୍କ ପୀଠରେ ସାଂସ୍କୃତିକ ଯୁବ ପରିଷଦ ଆନୁକୂଲ୍ୟରେ ଆଞ୍ଚଳିକ ଯାଦବ ସଂଘ ସହଯୋଗରେ ଏକାଦଶ ବାର୍ଷିକ ମହା କ୍ଷୀରସାଗର ମେଳା ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ମହାସମାରୋହରେ ପାଳିତ ହୋଇଯାଇଛି। ହଜାର ହଜାର ଲିଟର କ୍ଷୀର ବାବାଙ୍କ ଲିଙ୍ଗରେ ଶ୍ରଦ୍ଧାଳୁମାନେ ଢାଳିଥିଲେ।



ସମାରୋହରେ ଲଉଡ଼ି ଖେଳ, ଓଗାଳ ନାମ ସଂକୀର୍ତ୍ତନ ଭଜନ ପରିବେଷଣ ସହ ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ର ନାଉଗାଁ ତରଫରୁ ରାଧାକୃଷ୍ଣ ଲୀଳା ଓ ଅନ୍ନପୂର୍ଣ୍ଣା ମହାରଣାଙ୍କ ନୃତ୍ୟ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମକୁ ପ୍ରେମାନନ୍ଦ ବେହେରା, ସୁବାଶିଷ ବେହେରା, ହରେକୃଷ୍ଣ ଦାସ, ଧଡ଼ି ବେହେରା, ଧୁଶାସନ ବେହେରା ପରିଚାଳନା କରିଥିଲେ ଓ ସଡ଼ଂସ ଗ୍ରାମବାସୀ ସହଯୋଗ କରିଥିଲେ।

## ତହସିଲ୍ ପକ୍ଷରୁ ଜବରଦଖଲ ଉଚ୍ଛେଦ



**ବୟାଳିଶମୌଜା,୨୭।୪/ଏନ୍‌ଏନ୍‌ଏସ୍:** କଟକ ସଦର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ୪୨ମୌଜା ଅନ୍ତର୍ଗତ ଝାରକଟା ଗ୍ରାମ ପଞ୍ଚାୟତ ସ୍ଥିତ ଶିଶୁଆ ଅଞ୍ଚଳରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଜଣ ବ୍ୟକ୍ତିଙ୍କ ଘର ଉଚ୍ଛେଦ ପ୍ରକିୟା କାର୍ଯ୍ୟ ସରିଥିବା ବେଳେ ସେହିପରି ୪୨ମୌଜା ଅନ୍ତର୍ଗତ ଆଇତଳଙ୍ଗ ସ୍ଥିତ ବାଲି ଘାଟ ଗଡାକୁ ସମ୍ପୂର୍ଣ୍ଣ ଭାଙ୍ଗି କି ବନ୍ଦ କରିଦିଆଯାଇଛି ବୋଲି କଟକ ତହସିଲ ପକ୍ଷରୁ ଜଣାପଡ଼ିଛି। ଏଥିରେ କଟକ ଅତିରିକ୍ତ ତହସିଲଦାର ସୋମେନ ବିଶ୍ୱାଳ, ସ୍ଥାନୀୟ ଆରଆଇ ଓ ୪୨ମୌଜା ପୋଲିସ୍ ପ୍ରଶାସନଙ୍କ ସହଯୋଗରେ ଉଚ୍ଛେଦ ପ୍ରକିୟା ହୋଇଥିଲା।

## ବେଆଇନ କରତକଳ ଉପରେ ଚଢ଼ଉ

**ବୟାଳିଶମୌଜା,୨୭।୪/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜା ଥାନା ଅଧିନସ୍ଥ କଦମ୍ବପଡା ଅଞ୍ଚଳରେ ଦୀର୍ଘ ଦିନ ହେଲା ଚାଲିଥିବା ବେଆଇନ କରତକଳ ଉପରେ ଆଜି ସୋମବାର ଦିନ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ ହୋଇଥିବା ଜଣାପଡିଛି। ଚଢ଼ାଉରେ ଭିଜିଲାନ୍ସ ଟିମ୍ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ କାଠ ସବୁ ତିକ ଜବତକରି ନିଜ ହେପାଜତକୁ ନେଇଯାଇଥିଲେ ଜଣାଯାଇଛି। ସୂଚନାଯୋଗ୍ୟ ଯେ ଉକ୍ତ ବେଆଇନ କରତକଳ ଉପରେ ଅନେକ ଥର ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଥିବା ବେଳେ ତାହା କେବଳ ଲୋକଦେଖାଣିଆ ବୋଲି ଅଭିଯୋଗ ହେଉଛି।

## ୫୧୦ କୋଟିର ସମ୍ପତ୍ତି ...

ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ମଧ ପ୍ରଶାସନର କଠୋର ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ମଧ ହିଂସାମୁକ୍ତ ଏବଂ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ଅନେକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏଥିରେ ମୁଖ୍ୟ ଶାସନ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ (ଡିଜି) ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ସାରା ରାଜ୍ୟରେ ୨,୭୨୮ଟି ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍ ନିୟୋଜିତ କରାଯାଇଛି। ତୀକ୍ଷ୍ଣ ନଜର ରଖିବା ପାଇଁ ୩,୧୪୨ରୁ ଅଧିକ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଛି, ଯେଉଁମାନେ ରଣନୈତିକ ସ୍ଥାନଗୁଡ଼ିକରେ ହଠାତ୍ ଯାଞ୍ଚ କରୁଛନ୍ତି।

ପ୍ରକାଶ, ନିର୍ବାଚନ କମିଶନ କେବଳ ପଶ୍ଚିମବଙ୍ଗ ନୁହେଁ, ବରଂ ପଡ଼ୋଶୀ ରାଜ୍ୟର ଅଧିକାରୀମାନଙ୍କ ସହ ସମନ୍ୱୟ ରଖି ସୀମାନ୍ତ ଅଞ୍ଚଳରେ ଚୋରା ଚାଲାଣ ରୋକିବାରେ ସଫଳ ହୋଇଛନ୍ତି। ନିର୍ବାଚନରେ ଅର୍ଥବଳର ପ୍ରଭାବ ରୋକିବା ପାଇଁ କମିଶନଙ୍କ ଶୂନ୍ୟ ସହନଶୀଳତା ନୀତି।

## ଆଜିର ଇତିହାସ

- ୧୭୪୦-ମରାଠା ଶାସକ ପେଶୱା ବାଜିରାଓ ପ୍ରଥମଙ୍କ ନିଧନ।
- ୧୯୨୯-ଭାରତୀୟ ଫିଲ୍ମର ପ୍ରସିଦ୍ଧ ଡ୍ରେସ୍ ଡିଜାଇନର୍ ଭାନୁ ଅଥୈୟା ଜନ୍ମଗ୍ରହଣ କରିଥିଲେ।
- ୧୯୪୩-ନେତାଜୀ ଜର୍ମାନୀରୁ ଜାପାନ ଯାତ୍ରା ସମୟରେ ଏକ ପଣ୍ଡୁବୀରେ ସବାର ହୋଇଥିଲେ।
- ୧୯୫୫-ଭାରତୀୟ ଉଦ୍ୟୋଗପତି ଓ ଅଟୋମୋବାଇଲ୍ କ୍ଷେତ୍ରର ଅଗ୍ରଣୀ ଉଦ୍ୟମୀ ଟିଭି ସୁନ୍ଦରମ୍ ଅୟଙ୍ଗରଙ୍କ ନିଧନ ହୋଇଥିଲା।
- ୨୦୦୮-ଇସ୍ରୋ ପିଏସ୍ଏଲ୍ଭି-ସି୯ ସହିତ ୧୦ଟି ସାଟେଲାଇଟ୍ ଏକା ସହିତ ଛାଡ଼ି ନୂଆ ଇତିହାସ ରଚିଥିଲା।

## ଆଜିର ରାଶିଫଳ




ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ** – ସକାଳ ସମୟରେ କିଛି କାମ ଅଟକି ଯାଇପାରେ। ମନ ଅନିଶ୍ଚିତତା ଭିତରେ ରହିବ। ସଠିକ୍ ଦିଗରେ କାମ ଆଗକୁ ବଢ଼ିବ। ସକାରାତ୍ମକ ଚିନ୍ତାଧାରା ରଖିବା ଜରୁରୀ। ପୁରୁଣା ଅନୁଭବରୁ ଶିକ୍ଷା ନେବେ।

**ବୃଷ** – ଦିନଟି ସନ୍ତୁଳିତ ଓ ସ୍ଥିର ରହିବ। ପ୍ରତି କାମକୁ ଯୋଜନାବଦ୍ଧ ଭାବରେ କରିବେ। ଆର୍ଥିକ ମାମଲାରେ ସାବଧାନ ରହିବା ଜରୁରୀ। ପୁରୁଣା ପରିଚୟରୁ ଲାଭ ମିଳିବ। ବ୍ୟାପାରରୁ ଛୋଟ ଲାଭ ପାଇବେ।

**ମିଥୁନ** – ଦିନଟି ବ୍ୟସ୍ତଭରା ରହିବ। ଅନେକ ଦାୟିତ୍ୱ ଆସିପାରେ। ବୁଝାମଣାର ସହିତ ସ୍ଥିତିକୁ ସମ୍ଭାଳିନେବେ। ନୂଆ ତଥ୍ୟ ହାସଲ କରିବେ। ଭାଇ-ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା ଜରୁରୀ।

**କର୍କଟ** – ଭାବନାତ୍ମକ ଭାବରେ ଉତ୍ଥାନ-ପତନ ସମ୍ଭବ। ଛୋଟ ଛୋଟ କଥାର ପ୍ରଭାବ ପଡ଼ିବ। ଦିନର ଆରମ୍ଭ ଧିମା ହୋଇପାରେ। ସ୍ଥିତି ଆପଣଙ୍କ ସପକ୍ଷରେ ଯିବ। ମାନସିକ ଶାନ୍ତି ମିଳିବ।

**ସିଂହ** – ଦିନଟି ଜୋଶ୍ଭରା ରହିବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। କିଛି ବଡ଼ ଜିନିଷ ହାସଲ କରିପାରନ୍ତି। ବ୍ୟକ୍ତିତ୍ୱ ଦ୍ୱାରା ଲୋକମାନେ ପ୍ରଭାବିତ ହେବେ। ବ୍ୟାପାରରେ ନୂଆ ଡିଲ୍ର ସମ୍ଭାବନା ରହିଛି।

**କନ୍ୟା** – ଚିନ୍ତା ଓ ସୁଧାର ହେବାର ଦିନଟିଏ। ସଠିକ୍ ଭାବରେ କାମ କରିବାକୁ ଚେଷ୍ଟା କରିବେ। ଅଳ୍ପ ଚିଡ଼ଚିଡ଼ାପଣ ଅନୁଭବ କରିପାରନ୍ତି। ନିଜକୁ ଅଧିକ ଷ୍ଟ୍ରେସ୍ ନଦେଲେ ଭଲ। ନୂଆ ଉପାୟ ଆପଣାଇବେ।

**ତୁଳା** – ସନ୍ତୁଳନ ରକ୍ଷା କରିବାର ଦିନ। ଛୋଟ ଛୋଟ କାମ ଏକା ସହିତ ଆସିବ। ପୁରୁଣା ଅସମ୍ପୂର୍ଣ୍ଣ କାମ ପୂରା କରିବେ। ମନ ହାଲୁକା ରହିବ। ନୂଆ ଆଇଡିଆ ପାଇବେ। ନିଜ ଉପରେ ବୋଝ ଲଦନ୍ତୁ ନାହିଁ।

**ବିଛା** – ଦିନଟି ଉର୍ଜା ଓ ଗଭୀରତାର ସହିତ ଭରି ରହିବ। ଯାହା ସ୍ଥିର କରିବେ ତାହା ପୂରା କରିବେ। ପୁରୁଣା ମାମଲାରେ ସମାଧାନର ରାସ୍ତା ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ବ୍ୟାପାରରେ ନୂଆ ଡିଲ୍ ପାଇବେ।

**ଧନୁ** – ଶିକ୍ଷାଗ୍ରହଣ କରି ଆଗକୁ ବଢ଼ିବେ। ଯାତ୍ରା ଯୋଗ ହୋଇପାରେ। ଦିନଟି ଲାଭକାରୀ ସାବ୍ୟସ୍ତ ହେବ। ବ୍ୟାପାରର ବିସ୍ତାର ହେବ। ବିଦେଶ ସହିତ ଜଡ଼ିତ ଯୋଜନା କରିପାରନ୍ତି।

**ମକର** – ପରିଶ୍ରମ ଓ ଦାୟିତ୍ୱ ବଢ଼ିବ। ଧୀରେ ଧୀରେ ସବୁକିଛି ନିୟନ୍ତ୍ରଣକୁ ଆସିବ। ଧୈର୍ଯ୍ୟ ଓ ଅନୁଶାସନ ବଜାୟ ରଖିବା ଜରୁରୀ। କ୍ୟାରିୟର୍ରେ ଆଗକୁ ବଢ଼ିପାରନ୍ତି। ଆଳସ୍ୟ ପରିହାର କରନ୍ତୁ।

**କୁମ୍ଭ** – ନୂଆ ବିଚାର ଓ ସୃଜନଶୀଳତା ଦ୍ୱାରା ଦିନଟି ଭରି ରହିବ। ଦ୍ରୁତ ଗତିରେ କାମ କରିବେ ଓ ସମସ୍ୟାର ସମାଧାନ ବାହାର କରିବେ। ସତର୍କ ରହିବେ। ମୁଦ୍ରା ଉପରେ ଚର୍ଚ୍ଚା କରିପାରନ୍ତି। ବ୍ୟାପାରରେ ନୂଆ ଆଇଡିଆ ପାଇବେ।

**ମୀନ** – ଭାବନାତ୍ମକ କିନ୍ତୁ ବୁଝାମଣାରେ ଦିନଟି ଭରି ରହିବ। ମନ ଶାନ୍ତ ରହିବ ଓ ଚିନ୍ତା କରିବାର ଦିନଟିଏ। ଆତ୍ମଚିନ୍ତନର କରିବେ। ମାନସିକ ଶାନ୍ତିର ଅନୁଭବ ପାଇବେ। ମାନସିକ ଶାନ୍ତି ବଜାୟ ରଖିବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଯାତଯାମଂ ଗତରସଂ ପୂତି ପର୍ଯ୍ୟୁଷିତଂ ଚ ଯତ୍।**
**ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟମ୍। (୧୭/୧୦)**

ବହୁ ସମୟ ପୂର୍ବରୁ ଯାହା ରନ୍ଧା ହେଇ ଥଣ୍ଡା ହୋଇଯାଇଥାଏ, ଯେଉଁସବୁ ଖାଦ୍ୟରୁ ରସ ଶୁଖି ଯାଇଥାଏ, ଦୁର୍ଗନ୍ଧ ଓ ବାସି ଜିନିଷ ତାମସିକ ଲୋକଙ୍କର ପ୍ରିୟ ଖାଦ୍ୟ। ଅର୍ଥାତ ଯେଉଁ ଖାଦ୍ୟ ରନ୍ଧା ହେବା ପରେ ଏକ ପ୍ରହର ବିତି ଯାଇଥାଏ ସେ ସବୁକୁ ଯାତାଯାମ ଖାଦ୍ୟ କୁହାଯାଏ। ଯେଉଁ ଖାଦ୍ୟରୁ ରସ ଶୁଖି ଯାଇଥାଏ ସେ ସବୁକୁ ଗତରସ କୁହାଯାଏ ଯେପରି ଶୁଖୁଆ ଇତ୍ୟାଦି। ଧର୍ମମୟ ଜୀବନ ଯାପନ କରିବାକୁ ହେଲେ ଆହାର ବିଷୟରେ ସଂଯତ ଅବଲମ୍ବନ କରିବାକୁ ହେବ। ପଚା ମାଛ, ପଖାଳ, ଶୁଖୁଆ ଖାଇବାକୁ ପସନ୍ଦ କରନ୍ତି, ସେମାନେ ତାମସିକ ପ୍ରକୃତିର ଲୋକ ବୋଲି ପରିଚିତ ହୁଅନ୍ତି।

## ଶତାବ୍ଦୀର ସୂର୍ଯ୍ୟ: ମଧୁବାବୁ

ଜନ୍ମ-୨୮ ଏପ୍ରିଲ୍, ୧୮୪୮, ସତ୍ୟଭାମାପୁର
ମୃତ୍ୟୁ-୪ ଫେବୃଆରୀ, ୧୯୩୪, କଟକ



ସ୍ୱାଭିମାନ ହିଁ ଜାତିର ଅଭିମାନ। ଏହି ଓଡ଼ିଆ ଜାତିର ଅଭିମାନକୁ ମହିମାମଣ୍ଡିତ କରି ଟେକି ଧରିବା ପାଇଁ ମଧୁବାବୁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଦୀର୍ଘ ଦିନର ପରାଧୀନତା କବଳରେ ପଡ଼ି ନିଜର ପରିଚୟ ହଜେଇ ଦେଇଥିଲା ଗୋଟିଏ ଇତିହାସ-ପ୍ରସିଦ୍ଧ ଜାତି। ସେ ହଜେଇ ଦେଇଥିଲା ତା'ର ଅସ୍ମିତା। ଅଭିମାନ ହୁଏତ ଥିଲା କିନ୍ତୁ ନଥିଲା ସ୍ୱାଭିମାନ। ତେବେ ଓଡ଼ିଶା, ଓଡ଼ିଆ ଓ ଓଡ଼ିଆ-ଭାଷାର ସ୍ୱାଭିମାନକୁ ଫେରାଇ ଆଣିବା ପାଇଁ ଯଦି କିଏ ଲଢ଼ିଥିଲେ ସେ ହେଉଛନ୍ତି କୁଳବୃଦ୍ଧ ମଧୁସୂଦନ ଦାସ। ସେ ଥିଲେ 'ଶତାବ୍ଦୀର ସୂର୍ଯ୍ୟ'। ଓଡ଼ିଶା ଇତିହାସର, ଓଡ଼ିଆ ସ୍ୱାଭିମାନର ସେ ଥିଲେ ଅଗ୍ରଗଣ୍ୟ ମୁକୁଟ-ମଣିଷ ତଥା ଗୌରବଶ୍ରେଷ୍ଠ ବ୍ୟକ୍ତିତ୍ୱ। ମଧୁବାବୁଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ଗ୍ରାମ ଚାଟଶାଳୀରୁ। ହାଇସ୍କୁଲ୍ ଶିକ୍ଷା ଶେଷ କରିବା ପରେ ବାଲେଶ୍ୱରରେ କିରାଣି ଭାବରେ ନିଜର ଚାକିରି ଜୀବନ ସେ ଆରମ୍ଭ କରିଥିଲେ। ସେଠାରେ କିଛି ଅର୍ଥ ସଞ୍ଚୟ କରିବା ପରେ ସେ କଲିକତାକୁ ଗଲେ। ଯେଉଁଠାରେ ଚାକିରି କରୁଥିଲେ ସେଠାରେ ଅନେକ ଓଡ଼ିଆ ଲୋକ ଥିଲେ କିନ୍ତୁ ସେମାନେ ଶିକ୍ଷିତ ନଥିଲେ। ସେମାନଙ୍କର ଶିକ୍ଷାଗତ ଉନ୍ନତି ପାଇଁ ମଧୁବାବୁ ସେଠାରେ ପ୍ରତିଷ୍ଠା କରିଥିଲେ ନୈଶ୍ୟ ବିଦ୍ୟାଳୟ। ସେ ମଧ କଲିକତା ବିଶ୍ୱବିଦ୍ୟାଳୟରୁ ବିଏଲ୍ ପାସ୍ କରିଥିଲେ। ତାଙ୍କର ଓକିଲାତି ଜୀବନ ଆରମ୍ଭ ହୋଇଥିଲା ଅଲିପୁର କୋର୍ଟରୁ। ଏହାପରେ ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି ଆରମ୍ଭ କଲେ। ଏଠାରେ ମଧ ଅନେକ ପରିହାସର ସମ୍ମୁଖୀନ ସେ ହେଲେ। କିନ୍ତୁ ଖଣ୍ଡପଡ଼ା ରାଜାଙ୍କ ମକଦ୍ଦମା, କେନ୍ଦୁଝର ରାଜାଙ୍କ ମକଦ୍ଦମା, ଶ୍ରୀମନ୍ଦିର ପରିଚାଳନା ବିବାଦ ଭଳି କେତେକ ଜଟିଳ ମକଦ୍ଦମାରେ ବିଜୟୀ ହୋଇ ସେ ଦେଇଥିଲେ ନିଜ ଦକ୍ଷତାର ପରିଚୟ। ଓଡ଼ିଶାରେ ଶିଳ୍ପର ବିକାଶ, କଟକର ତାରକସି କାମ, ଉତ୍କଳ ଟ୍ୟାନେରୀ ନାମକ ଜୋତା କାରଖାନା ଥିଲା ତାଙ୍କର ଅବଦାନ। ଜଣେ ସୁଲେଖକ ଓ କବି ଭାବରେ ତାଙ୍କର ପରିଚୟ ରହିଛି। ଓଡ଼ିଆ, ଇଂରାଜୀ ଓ ବଙ୍ଗଳା ଭାଷାର ସେ ଥିଲେ ଜଣେ ସୁବକ୍ତା। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ଅନେକ ଚେଷ୍ଟା କରିବା ପରେ ଭାଷା ଭିତ୍ତିରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ପ୍ରତିଷ୍ଠା ହୋଇଥିଲା। ବାସ୍ତବରେ ମଧୁବାବୁ ଥିଲେ ସ୍ୱାଭିମାନର ପ୍ରତୀକ।

## ଉତ୍କଳ ଗୌରବ




ଚିତ୍ତରଞ୍ଜନ ମହାନ୍ତି
ତଗିରା, ରାଣୀତାଲ୍, ଭଦ୍ରକ
ମୋ-୯୪୩୮୬୭୦୧୫୦


କେତେ ପୁଅ ଜନ୍ମିଛନ୍ତି
ଉତ୍କଳ ଭୂମେ
ସୁନାପୁଅ ତୁମ ପରି
ନଥିଲେ ତ ଜଣେ।
ତୁଳସୀ ଦୁଇ ପତ୍ରେ ବାସେ
ପ୍ରତିଭା କେତେ!
ପିଲାବେଳେ
ଲୋକ ମୁଖୁ ସତ୍ୟ ଝରେ
ଉତ୍କଳ ଗୌରବ ସମ୍ମାନେ।
ଉତ୍କଳ ଭୂଇଁରେ ଜନମ
ଓଡ଼ିଆଙ୍କ ପ୍ରାତଃ ସ୍ମରଣ
ଓଡ଼ିଆ ଜାତିର ଗରବ
ପୂରିଉଠେ ମାଆ କୋଳ।
ଦେଶ ଜାଣେ ତୁମ ମେଧା
ବିତରି ଓଡିଆପ୍ରୀତି ସୁଧା
ଓଡ଼ିଶା ଓ ଓଡ଼ିଆ ଭାଷା
ଥିଲା ଜୀବନେ ସଦା ଚିନ୍ତା।
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ
ତୁମ ନେତୃତ୍ୱରେ ସମ୍ଭବ
ସୁଦିନ ଦେଖିବାକୁ ନଥିଲ
ପାଇଲୁ ସ୍ୱତନ୍ତ୍ର ପ୍ରଦେଶ।
ତବ ଶୁଭ ଜନ୍ମଦିନେ
ଭାରି ମନେପଡ଼ ମନେ
ରଖିଗଲ ଯଶ, କୀର୍ତ୍ତି
ଜନନୀ ଜନ୍ମଭୂମି ପାଇଁ।

## ଜାତୀୟ କବି ବୀରକିଶୋର



ବିଶ୍ୱର ପ୍ରମୁଖ ମୁକ୍ତି ସଂଗ୍ରାମରେ କବି, ଲେଖକ, ସାରସ୍ୱତ ସ୍ରଷ୍ଟାମାନଙ୍କ ଅତୁଳନୀୟ ଯୋଗଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେହିପରି ଓଡ଼ିଶାରେ ହୋଇଥିବା ଜାତୀୟ ଆନ୍ଦୋଳନରେ ଜାତୀୟ କବି ଓ ସଂଗ୍ରାମୀ ବୀରକିଶୋର ଦାସଙ୍କ ବୀରତ୍ୱପୂର୍ଣ୍ଣ ଯୋଗଦାନ ଓ ଅବଦାନକୁ ଲୋକମାନେ ବି ଭୁଲିପାରି ନାହାନ୍ତି। ତାଙ୍କ ଦ୍ୱାରା ରଚିତ ବୀରୋଚିତ କବିତାର ପ୍ରାଣସ୍ପର୍ଶୀ ଆବେଦନ ବିପ୍ଳବୀମାନଙ୍କ ମନରେ ସେ ସମୟରେ ପ୍ରଜ୍ୱଳିତ କରିଥିଲା ବିପ୍ଳବର ବହ୍ନି। ୨୩ ନଭେମ୍ବର, ୧୮୯୮ରେ ଜଗତସିଂହପୁର ଜିଲ୍ଲାର ପୁନଙ୍ଗ ଗ୍ରାମରେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ କବି ବୀରକିଶୋର। ଗ୍ରାମ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ସମାପ୍ତ ହେବା ପରେ କଟକ ସ୍ଥିତ ଭିକ୍ଟୋରିଆ ଉଚ୍ଚ ବିଦ୍ୟାଳୟରେ ସେ ଅଧ୍ୟୟନ କରି ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ କିନ୍ତୁ ଏଫ୍ଏ ଶିକ୍ଷା ଅସମ୍ପୂର୍ଣ୍ଣ ରହିଯାଇଥିଲା। ବିବାହ କରିବା ପରେ ଲବଣ ସତ୍ୟାଗ୍ରହରେ ସେ ଯୋଗ ଦେଇଥିଲେ। ସଂଗ୍ରାମୀ ଜୀବନରେ ସାତ ଥର ଜେଲ୍ଦଣ୍ଡ ପାଇଥିବା ଏହି କବିଙ୍କର ଅନେକ ପାଣ୍ଡୁଲିପିକୁ ପୁଲିସ୍ ନଷ୍ଟ କରି ଦେଇଥିଲା। ସ୍ୱାଧୀନତା ପରେ ସେ କଟକ ସଦର ଲୋକାଲ୍ ବୋର୍ଡ ଚେୟାର୍ମ୍ୟାନ୍ ପଦ ସମ୍ଭାଳି ଥିଲେ। ଦ୍ୱିତୀୟ ବିଧାନସଭା ନିର୍ବାଚନରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରୁ ବିଜୟୀ ହେବା ପରେ ତାଙ୍କର ରାଜନୈତିକ କ୍ୟାରିୟର୍ ଆରମ୍ଭ ହୋଇଥିଲା। ବାପୁଜୀଙ୍କ ବାଣୀକୁ ନେଇ ୧୯୨୨ରେ ସେ ରଚନା କରିଥିଲେ ପୁସ୍ତକ 'ମୋହନବଂଶୀ'। ୧୯୪୬ରେ ପ୍ରକାଶିତ ହୋଇଥିବା ପାଠ୍ୟ ପୁସ୍ତକ ମୋ ଛବି ବହି, ନୂଆ ଛବି ବହି, ଶିଶୁଲେଖା ପତ୍ରିକା ଓ ମାସିକ ଶିଶୁ ସାହିତ୍ୟ ପତ୍ରିକା 'ମୋ ଦେଶ' ତାଙ୍କ ସାଧନାର ଫଳ। ୧୯୭୩ ମସିହା ଆଜିର ଦିନରେ ସ୍ୱରାଜ ଆଶ୍ରମ, କଟକରେ ଏହି କବି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

## ଶିକ୍ଷାର କେନ୍ଦ୍ର:ପ୍ରୟାଗରାଜ



ସମୟ ସହିତ ଶିକ୍ଷା କ୍ଷେତ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଏବେ ଫିଜିକାଲ୍ ପୁସ୍ତକର ସ୍ଥାନ ନେଉଛି ଡିଜିଟାଲ୍ ଲାଇବ୍ରେରୀ। ଯୁବପିଢ଼ିଙ୍କ ମଧ୍ୟରେ ଅନ୍‌ଲାଇନ୍ ରିଡିଂର କ୍ରେଜ୍ ବୃଦ୍ଧି ପାଉଛି। ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍‌ର ସୁଲଭତା ଘଣ୍ଟା ଘଣ୍ଟା ଧରି ଲାଇବ୍ରେରୀରେ ବସି ପଢ଼ିବାର ପାରମ୍ପରିକ ଅଭ୍ୟାସକୁ ବଦଳେଇ ଦେଇଛି। ତେବେ ସଙ୍ଗମନଗରୀ ପ୍ରୟାଗରାଜ ଅତୀତରୁ ଶିକ୍ଷାର କେନ୍ଦ୍ର ହୋଇ ରହିଛି। ଆଖପାଖର ଜିଲ୍ଲାଗୁଡ଼ିକର ଅଧିକ ସଂଖ୍ୟାର ଛାତ୍ରଛାତ୍ରୀମାନେ ସେଠାକୁ ଯାଆନ୍ତି ଶିକ୍ଷାଗ୍ରହଣ କରିବା ପାଇଁ। ସେଠାରେ ଗଳି ଗଳିରେ ଦେଖିବାକୁ ମିଳିଯାଏ କୋଚିଂ ସେଣ୍ଟର। ଏଗୁଡ଼ିକ ବର୍ଷ ବର୍ଷ ଧରି ସଙ୍ଗମନଗରୀର ଶୋଭା ବୃଦ୍ଧି କରୁଛନ୍ତି। ଶିକ୍ଷା ପ୍ରଦାନ ସଂସ୍ଥା ମଧ୍ୟରୁ ଅନ୍ୟତମ ପ୍ରୟାଗରାଜର ରାଜକୀୟ ପବ୍ଲିକ୍ ଲାଇବ୍ରେରୀ ଯେଉଁଟି ୧୬୨ ବର୍ଷ ହେଲାଣି ସଙ୍ଗମନଗରୀକୁ କରିଛି ଗୌରବାନ୍ୱିତ। ୧୮୬୪ରେ ସ୍ଥାପିତ ହୋଇଥିବା ଏହି ଲାଇବ୍ରେରୀଟି ଉତ୍ତରପ୍ରଦେଶର ସବୁଠାରୁ ପୁରୁଣା ଲାଇବ୍ରେରୀ ମଧ୍ୟରୁ ଅନ୍ୟତମ। ଏହାର ଡିଜାଇନ୍ କରିଥିଲେ ରିଜର୍ଟ ରାସ୍କିଲ୍ ବାଏନ୍। ଏହି ଡିଜାଇନ୍ ସ୍କଟିସ୍ ବାରୋନିୟଲ୍ ରିଭାଇଭାଲ୍ ସ୍ଥାପତ୍ୟ ଶୈଳୀ ଉପରେ ଆଧାରିତ। ଏହି ଲାଇବ୍ରେରୀରେ ରହିଛି ଅଦ୍ଭୁତ ପୁସ୍ତକଗୁଡ଼ିକର ସଂଗ୍ରହ ଯେଉଁଠାରେ ବିଦ୍ୱାନ ଲେଖକମାନଙ୍କର ପୁସ୍ତକ ମିଳିଯିବ। ବୋଧହୁଏ ଏପରି ଦୁର୍ଲଭ ପୁସ୍ତକ ଦେଶର ଆଉ କୌଣସି ଲାଇବ୍ରେରୀରେ ନାହିଁ। ପୁସ୍ତକଗୁଡ଼ିକୁ ନେଇ ପାଣ୍ଡୁଲିପିଗୁଡ଼ିକର ଅଦ୍ଭୁତ ସଂଗ୍ରହ ମଧ ରହିଛି। ଶିକ୍ଷାର ସହର କୁହାଯାଉଥିବା ପ୍ରୟାଗରାଜର ଏହି ଲାଇବ୍ରେରୀରେ ପୁସ୍ତକପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିଯାଏ। ହିନ୍ଦୀ, ଇଂରାଜୀ, ଉର୍ଦ୍ଦୁ, ସଂସ୍କୃତ, ଆରବୀ, ଫାର୍ସୀ, ବେଙ୍ଗଲୀ, ଫ୍ରେଞ୍ଚ ଓ ଅନ୍ୟ ଭାଷାଗୁଡ଼ିକ ଜାଣିଥିବା ପାଠକମାନଙ୍କ ପାଇଁ ରହିଛି ପ୍ରସିଦ୍ଧ ପୁସ୍ତକ। ସେଠାରେ ୧.୨୫୬ ଲକ୍ଷରୁ ଅଧିକ ପୁସ୍ତକ ରହିଛି। ୪୦ରୁ ଅଧିକ ପ୍ରକାରର ମ୍ୟାଗାଜିନ୍, ୨୮ଟି ଅଲଗା ଅଲଗା ଖବରକାଗଜ ଓ ୨୧ଟି ଆରବୀ ପାଣ୍ଡୁଲିପି ସେଠାରେ ରହିଛି।

## ନୂଆ ଭାଇରାଲ୍ କ୍ୱିନ୍: ଭୂମିକା



ଫ୍ୟାସନ୍ ଦୁନିଆରେ ପ୍ରାୟତଃ ଗୋରାପଣକୁ ହିଁ ସୁନ୍ଦରତା ବୋଲି କୁହାଯାଏ। କିନ୍ତୁ ରାୟପୁରର ଜଣେ ୧୯ ବର୍ଷୀୟା ଝିଅ ଏହି ପୁରୁଣା ଚିନ୍ତାଧାରାକୁ ବଦଳେଇବାରେ ସଫଳ ହୋଇଛନ୍ତି। ନାମ –ଭୂମିକା ଯାଦବ ଯିଏ ରାତାରାତି ସୋସିଆଲ୍ ମିଡିଆର ଭାଇରାଲ୍ କ୍ୱିନ୍ ଭାବରେ ପରିଚୟ ପାଇଛନ୍ତି। କେବଳ ଶ୍ୟାମଳ ରଙ୍ଗ ତାଙ୍କର ପରିଚୟ ନୁହେଁ ତାଙ୍କର ଅସୀମ ଆତ୍ମବିଶ୍ୱାସ ଓ ଅସାଧାରଣ ପ୍ରତିଭା ହିଁ ତାଙ୍କୁ ଆଜି ବଡ଼ ବଡ଼ ଫ୍ୟାସନ୍ ମଞ୍ଚରେ ଆଣି ଛିଡ଼ା କରେଇ ଦେଇଛି। ଗତ ବର୍ଷ ଫ୍ୟାସନ୍ ପ୍ୟାରିସ୍ ୱିକ୍‌ରେ ଦାମୀ ଫ୍ୟାସନ୍ ବ୍ରାଣ୍ଡ ଶନେଲ୍ ଜରିଆରେ ସେ ତାଙ୍କର ର୍ୟାମ୍ପ୍ ଡେବ୍ୟୁ କରି ଇତିହାସ ରଚିଥିଲେ। ଏହା ଥିଲା ଏକ ଐତିହାସିକ ମୁହୂର୍ତ୍ତ କାରଣ ଶନେଲ୍‌ର ସେ ଥିଲେ ସବୁଠାରୁ କମ୍ ବୟସର ଜଣେ ଭାରତୀୟ ମ୍ୟୁଜ୍। ରାୟପୁର ପରି ଏକ ଛୋଟ ସହରରୁ ବାହାରି ପ୍ୟାରିସ୍‌ର ର୍ୟାମ୍ପ୍ ପର୍ଯ୍ୟନ୍ତ ପହଞ୍ଚିବାର ଯାତ୍ରା ନା କେବଳ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇଗଲା ତାହା ନୁହେଁ, ବର୍ତ୍ତମାନର ମାନଦଣ୍ଡଗୁଡ଼ିକ ପାଇଁ ମଧ ଏକ ବଡ଼ ଆହ୍ୱାନ ହୋଇଯାଇଥିଲା। ଏହାପରେ ତାଙ୍କ ସମ୍ପର୍କରେ କିଛି ସମାଚାର ପତ୍ର ଲେଖିଥିଲେ- 'ଆପଣଙ୍କ ସ୍କିନ୍‌ର ରଙ୍ଗ ଆପଣଙ୍କୁ ପରିଭାଷିତ କରୁନାହିଁ, ଆପଣଙ୍କ ପ୍ରତିଭା ହିଁ ଆପଣଙ୍କୁ ପରିଭାଷିତ କରୁଛି।' ଫ୍ୟାସନ୍ ବିଶେଷଜ୍ଞମାନେ ମଧ ମତ ଦେଉଛନ୍ତି ଯେ ଭୂମିକାଙ୍କ ମଜଭୁତ ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱ ପାଇଁ ଶନେଲ୍ ତାଙ୍କୁ ଚୟନ କରିଥିଲା। ର୍ୟାମ୍ପ୍ ଉପରେ ଭୂମିକା ଯେତେବେଳେ ଚାଲିଲେ ତାଙ୍କର ନାଚୁରାଲ୍ ଲୁକ୍ ସମସ୍ତଙ୍କ ହୃଦୟକୁ ଜିତି ପାରିଥିଲା। ତାଙ୍କର ଫଟୋ ଓ ଭିଡିଓ ଭାଇରାଲ୍ ହୋଇଥିଲା। ଲୋକମାନେ ତାଙ୍କର ସୌନ୍ଦର୍ଯ୍ୟ ସହିତ ତାଙ୍କର ଆତ୍ମବିଶ୍ୱାସର ପ୍ରଶଂସା ମଧ କରିଥିଲେ। ସୋସିଆଲ୍ ମିଡିଆରେ ତାଙ୍କର ଶ୍ୟାମଳ ରଙ୍ଗକୁ ନେଇ ତାଙ୍କୁ 'କଳା ପରୀ' ଓ 'ଅନୋଖା ସୁନ୍ଦରୀ' ପରି ବିଶେଷଣଗୁଡ଼ିକ ଦ୍ୱାରା ବର୍ଣ୍ଣନା କରାଯାଇଥିଲା। ତେବେ ତାଙ୍କର ସାଦାପଣରେ ଲୁଚି ରହିଥିବା ଗ୍ଲାମର୍ ହିଁ ତାଙ୍କୁ ଅସଲ ପରିଚୟ ଦେଇଛି। ଏହା ମଧ ସତ ଯେ ମଡେଲିଂ ଦୁନିଆକୁ ଭୂମିକା କ୍ୟାରିୟର୍ ଭାବରେ ଗ୍ରହଣ କରିନଥିଲେ। ଆଜି ଭୂମିକା ବଡ଼ ବଡ଼ ଫ୍ୟାସନ୍ ଡିଜାଇନର୍ ଓ ମଡେଲ୍‌ମାନଙ୍କ ସହିତ କାନ୍ଧକୁ କାନ୍ଧ ମିଶାଇ ଚାଲୁଛନ୍ତି। ଭୂମିକା ଆଜି ସେହି ଝିଅମାନଙ୍କ ପାଇଁ ପ୍ରେରଣା ଯେଉଁମାନେ ନିଜର ସ୍କିନ୍ କଲର୍ ଓ ସାମାଜିକ ମାନ୍ୟତା କାରଣରୁ ସଂକୋଚ କରୁଛନ୍ତି। ଭୂମିକା ଆଜି ପ୍ରମାଣିତ କରିଛନ୍ତି ଯେ ପ୍ରତିଭା ଓ ପରିଶ୍ରମ ସମ୍ମୁଖରେ ସବୁ ପ୍ରକାରର ବାଧା ବନ୍ଧନ ଛୋଟ ହୋଇଯାଏ।

## ନିର୍ଦ୍ଦେଶକ ଦେଲେ ଖୁସି ଖବର





ବର୍ତ୍ତମାନ ବଲିଉଡ୍‌ରେ ସିକ୍ୱେଲ ଫିଲ୍ମଗୁଡ଼ିକର ସମୟ ଚାଲିଛି। ଫିଲ୍ମ 'ଧୁରନ୍ଧର'ର ସିକ୍ୱେଲ୍‌ର ନିର୍ମାଣ ହେବା ପରେ ସଞ୍ଜୟ ଦତ୍ତଙ୍କ ୨୭ ବର୍ଷର ପୁରୁଣା ଫିଲ୍ମ 'ଖଳନାୟକ'ର ସିକ୍ୱେଲ୍ ବିଷୟରେ ଘୋଷଣା କରାଯାଇଛି। ଏହା ମଧ୍ୟରେ ନିର୍ଦ୍ଦେଶକ ସୁଭାଷ ଘାଇ ତାଙ୍କର ୨୭ ବର୍ଷର ପୁରୁଣା ସୁପରହିଟ୍ ଫିଲ୍ମର ସିକ୍ୱେଲର ନିର୍ମାଣକୁ ମଧ କନ୍‌ଫର୍ମ କରିଛନ୍ତି। ଫିଲ୍ମ 'ତାଲ୍-୨'କୁ ନେଇ ଏକ ପ୍ରଶ୍ନର ଉତ୍ତର ଦେଇ ସୁଭାଷ ଘାଇ କହିଛନ୍ତି ଯେ 'ତାଲ୍-୨'ର ସ୍କ୍ରିପ୍ଟ ଶେଷ ହୋଇଗଲାଣି। ତେବେ ସେ ଖୁସି ବ୍ୟକ୍ତ କରିଛନ୍ତି ଯେ ବିଗତ ୧୫ ବର୍ଷ ହେଲାଣି ଦର୍ଶକମାନେ 'ତାଲ୍-୨' କେବେ ନିର୍ମାଣ କରିବେ ବୋଲି ପ୍ରଶ୍ନ ପଚାରୁଛନ୍ତି। ସେ ସମୟର 'ତାଲ୍-୨'ରେ କେତେ ଏନର୍ଜି ଥିଲା ଓ ତାହା କେତେ ଶକ୍ତିଶାଳୀ ଥିଲା ଯେ ଆଜିର ଜେନ୍-ଜି ଏହି ଫିଲ୍ମର ସିକ୍ୱେଲ୍‌କୁ ନେଇ ପ୍ରଶ୍ନ ପଚାରୁଛି ତାହା ଆଶ୍ଚର୍ଯ୍ୟ କରିଛି ତାଙ୍କୁ। ସୁଭାଷଙ୍କ ଅନୁସାରେ 'ତାଲ୍' ଫିଲ୍ମର ବିଷୟ ଯେତେ ସହଜ ମନେହୁଏ ବାସ୍ତବରେ ତାହା ସେତେ କଠିନ ଥିଲା। ଆଜି 'ତାଲ୍-୨'କୁ ନେଇ ପ୍ରସ୍ତୁତି ଚାଲିଛି। ସ୍କ୍ରିପ୍ଟ ପାଖାପାଖି ଶେଷ ହୋଇଗଲାଣି। ତେଣୁ ବୋଧହୁଏ ଫିଲ୍ମର ନିର୍ମାଣ କରିବାର ଏହା ହେଉଛି ସଠିକ୍ ସମୟ। ଏହା ଏପରି ଏକ କଷ୍ଟକର ଫିଲ୍ମ ଯାହାର ନିର୍ମାଣ କରିବାକୁ ସେ ସାହସ ଜୁଟେଇଥିଲେ ବିନା କୌଣସି ଖଳନାୟକରେ, ବିନା କୌଣସି ଇଣ୍ଟିମେଟ୍ ଦୃଶ୍ୟରେ, ବିନା କୌଣସି ହିଂସକ ଘଟଣାରେ। କିନ୍ତୁ ଆଜିର ଜେନ୍ ଜି ଓ ଆଲ୍ଫା ପିଢ଼ିକୁ ଏହି ଫିଲ୍ମର କାହାଣୀ ପସନ୍ଦ ଆସିଛି। ୧୯୯୯ରେ ଫିଲ୍ମ 'ତାଲ୍'ର ନିର୍ମାଣ କରାଯାଇଥିଲା। ଏହି ସୁପରହିଟ୍ ମ୍ୟୁଜିକାଲ୍ ଡ୍ରାମାଟି ଚମ୍ବାର ପୃଷ୍ଠଭୂମି ଉପରେ ଆଧାରିତ। ଐଶ୍ୱର୍ଯ୍ୟା ରାୟ, ଅକ୍ଷୟ ଖାନ୍ନା ଓ ଅନିଲ୍ କପୁର ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏଆର୍ ରହମାନ୍‌ଙ୍କ ସଙ୍ଗୀତ ଫିଲ୍ମଟିକୁ ଆଜି ବି ଦର୍ଶକ ମହଲରେ ଜୀବିତ କରି ରଖିଛି।

## ଦୁନିଆର ଜୀବନ୍ତ ସହର

ପୃଥିବୀରେ ହିମଯୁଗ ସମାପ୍ତ ହେଉଥିବା ବେଳେ ମଣିଷ ନିଜର ସ୍ଥାୟିତ୍ୱର ଅନ୍ୱେଷଣରେ ଥିଲା। ସେ ସମୟରେ ଏକ ସ୍ଥାନରେ କେହି ଜଣେ ମାଟି ଖୋଳି ପଥର ପକାଇ ସ୍ଥାୟୀ ଘରର ମୂଳଦୁଆ ପକାଇଥିଲା। ଏହି ଘଟଣା ଘଟିଥିଲା ୧୧,୦୦୦ ବର୍ଷ ପୂର୍ବରୁ। ସେବେଠାରୁ ଆଜି ପର୍ଯ୍ୟନ୍ତ ସେ ସ୍ଥାନରେ କେବେ ମଧ ଚୁଲି ଜଳିବା ବନ୍ଦ ହୋଇ ନାହିଁ। ଏହି ସହର ହେଉଛି ଆଜିର ପାଲେଷ୍ଟାଇନ୍‌ର ୱେଷ୍ଟ ବ୍ୟାଙ୍କରେ ଅବସ୍ଥିତ ଜେରିକୋ ସହର। ସମୁଦ୍ରପତ୍ତନ ଠାରୁ ୮୫୦ ଫୁଟ୍ ତଳେ ଏହି ସହର ଅବସ୍ଥିତ ଯାହାକୁ ଦୁନିଆର ସବୁଠାରୁ ଭୂତଳ ସହର ବୋଲି କୁହାଯାଏ। ଏହାର ଚତୁଃପାର୍ଶ୍ୱରେ ରହିଛି ମରୁଭୂମି। ସେଠାରେ ଏତେ ଗରମ ହୁଏ ଯେ ପଥର ମଧ ତରଳିଯିବ। କିନ୍ତୁ ପ୍ରକୃତିର କରିସ୍ମା ଭାବରେ ସେହି ସହରରେ ରହିଛି ଏକ ଝରଣା ଯାହାର ନାମ ରଖାଯାଇଛି ଏନ୍ଏସ୍ ସୁଲତାନ୍। ଏହି କାରଣରୁ ମରୁଭୂମି ମଧ୍ୟରେ ଏହା ଏକ ସବୁଜିମାମୟ ଦ୍ୱୀପ ପରି ମନେହୁଏ। ତେବେ ଯେଉଁଠାରେ ପାଣି ଥାଏ ସେଠାରେ ମଣିଷ ବସବାସ କରେ ବୋଲି ଇତିହାସରୁ ଜଣାପଡ଼େ। ଏହି ଝରଣା ପାଇଁ ସେଠାରେ ମଣିଷ ସଭ୍ୟତା ଜନ୍ମ ନେଇଥିଲା। କିପରି ଏକ ସ୍ଥାୟୀ ସମାଜର ନିର୍ମାଣ ହୋଇପାରିବ ଦୁନିଆକୁ ଏହି ଶିକ୍ଷା ଦେଇଛି ଜେରିକୋ ସହର। ସେଠାରେ ଆଜି ବି ଚୁଲି ଜଳିବା ବନ୍ଦ ହୋଇନାହିଁ। ନା କେବେ ସେ ସ୍ଥାନଟି ଶୁନଶାନ୍ ହୋଇ ରହିଛି। ଗୋଟିଏ ପରେ ଗୋଟିଏ ସଭ୍ୟତା ସେଠାରେ ସ୍ଥାପିତ ହେବାର ଦେଖିବାକୁ ମିଳୁଛି। ଆଜି ବି ଦୂରରୁ ଦେଖିଲେ ଜଣାପଡ଼େ ଏକ ଛୋଟ ପାହାଡ଼ ବା ଢ଼ିପ ସ୍ଥାନରେ ସହରଟି ଅବସ୍ଥିତ। ଜେରିକୋ ବ୍ୟତୀତ ପୁରୁଣା ସହର ଭାବରେ ରହିଛି ସିରିଆର ଅଲ୍ଲେପୋର ନାମ ଯେଉଁଟି ଖ୍ରୀ.ପୂ ୮୦୦୦ ବର୍ଷ ପୁରୁଣା। ସେଠିକାର ଦମିସ୍କ ମଧ ଏକ ପୁରୁଣା ସହର। ଆମ ଦେଶର ବାରାଣସୀ ସହରର ଇତିହାସ ଆମକୁ ଖ୍ରୀ.ପୂ ୩୦୦୦ ପର୍ଯ୍ୟନ୍ତ ନେଇଯାଏ।



**ଆଜିର ମ୍ୟାଚ୍**
ପଞ୍ଜାବ କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ନ୍ୟୁ ଚଣ୍ଡିଗଡ଼

ନିତିଦିନ NITIDIN

# ସାଣ୍ଟନର୍ ୨୦୨୬ ଆଇପିଏଲ୍‌ରୁ ବାଦ୍

## କେଶବ ମହାରାଜ ବଦଳ ଖେଳାଳି



**ମୁମ୍ବାଇ,୨୭।୪/ଏଜେନ୍ସି:** ମୁମ୍ବାଇ ଇଣ୍ଡିଆନ୍ସ ବାମହାତୀ ସ୍ପିନର୍ ମିଚେଲ୍ ସାଣ୍ଟନର୍ ଡାହାଣ କାନ୍ଧରେ ଆଘାତ କାରଣରୁ ୨୦୨୬ ଆଇପିଏଲ୍‌ର ବାକି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ମୁମ୍ବାଇ ଇଣ୍ଡିଆନ୍ସ ଅନ୍ୟତମ ଅନୁଭବୀ ବାମହାତୀ ସ୍ପିନର୍ କେଶବ ମହାରାଜଙ୍କୁ ବଦଳ ଖେଳାଳି ଭାବେ ବାକି ମ୍ୟାଚ୍ ପାଇଁ ଟିମ୍‌ରେ ସାମିଲ କରିଛି। ମହାରାଜ ପୂର୍ବରୁ ୨୦୨୪ରେ ରାଜସ୍ଥାନ ପକ୍ଷରୁ ମାତ୍ର ଦୁଇଟି ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି। ଏହା ସତ୍ତ୍ୱେ ତାଙ୍କ ଯୋଗଦାନ ମୁମ୍ବାଇ ବୋଲିଂ ଆକ୍ରମଣକୁ ଶକ୍ତିଶାଳୀ କରିବ।

ଏପ୍ରିଲ୍ ୪ରେ ଦିଲ୍ଲୀ ବିପକ୍ଷରେ ଫିଲ୍ଡିଂ କରୁଥିବା ବେଳେ ସାଣ୍ଟନର୍‌ଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏହାପରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ (ଏପ୍ରିଲ୍ ୭) ସେ ବେଞ୍ଚରେ ବସିଥିଲେ। ତେବେ ଏପ୍ରିଲ୍ ୧୨ର ଆର୍‌ସିବି ବିପକ୍ଷ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବା ସହିତ ଗୁଜରାଟ ବିପକ୍ଷ ମ୍ୟାଚ୍ (ଏପ୍ରିଲ୍ ୨୦)ରେ ମଧ୍ୟ ଖେଳିଥିଲେ। କିନ୍ତୁ ଏପ୍ରିଲ୍ ୨୩ରେ ସିଏସ୍‌କେ ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କର ସେହି କାନ୍ଧରେ ପୁଣି ଆଘାତ ଲାଗିଥିଲା। ଚଳିତ ସିଜନ୍‌ରେ ସାଣ୍ଟନର୍ ଚାରି ମ୍ୟାଚ୍ ଖେଳି ୫ ୱିକେଟ୍ ନେଇଛନ୍ତି।

# ରଘୁବଂଶୀଙ୍କୁ ୨୦% ମ୍ୟାଚ୍ ଫି' ଜୋରିମାନା



**ମୁମ୍ବାଇ,୨୭।୪/ଏଜେନ୍ସି:** ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଂଘନ ପାଇଁ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ୱିକେଟ୍‌କିପର୍ ବ୍ୟାଟର୍ ଅଙ୍ଗକ୍ରିଷ ରଘୁବଂଶୀଙ୍କୁ ମ୍ୟାଚ୍ ଫି'ର ୨୦ ପ୍ରତିଶତ ଜୋରିମାନା କରାଯାଇଛି। ରବିବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ବିପକ୍ଷ ମ୍ୟାଚ୍‌ରେ ରଘୁବଂଶୀ ପଡ଼ିଆରେ ରାଗିଯାଇ ଧୈର୍ଯ୍ୟ ହରାଇଥିଲେ। ଅମ୍ପାୟାର୍‌ଙ୍କ ଆଉଟ୍ ନିଷ୍ପତ୍ତିରେ ସେ ଯେଉଁ ପ୍ରକାର ଅସନ୍ତୋଷ ପ୍ରକାଶ ପ୍ରକାଶ କରିଥିଲେ, ଆଇପିଏଲ୍ ମ୍ୟାନେଜମେଣ୍ଟ ତାହାକୁ ଶୃଙ୍ଖଳାହୀନତା ଭାବେ ଗ୍ରହଣ କରିଛି। ଜୋରିମାନା ସହିତ ତାଙ୍କ ରେକର୍ଡରେ ଗୋଟିଏ ଡିମେରିଟ୍ ପଏଣ୍ଟ ମଧ୍ୟ ଯୋଡ଼ାଯାଇଛି।

କେକେଆର୍ ଇନିଂସ୍‌ର ପଞ୍ଚମ ଓଭର୍‌ର ଶେଷ ବଲ୍‌ରେ ରଘୁବଂଶୀଙ୍କୁ ଅବ୍‌ଷ୍ଟ୍ରକ୍ଟିଙ୍ଗ୍ ଦ ଫିଲ୍ଡ ଆଉଟ୍ ଦିଆଯାଇଥିଲା। ପ୍ରିନ୍ସ ଯାଦବଙ୍କ ବଲ୍‌ରେ ମିଡ୍-ଅନ୍ କ୍ଷେତ୍ରକୁ ଶଟ୍ ଖେଳି ରନ୍ ନେବାକୁ ଦୌଡ଼ିଥିଲେ, କିନ୍ତୁ ଅଧାରୁ ତାଙ୍କୁ ଫେରିବାକୁ ପଡ଼ିଥିଲା। କ୍ରିଜ୍‌ରେ ପହଞ୍ଚିବା ପ୍ରୟାସରେ ସେ ଡାଇଭ୍ ଲଗାଇ ଲାଇନ୍ ବାହାରକୁ ବଲ୍ ଦିଗରେ ଗତି କରିଥିଲେ। ତୃତୀୟ ଅମ୍ପାୟାର୍ ରିପ୍ଲେ ଦେଖି ରଘୁବଂଶୀ ବଲ୍ ଲାଇନ୍‌କୁ ଆସି ଫିଲ୍ଡିଂରେ ବାଧା ସୃଷ୍ଟି କରିଥିବା ଦେବାରୁ ତାଙ୍କୁ ଅବ୍‌ଷ୍ଟ୍ରକ୍ଟିଙ୍ଗ୍ ଦ ଫିଲ୍ଡ ଆଉଟ୍ ଦିଆଯାଇଥିଲା। ନିଷ୍ପତ୍ତିରେ ଅସନ୍ତୁଷ୍ଟ ରଘୁବଂଶୀ ପାଭିଲିୟନ୍ ଫେରୁଥିବା ବେଳେ ରାଗରେ ବାଉଣ୍ଡ୍ରି କୁଶନ୍‌ରେ ବ୍ୟାଟ୍ ମାରିଥିଲେ। ଡଗ୍‌ଆଉଟ୍‌ରେ ପହଞ୍ଚି ସେ ହେଲ୍‌ମେଟ୍ ମଧ୍ୟ ଆକ୍ରମଣାତ୍ମକ ଢଙ୍ଗରେ ଫିଙ୍ଗିଥିଲେ। ଆଇପିଏଲ୍ ବୟାନ ଅନୁସାରେ ସେ ଆଇପିଏଲ୍ ଆଚାରଣ ସଂହିତାର ଧାରା ୨.୨ ଉଲ୍ଲଂଘନ କରିବା ସହିତ ଲେଭଲ୍-୧ରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

## ହେଜଲ୍‌ଉଡ୍ ଓ ଭୁବନେଶ୍ୱରଙ୍କ ଘାତକ ବୋଲିଂ; ଦିଲ୍ଲୀ ୭୫ ରନ୍‌ରେ ଅଲ୍‌ଆଉଟ୍

# ସିଜନ୍‌ରେ ଆର୍‌ସିବିର ଷଷ୍ଠ ବିଜୟ

**ନୂଆଦିଲ୍ଲୀ,୨୭।୪/ଏଜେନ୍ସି:** ଚଳିତ ଆଇପିଏଲ୍‌ର ୩୯ତମ ମ୍ୟାଚ୍‌ରେ ସୋମବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୯ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଶୋଚନୀୟ ଭାବେ ହରାଇ ଦେଇଛି। ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ ୧୬.୩ ଓଭର୍‌ରେ ମାତ୍ର ୭୫ ରନ୍ କରି ଅଲ୍‌ଆଉଟ୍ ହୋଇଥିବା ବେଳେ ଆର୍‌ସିବି ୬.୩ ଓଭର୍‌ରେ ୧ ୱିକେଟ୍ ହରାଇ ହାସଲ କରିନେଇଛି। ଏହି ବିଜୟ ସହିତ ଆର୍‌ସିବି ପଏଣ୍ଟ ଟେବଲ୍‌ରେ ସ୍ଥିତି ମଜଭୁତ କରିଛି। ଟିମ୍ ୮ ମ୍ୟାଚ୍‌ରୁ ୧୨ ପଏଣ୍ଟ ନେଇ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ୮ ମ୍ୟାଚ୍‌ରେ କେବଳ ୩ ବିଜୟ ସହ ସପ୍ତମ ସ୍ଥାନରେ ରହିଛି।

୭୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଆର୍‌ସିବି ପକ୍ଷରୁ ବିରାଟ କୋହଲି ଓ ଜ୍ୟାକବ୍ ବେଥେଲ୍ ଇନିଂସ୍ ଓପନ୍ କରିଥିଲେ। ଦୁହେଁ ପ୍ରଥମ ୱିକେଟ୍ ପାଇଁ ୨୬ ରନ୍ କରିବା ପରେ ବେଥେଲ୍ ୧୧ ବଲ୍‌ରେ ୨୦ ରନ୍ କରି ତୃତୀୟ ଓଭର୍‌ରେ କାଇଲି ଜେମିସନ୍‌ଙ୍କ ଶିକାର ହୋଇଥିଲେ। ଏହାପରେ କୋହଲି ଓ ଦେବଦତ୍ତ ପାଡିକ୍କଲ୍ ଚମତ୍କାର ବ୍ୟାଟିଂ କରି ୬.୩ ଓଭର୍‌ରେ ୭୭ ରନ୍ କରି ଲକ୍ଷ୍ୟ ହାସଲ କରିଥିଲେ। ଟି ନଟରାଜନ୍‌ଙ୍କ ବଲ୍‌ରେ କୋହଲି

**ଦିଲ୍ଲୀ କ୍ୟାପିଟାଲ୍ସକୁ ୯ ୱିକେଟ୍‌ରେ ହରାଇଲା**

**କୋହଲିଙ୍କ ୯୦୦୦ ଆଇପିଏଲ୍ ରନ୍ ପୂରା**

ଲଗାତାର ଦୁଇଟି ଛକା ମାରି ଆର୍‌ସିବିକୁ ବିଜୟୀ କରାଇଥିଲେ। କୋହଲି ୧୫ ବଲ୍‌ରେ ୨୩ ଏବଂ ପାଡିକ୍କଲ୍ ୧୩ ବଲ୍‌ରେ ୩୪ ରନ୍ କରି ଅପରାଜିତ ରହିଥିଲେ। ଇତିମଧ୍ୟରେ ଆର୍‌ସିବି ଇନିଂସ୍‌ର ୬ଷ୍ଠ ଓଭର୍‌ର ଅନ୍ତିମ ବଲ୍‌ରେ ଅକ୍ଷର ପଟେଲ୍‌ଙ୍କ ଫ୍ଲାଇଟେଡ୍ ବଲ୍‌ରୁ ଏକ ରନ୍ ସଂଗ୍ରହ କରି ବିରାଟ କୋହଲି



ଆଇପିଏଲ୍‌ରେ ୯୦୦୦ ରନ୍ ପୂରଣ କରିଥିଲେ। ଏହି ମାଇଲଷ୍ଟୋନ୍ ହାସଲରେ କୋହଲି ପ୍ରଥମ ବ୍ୟାଟର୍ ହୋଇଛନ୍ତି।

ଟସ୍ ହାରି ବ୍ୟାଟିଂ ପାଇଥିବା ଦିଲ୍ଲୀ ପକ୍ଷରୁ କେଏଲ୍ ରାହୁଲ୍‌ଙ୍କ ସହିତ ଡେବ୍ୟୁ କରିଥିବା ସାହିଲ ପରାଖ ଇନିଂସ୍ ଓପନ୍ କରିଥିଲେ। ତେବେ ଭୁବନେଶ୍ୱର କୁମାର ଦ୍ୱିତୀୟ ବଲ୍‌ରେ ହିଁ ଖାତା ଖୋଲିବା ପୂର୍ବରୁ ସାହିଲ୍‌ଙ୍କୁ ଆଉଟ୍ କରିଥିଲେ। ଏହାପରେ ଦ୍ୱିତୀୟ ଓଭର୍‌ରେ ଜୋଶ୍ ହେଜଲ୍‌ଉଡ୍ କେଏଲ୍ ରାହୁଲ (୧) ଏବଂ ସମୀର ରିଜ୍‌ଭି (୦)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ତୃତୀୟ ଓଭର୍‌ରେ ଭୁବି ପୁଣି ଟ୍ରିଷ୍ଟନ୍ ଟବ୍ସ (୫) ଓ ଅକ୍ଷର ପଟେଲ୍ (୦)ଙ୍କ ୱିକେଟ୍ ନେଇଥିଲେ। ଫଳରେ ଦିଲ୍ଲୀ ୨.୪ ଓଭର୍‌ରେ ହିଁ ୭ ରନ୍‌ରେ ୫ ୱିକେଟ୍ ହରାଇଥିଲା। ଏହା ପରେ ବି ଦିଲ୍ଲୀର ଅଡୁଆ କମ୍ ହୋଇନଥିଲା ଏବଂ ହେଜଲ୍‌ଉଡ୍ ଚତୁର୍ଥ ଓଭର୍‌ରେ ନୀତୀଶ ରାଣା ()ଙ୍କୁ ମଧ୍ୟ ଆଉଟ୍ କରିଥିଲେ। ୮ ରନ୍‌ରେ ଦିଲ୍ଲୀର ୬ଷ୍ଠ ୱିକେଟ୍ ପତନ ଘଟିଥିଲା। ତେବେ ଏହାପରେ ଡେଭିଡ୍ ମିଲର୍ ଓ ଅଭିଷେକ ପୋରେଲ୍ ଇନିଂସ୍ ସମ୍ଭାଳି ୩୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ମାତ୍ର ରସିକ୍ ସଲାମ୍ ୯ମ ଓଭର୍‌ରେ ମିଲର୍(୧୯)ଙ୍କ ୱିକେଟ୍ ଅକ୍ତିଆର କରିଥିଲେ। ଅଭିଷେକ ୩୦ ରନ୍ କରି ହେଜଲ୍‌ଉଡ୍‌ଙ୍କ ଦ୍ୱାରା ବୋଲ୍ଡ ହେବା ପରେ ଦିଲ୍ଲୀ ଇନିଂସ୍ ଭୁଶୁଡ଼ି ପଡ଼ିଥିଲା ଏବଂ ଟିମ୍ ୭୫ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଆର୍‌ସିବି ପକ୍ଷରୁ ଭୁବନେଶ୍ୱର କୁମାର ୩ ଓଭର୍‌ରେ ୫ ରନ୍ ଦେଇ ୩ଟି ଏବଂ ଜୋଶ୍ ହେଜଲ୍‌ଉଡ୍ ୩.୩ ଓଭର୍‌ରେ ୧୨ ରନ୍ ଦେଇ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ରସିକ୍ ସଲାମ୍, ସୁୟଶ ଶର୍ମା ଏବଂ କ୍ରୁଣାଳ ପାଣ୍ଡ୍ୟାଙ୍କୁ ୧-୧ ୱିକେଟ୍ ମିଳିଥିଲା।

## ପଞ୍ଚମ ମହିଳା ଟି-୨୦: ୨୩ ରନ୍‌ରେ ହାରିଲା ଭାରତ

# ସାଉଥ୍ ଆଫ୍ରିକା ୪-୧ରେ ସିରିଜ୍ ବିଜୟୀ

**ବେନୋନୀ,୨୭।୪/ଏଜେନ୍ସି:** ଭାରତୀୟ ମହିଳା ଟିମ୍ ପଞ୍ଚମ ଟି-୨୦ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ଠାରୁ ୨୩ ରନ୍‌ରେ ପରାଜିତ ହୋଇଛି। ଏହା ସହିତ ସାଉଥ୍ ଆଫ୍ରିକା ପାଞ୍ଚ ମ୍ୟାଚ୍‌ର ସିରିଜ୍ ୪-୧ରେ ହାତେଇଛି। ବେନୋନୀର ୱିଲୋମୁର୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ପ୍ରଥମେ ବ୍ୟାଟିଂ ନେଇ କ୍ୟାପ୍‌ଟେନ୍ ଲୌରା ୱୋଲ୍‌ଭର୍ଡ୍‌ଟ୍‌ଙ୍କ ଅପରାଜିତ ୯୨ ରନ୍ ବଳରେ ୬ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଜବାବରେ ଭାରତ ୮ ୱିକେଟ୍ ବିନିମୟରେ ୧୩୨ ରନ୍ କରିବାକୁ ସମର୍ଥ ହୋଇଥିଲା। ସାଉଥ୍ ଆଫ୍ରିକା କ୍ୟାପ୍‌ଟେନ୍ ୱୋଲ୍‌ଭର୍ଡ୍‌ଟଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ଏବଂ ସିରିଜ୍ ବିବେଚିତ କରାଯାଇଛି। ୧୫୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଭାରତୀୟ ମହିଳା ଟିମ୍ ଶସ୍ତାରେ ଓପ୍ନର୍ ଶେଫାଳୀ ବର୍ମା (୪)



ଏବଂ ପରେ ଜେମିମା ରୋଡ୍ରିଗ୍ସ (୧)ଙ୍କ ୱିକେଟ୍ ହରାଇଥିଲା। ସ୍ମୃତି ମନ୍ଧାନାଙ୍କ ସ୍ଥାନରେ ଶେଫାଳୀଙ୍କ ସହ ଇନିଂସ୍ ଓପନ୍ କରିଥିବା ଅନୁଷ୍କା ଶର୍ମା ୧୭ ରନ୍ କରି ଆଉଟ୍ ହୋଇଥିଲେ। କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ୨୨ ରନ୍ କରିଥିବା ବେଳେ ଭାରତୀ ଫୁଲମାଲି ସର୍ବାଧିକ ୪୦ ରନ୍‌ର ଇନିଂସ୍ ଖେଳିଥିଲେ। ରିଚା ଘୋଷ ୨୫ ରନ୍‌ର ଯୋଗଦାନ ଦେଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ସାଉଥ୍ ଆଫ୍ରିକା ପକ୍ଷରୁ ନୋନ୍‌କୁଲୁଲେକୋ ମଲାବା ଓ ନାଦିନ୍ ଡି କ୍ଲାର୍କ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ। ଏହା ପୂର୍ବରୁ ଟସ୍ ଜିତି ବ୍ୟାଟିଂ ନେଇଥିବା ସାଉଥ୍ ଆଫ୍ରିକା ପକ୍ଷରୁ କ୍ୟାପ୍‌ଟେନ୍ ୱୋଲ୍‌ଭର୍ଡ୍‌ଟ୍ ଓ ସୁନେ ଲୁସ୍ ପ୍ରଥମ ୱିକେଟ୍ ପାଇଁ ୭୫ ରନ୍ ଯୋଡ଼ିଥିଲେ। ତେବେ ଲୁସ୍ ୨୩ ରନ୍‌ରେ ଶ୍ରୀ ଚରଣୀଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହେବା ପରେ ଟିମ୍‌ର ୱିକେଟ୍ ପତନ ଧାରା ଜାରି ରହିଥିଲା ଏବଂ ଟିମ୍ ୬ ୱିକେଟ୍‌ରେ ୧୫୫ ରନ୍ କରିଥିଲା। ୱୋଲ୍‌ଭର୍ଡ୍‌ଟ୍ ୫୬ ବଲ୍‌ରେ ୧୧ ଚୌକା ଓ ଦୁଇଟି ଛକା ସହାୟତାରେ ୯୨ ରନ୍ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ରେଣୁକା ସିଂହ ଠାକୁର, ଶ୍ରୀ ଚରଣୀ ଏବଂ ଦୀପ୍ତି ଶର୍ମା ୨-୨ ୱିକେଟ୍ ନେଇଥିଲେ।

# ଏସିଆନ୍ ଚାମ୍ପିଅନ୍‌ଶିପ୍‌ରୁ ଓହରିବେ ମୀରାବାଈ !

**ନୂଆଦିଲ୍ଲୀ,୨୭।୪/ଏଜେନ୍ସି:** ଭାରତର ଷ୍ଟାର୍ ଭାରୋତ୍ତୋଳକ ମୀରାବାଈ ଚାନୁ ଆସନ୍ତା ମାସରେ ଗାନ୍ଧୀନଗରରେ ହେବାକୁ ଥିବା ଏସିଆନ୍ ଚାମ୍ପିଅନ୍‌ଶିପ୍‌ରେ କାନ୍ଧ ଆଘାତ ଯୋଗୁଁ ଭାଗ ନେଇନପାରନ୍ତି। ଟୋକିଓ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଏବଂ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ମୀରାବାଈଙ୍କୁ ଗତ ଫେବୃଆରୀରେ ହୋଇଥିବା ଜାତୀୟ ଚାମ୍ପିଅନ୍‌ଶିପ୍ ଅବସରରେ ଆଘାତ ଲାଗିଥିଲା। ଭାରତୀୟ ଟିମ୍‌ରେ ମୀରାବାଈଙ୍କ ସ୍ଥାନରେ କୋମଲ କୋହରଙ୍କୁ ସାମିଲ କରାଯିବାର ସମ୍ଭାବନା ରହିଛି। ଜାତୀୟ ଚାମ୍ପିଅନ୍‌ଶିପ୍‌ରେ ମୀରାବାଈଙ୍କ କାନ୍ଧରେ ସାମାନ୍ୟ ଆଘାତ ଲାଗିଥିଲା। ଏହି ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆଡ୍ ହେବାକୁ ଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ ଏବଂ ସେ କୌଣସି ରିସ୍କ ନେବାକୁ ଚାହୁଁନାହାନ୍ତି। ମୋଦୀନଗରରେ ହୋଇଥିବା ଜାତୀୟ ଚାମ୍ପିଅନ୍‌ଶିପ୍‌ରେ ୩୧ ବର୍ଷୀୟା ଚାନୁ ମୋଟ ୨୦୫ କେଜି (୮୯ କେଜି ଓ ୧୧୬ କେଜି) ଓଜନ ଉଠାଇ ୪୮ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମୀରାବାଈ ଜୁଲାଇ ୨୩ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪୮ କେଜି ବର୍ଗରେ ଭାଗନେବେ ଏବଂ ଏହାପରେ ଅକ୍ଟୋବରର ଏସିଆନ୍ ଗେମ୍ସ ୨୦୨୬ ପାଇଁ ନିଜ ଓଜନ ବଢ଼ାଇ ୫୩ କେଜି ବର୍ଗକୁ ଆସିବେ। ଏସିଆନ୍ ଗେମ୍ସ ଏପରି ଏକ ଟୁର୍ଣ୍ଣାମେଣ୍ଟ, ଯେଉଁଠି ମଣିପୁରର ଏହି ଭାରୋତ୍ତୋଳକ ଏବ ପର୍ଯ୍ୟନ୍ତ କୌଣସି ପଦକ ଜିତିନାହାନ୍ତି। ଏହା ସହିତ ଏହା ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ ପାଇଁ ପ୍ରଥମ କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟ ମଧ୍ୟ ହେବ।





## ଲେବାନନ୍-ଇସ୍ରାଏଲ୍ ସିଜ୍‌ଫାୟାର୍ ନିଷ୍ପ୍ରଭ

# ପୁଣି ଆକ୍ରମଣକୁ ଜୋର୍‌ଦାର କଲା ଇସ୍ରାଏଲ୍

**ବେରୁତ/ ଜେରୁଜେଲମ୍, ୨୭।୪/ଏଜେନ୍ସି:** ଆମେରିକାର ମଧ୍ୟସ୍ଥତାରେ ଜାରି ରହିଥିବା ସିଜ୍‌ଫାୟାର୍ ମଧ୍ୟରେ ଲେବାନନ୍‌ରେ ପୁଣି ଥରେ ହିଂସା ଦେଖାଦେଇଛି। ସୋମବାର (୨୭ ଏପ୍ରିଲ, ୨୦୨୬) ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଦକ୍ଷିଣ ଲେବାନନ ଏବଂ ବେକ୍କା

**ଅଧିକାଂଶ ମହିଳା ଓ ଶିଶୁଙ୍କ ସମେତ ୧୪ ମୃତ**

ଭ୍ୟାଲିରେ ହିଜବୁଲ୍ଲାର ଭିତ୍ତିଭୂମି ଉପରେ ବ୍ୟାପକ ବୋମାମାଡ଼ କରିଛି। ତେବେ ଏହି ଆକ୍ରମଣରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସଠିକ୍ ସୂଚନା ମିଳିନାହିଁ। କିନ୍ତୁ ଗତକାଲି (୨୬ ଏପ୍ରିଲ) ଇସ୍ରାଏଲ୍ ପକ୍ଷରୁ ହୋଇଥିବା ଆକ୍ରମଣରେ ଲେବାନନରେ ୨ ଶିଶୁ ଏବଂ ୨ ମହିଳାଙ୍କ ସମେତ ମୋଟ୍ ୧୪ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ସିଜ୍‌ଫାୟାର୍ ଲାଗୁ ହେବା ପରେ ଏହା ସବୁଠାରୁ ମାରାତ୍ମକ ଆକ୍ରମଣ ଭାବେ ବିବେଚନା



କରାଯାଉଛି। ଇସ୍ରାଏଲ୍ ଦାବି କରିଛି ଯେ, ହିଜବୁଲ୍ଲା ସିଜ୍‌ଫାୟାର୍ ନିୟମ ଉଲ୍ଲଂଘନ କରି ସୀମାନ୍ତରେ ନିଜର ଶକ୍ତି ବୃଦ୍ଧି କରୁଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇସ୍ରାଏଲ୍‌ର ଜଣେ ସୈନିକ ମଧ୍ୟ ଏହି ସଂଘର୍ଷରେ ପ୍ରାଣ ହରାଇଛନ୍ତି। ଫଳରେ ଲେବାନନ୍ ସହ ଯୁଦ୍ଧରେ ଇସ୍ରାଏଲ୍‌ର ଅଦ୍ୟାବଧି ୧୬ ସୈନିକ ପ୍ରାଣ ହରାଇଥିବା କୁହାଯାଉଛି। ଅନ୍ୟପକ୍ଷେ ଲେବାନନ୍‌ର ବିଦ୍ରୋହୀ ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲା ମଧ୍ୟ ଇସ୍ରାଏଲ୍‌କୁ ଚେତାବନୀ ଦେଇ କହିଛି ଯେ, ସିଜ୍‌ଫାୟାର ନିୟମ ଉଲ୍ଲଂଘନକାରୀ ଇସ୍ରାଏଲ୍ ଉପରେ ଏହା ଆକ୍ରମଣ ଜାରି ରଖିବ।

ଗତ ୧୬ ଏପ୍ରିଲରେ ୧୦ ଦିନିଆ ସିଜ୍ ?ଫାୟାର୍ ଲାଗୁ ହୋଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ୩ ସପ୍ତାହ ପାଇଁ ବଢ଼ାଯାଇଥିଲା। କିନ୍ତୁ ବାରମ୍ବାର ଆକ୍ରମଣ ଯୋଗୁଁ ଏହି ଚୁକ୍ତି କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ମାର୍ଚ୍ଚ ୨୦୨୬ରୁ ଏପର୍ଯ୍ୟନ୍ତ ଇସ୍ରାଏଲର ଲେବାନନ ଉପରେ ଆକ୍ରମଣ ଯୋଗୁ ଏହି ଦେଶରେରେ ପ୍ରାୟ ୨,୫୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇସାରିଛି ଏବଂ ପ୍ରାୟ ୧୨ ଲକ୍ଷ ଲୋକ ବେଘର ହୋଇଛନ୍ତି। ତେବେ ଆମେରିକା ଏବଂ ଟ୍ରମ୍ପ ପ୍ରଶାସନ ପାଇଁ ଏହି ସିଜ୍‌ଫାୟାର୍‌କୁ ବଞ୍ଚାଇ ରଖିବା ଏବେ ଏକ ବଡ଼ ଆହ୍ୱାନ। ଯଦି ଇସ୍ରାଏଲ୍-ଲେବାନନ ସଂଘର୍ଷ ବୃଦ୍ଧି ପାଏ, ତେବେ ଏହା ଆମେରିକା-ଇରାନ ମଧ୍ୟରେ ହେବାକୁ ଥିବା ବୃହତ ଶାନ୍ତି ଆଲୋଚନାକୁ ପ୍ରଭାବିତ କରିବ। ଜାତିସଂଘ ଇସ୍ରାଏଲର ଏପ୍ରକାର ଆକ୍ରମଣକୁ ନିନ୍ଦା କରିବା ସହ ତୁରନ୍ତ ହିଂସା ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଭାରତ ମଧ୍ୟ ଏହି ବଢୁଥିବା ଉତ୍ତେଜନାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି।

## ପଶ୍ଚିମବଙ୍ଗରେ ଜାରି ରହିଛି ନିର୍ବାଚନୀ ହିଂସା

# ଟିଏମ୍‌ସି ସାଂସଦଙ୍କ କାର୍‌କୁ ପଥରମାଡ଼

### ୩ ବିଜେପି କର୍ମୀ ଗିରଫ; ଶାହଙ୍କୁ ଦାୟୀ କଲା ଶାସକ ଦଳ

**କୋଲକାତା, ୨୭।୪/ଏଜେନ୍ସି:** ପଶ୍ଚିମବଙ୍ଗରେ ନିରନ୍ତର ଭାବେ ନିର୍ବାଚନୀ ହିଂସାକାଣ୍ଡ ଜାରି ରହିଛି। ଗତ ୨୩ ତାରିଖରେ ରାଜ୍ୟରେ ଗୋଟିଏ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଅନୁଷ୍ଠିତ ହୋଇସାରିଥିବା ବେଳେ ଆସନ୍ତା ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଏହାସତ୍ତ୍ୱେ ରାଜ୍ୟରେ ନିର୍ବାଚନୀ ଘୋଷଣା ହେବା ପରଠାରୁ ଆରମ୍ଭ ହୋଇଥିବା ହିଂସାକାଣ୍ଡ ଅଦ୍ୟାବଧି ଜାରି ରହିଛି। ଅଧିକାଂଶ ଘଟଣାରେ ବିଜେପି କର୍ମୀଙ୍କ ଉପରେ ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀମାନେ ଆକ୍ରମଣ କରୁଥିବା ଅଭିଯୋଗ ସାମ୍ନାକୁ ଆସୁଥିବା ବେଳେ ସୋମବାର କିନ୍ତୁ କିଛି ଅଲଗା ଘଟିଥିବା ସୂଚନା ମିଳିଛି।

ହୁଗୁଳି ଜିଲ୍ଲାରେ ସୋମବାର ଟିଏମ୍‌ସି ସାଂସଦ ମିତାଲି ବାଗଙ୍କ କାର୍ ଉପରେ ଆକ୍ରମଣ ହୋଇଛି। ମିତାଲି ବାଗ୍ ଯେତେବେଳେ ଗୋଘାଟରୁ ଆରାମବାଗରେ ଟିଏମ୍‌ସିର ମହାସଚିବ ଅଭିଷେକ ବାନାର୍ଜୀଙ୍କ ରୋଡ୍-ସୋ'ରେ ସାମିଲ ହେବାକୁ ଯାଉଥିଲେ, ସେହି ସମୟରେ ଏହି ଘଟଣା ଘଟିଥିଲା। ଆକ୍ରମଣରେ ତାଙ୍କ କାର୍ କାଚ ଭାଙ୍ଗିଯାଇଥିବା ବେଳେ ଅନେକ କ୍ଷୟକ୍ଷତି ହୋଇଛି। ତେବେ ଏହି ଆକ୍ରମଣରେ ସାଂସଦଙ୍କ ସମେତ ତାଙ୍କ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି। ତେବେ ଉଭୟଙ୍କୁ ଆରାମବାଗ୍ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅଭିଷେକ ହସ୍ପିଟାଲ ଆସି ମିତାଲିଙ୍କୁ ଭେଟିଥିବା ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରିବୁଝିଥିବା ଜାଣିବାକୁ ମିଳିଛି। ଟିଏମ୍‌ସି ଏହି ଘଟଣା ପାଇଁ ବିପେଜି କୁ ଦାୟୀ କରିଛି। ଟିଏମସି ଅଭିଯୋଗ



କରିଛି ଯେ, ବିଜେପି ସମର୍ଥକମାନେ ଗୋଘାଟରେ ସାଂସଦଙ୍କ ଗାଡ଼ି ଉପରେ ଇଟା, ପଥର ଏବଂ ଲାଠିରେ ଆକ୍ରମଣ କରିଛନ୍ତି। ଟିଏମସି ନିଜ ଅଫିସିଆଲ୍ ଟ୍ୱିଟ୍‌ରେ କହିଛି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଧମକ ଦେଇଥିଲେ ଯେ ଯିଏ ବି ଘରୁ ବାହାରିବ, ତାକୁ ଓଲଟା ଝୁଲାଇ ଦିଆଯିବ। ତା' ପରେ ହିଁ ଏହି ଆକ୍ରମଣ ହୋଇଛି।

ଏହି ଘଟଣାରେ ପୁଲିସ୍ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏମାନେ ସମସ୍ତେ ବିଜେପି କର୍ମୀ ବୋଲି ଦାବି କରାଯାଉଛି। ଏମାନେ ସିନ୍ଟୁ ସାହା, ସନାତନ ସାହା ଏବଂ ରାଜକୁମାର ରୟ ଭାବେ ଚିହ୍ନଟ ହୋଇଛନ୍ତି।

ପଶ୍ଚିମବଙ୍ଗରେ ଏପ୍ରିଲ ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗର ଦ୍ୱିତୀୟ ପର୍ଯ୍ୟାୟରେ ୧୪୨ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ତେବେ ଏଥିପାଇଁ ସୋମବାର ଦିନ ପ୍ରଚାର ପର୍ବ ଶେଷ ହୋଇଛି।

# ବିଜେପିରେ ୭ ଆପ୍ ବିଦ୍ରୋହୀ ସାଂସଦଙ୍କ ମିଶ୍ରଣକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୭।୪/ଏଜେନ୍ସି:** ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ସୋମବାର ଦିନ ଆମ୍ ଆଦମୀ ପାର୍ଟି (ଆପ୍)ର ୭ ଜଣ ବିଦ୍ରୋହୀ ସାଂସଦଙ୍କ ବିଜେପିରେ ମିଶ୍ରଣକୁ ଅନୁମୋଦନ କରିଛନ୍ତି। ଫଳରେ ବିଜେପି ସାଂସଦଙ୍କ ସଂଖ୍ୟା ୧୦୬ରୁ ବଢ଼ି ୧୧୩ରେ ପହଞ୍ଚିଥିବା ବେଳେ ରାଜ୍ୟସଭାରେ ଆପ୍‌ର ସଦସ୍ୟ ସଂଖ୍ୟା ୩କୁ ହ୍ରାସ ପାଇଛି। ପ୍ରକାଶ, ଯେଉଁ ୭ ଜଣ ସାଂସଦ ବିଜେପିରେ ଯୋଗଦେଇଛନ୍ତି ସେମାନେ ହେଲେ ରାଘବ ଚଡ୍ଢା, ଅଶୋକ ମିତ୍ତଲ, ହରଭଜନ୍ ସିଂହ, ସନ୍ଦୀପ ପାଠକ, ବିକ୍ରମଜିତ୍ ସାହନୀ, ସ୍ୱାତି ମାଲିୱାଲ ଏବଂ ରାଜେନ୍ଦ୍ର ଗୁପ୍ତା। ରାଜ୍ୟସଭାର ଅଫିସିଆଲ୍ ୱେବସାଇଟ୍‌ରେ ମଧ୍ୟ ଏହି ସାଂସଦମାନଙ୍କୁ ବିଜେପି ସଦସ୍ୟ ଭାବରେ ଦର୍ଶାଯାଇଛି।

ଆମ୍ ଆଦମୀ ପାର୍ଟି ରବିବାର ଦିନ ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟରେ ଏହି ୭ ବିଦ୍ରୋହୀ ସାଂସଦଙ୍କ ସଦସ୍ୟତା ରଦ୍ଦ କରିବାକୁ ଦାବି କରିଥିଲା। ଆପ୍ ନେତା ସଞ୍ଜୟ ସିଂହ ଚିଠି ଲେଖି ସେମାନଙ୍କୁ ଦଳବଦଳ ବିରୋଧୀ ଆଇନ ଉଲ୍ଲଂଘନ ଅଭିଯୋଗରେ ଅଯୋଗ୍ୟ ଘୋଷଣା କରିବାକୁ ନିବେଦନ କରିଥିଲେ। ସଞ୍ଜୟ ସିଂହଙ୍କ ଅନୁଯାୟୀ, ଆପ୍ ଏହି ବିଷୟରେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଲୋକସଭାର ପୂର୍ବତନ ମହାସଚିବ ପିଡିଟି ଆଚାରୀଙ୍କ ସମେତ ଅନେକ ସାମ୍ବିଧାନିକ ବିଶେଷଜ୍ଞଙ୍କ ପରାମର୍ଶ ନେଇଛି। କପିଲ ସିବଲ କହିଛନ୍ତି ଯେ, ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ, ପ୍ରଥମେ ଦଳକୁ ପ୍ରସ୍ତାବ ପାରିତ କରି ଅନ୍ୟ ଦଳ ସହ ମିଶ୍ରଣ କରିବାକୁ ପଡ଼ିବ; କୌଣସି ସାଂସଦ ବ୍ୟକ୍ତିଗତ ଭାବେ ଅନ୍ୟ ଦଳରେ ମିଶିପାରିବେ ନାହିଁ। ତେବେ ସୋମବାର ଏହା ଉପରେ ଆଲୋଚନା କରିବା ପରିପ୍ରେକ୍ଷୀରେ ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ୍ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ ଏବଂ ବିଜେପି ତଥା ୭ ସାଂସଦଙ୍କ ସାମୂହିକ ଯୁକ୍ତି ତଥା ଅନୁରୋଧକୁ ଦୃଷ୍ଟିରେ ରଖି ସେମାନଙ୍କୁ ବିଜେପି ସାଂସଦ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି।

ଆପ୍‌ର ୧୦ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ରାଘବ ଚଡ୍ଢା, ଅଶୋକ ମିତ୍ତଲ ଏବଂ ସନ୍ଦୀପ ପାଠକ ଶୁକ୍ରବାର ଦିନ ବିଜେପି ସଭାପତି ନିତିନ ନବୀନଙ୍କୁ ଭେଟି ଦଳରେ ସାମିଲ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଦଳ ନିଜର ମୂଳ ନୀତି ଆଦର୍ଶରୁ ବିଚ୍ୟୁତ ହୋଇଛି। ଏହାପରେ ବାକି ୪ ସାଂସଦ ମଧ୍ୟ ବିଜେପିରେ ସାମିଲ ହୋଇଥିବା ଗଣମାଧ୍ୟମ ରିପୋର୍ଟ ସାମ୍ନାକୁ ଆସିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ସାଂସଦମାନେ ଶୁକ୍ରବାର ଦିନ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଆବେଦନ କରି ନିଜକୁ ବିଜେପି ସାଂସଦ ଭାବେ ମାନ୍ୟତା ଦେବାକୁ ଅନୁରୋଧ କରିଥିଲେ, ଯାହାକୁ ଏବେ ଗ୍ରହଣ କରାଯାଇଛି।

## ସିକ୍କିମ୍‌ର ୫୦ତମ ପ୍ରତିଷ୍ଠା ଦିବସ ଉତ୍ସବ

# ଗାଙ୍ଗଟକ୍‌ରେ ପ୍ରଧାନମନ୍ତ୍ରୀ ମୋଦୀ

**ଗାଙ୍ଗଟକ୍,୨୭।୪/ଏଜେନ୍ସି:** ସିକ୍କିମ୍‌ର ୫୦ତମ ରାଜ୍ୟ ପ୍ରତିଷ୍ଠା ଦିବସ ଉତ୍ସବରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ରାଜଧାନୀ ଗାଙ୍ଗଟକ୍ ପହଞ୍ଚିଛନ୍ତି। ସେଠାରେ ତାଙ୍କୁ ଅତି ଭବ୍ୟ ଓ ଉତ୍ସାହଜନକ ସ୍ୱାଗତ କରାଯାଇଛି। ପ୍ରଧାନମନ୍ତ୍ରୀ ଗାଙ୍ଗଟକ୍‌ରେ ଏକ ବିଶାଳ ରୋଡ୍-ସୋ ମଧ୍ୟ କରିଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ପାଲଜୋର ଷ୍ଟାଡିୟମରେ ୫୦ତମ ପ୍ରତିଷ୍ଠା ଦିବସର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ। ଏହି ଅବସରରେ ସେ ୪,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଏହି ପ୍ରକଳ୍ପଗୁଡ଼ିକ ସିକିମ୍‌ର ଭିତ୍ତିଭୂମି, ଗମନାଗମନ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଶକ୍ତି, ପର୍ଯ୍ୟଟନ ଏବଂ କୃଷି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra